To,

The Editor, Utkal Dipika.

Sir,

I was considerably interested to read the Hon'ble. Mr. Das's speech in Bengal Council in connection with the Excise Bill. The protest has come very opportunely. Feeling is high, of what I know, against the restrictions which have been put on a really innocuous and harmless thing called the Gurjat Ganja. None is so competant as our *redoubtable Mr. Das to speak* on the subject. He knows the people for whom he fought and their habits. Nothing is too true when he spoke of the "censorship over the tas te of the people" and he did not say a word more or less when he emphasised upon the existing state of things. He said "the middle and rich classes, especially among the residents of Puri, who use Ganja as a drink, pay fabulous prices for the smuggled article". The habit for a draught of bhang is shared more or less by all classes of people, and mostly by the higher classes. What rules and regulations then can eradicate a habit acquired or rather handed down with mother's milk from generation to generation and one can say without exaggerations that it is a habit as old as the Great Temple or is perhaps prehistoric-Synchronous with the caves of the Khandagiri.

The intention of the Government is no doubt good and the restrictions have been placed with the best of motives. But of what value are your intentions and objects if they are founded on erroneous or incorrect datas. What is worse still, if those who are vitally interested in the matter do not understand what you mean, the worse comes to worst when they misinterpret in the most grelıgious manner possible.

The present restrictive or prohibitive measures are worked and we know the instrumentality through which they are so done what is the result "a systematic evasion" as Mr. Das has said and a *stoic* determination to procure the Garjat stuff at any risk and cost. The Puri wala must have his delicious bhang. He relishes it as a sweet beverage nothing to be compared with. It is used as an intoxicating drug, as a potation for health at once recuperative and creative. He begins his daily life with it, offers it to his God and next serves himself. It is a necessity of his life. Young and old, rich and poor, require it and have it. But nothing like Garjat ganja what is the "Rajshahi filth" to the Ghumsar pati. Rajshahi ganja is likened to rotten fish spawn and is therefore eschewed. Garjat ganja he must have. The rules exist and the machinery works but neither have till now been preventive nor deterrent. Habit dies hard and life's necessity seeks its own ways and means. Smuggling is encouraged and patronized generally if not universally. *In one out of nine* the smuggler renders his reckoning. The Excise Mill is then set to grind but does it grind well? It grinds the small frics the bigger ones escape the Mill's jaws. Retailers are poor victims but the wholesale man sits snapping his fingers. One laughs in his sleeves when he happens to watch a prosecution of such cases before a Magistrate. Conviction is a rule and obtains high marks rightly, of course but a conviction by fine is twice welcomed. Fine is a reward to the successful detective and is a safety valve to the smuggler who loses nothing because in the end it tantamounts to the selling of the stuff to a third party in cash. The penalty therefore does not touch his pocket. Ten to one smuggling goes on as a rule.

Mr. Das perhaps knows that not of late, the most inveterate bhang takers and people who earn by seasonal windfalls and spend as they earn, have taken to strong drinking which they would not have incurred were it not for the leave of the Excise rules.

Government means well but it is short sighted. If revenue is its end, make an experiment, give a trial to the import of the Garjat ganja and see if there is a rise or fall. If good of the people is another object; let them have what they want, what they had before. They want to pay for it. Levy duty; impose by all means all restrictions to keep them back from over indulgence. But let them have the stuff they are used to and from which they were deprived, because, as Mr. Das said "no one stopped to enquire whether there was any similarity between Cooch Behar and the Tributary States of Orissa." Mr. Das knows but too well that even the Tributary Chiefs, though some of them yielded to the tinkling allurements of increase in revenue, did not give their consent freely or unreservedly.

Mr. Das's speech has stirred the people, here and of the feeling here Mr. Geake had better come and know. You make your rules and it is for me to observe; the ways and means are therefore mine. If I am not mistaken, the people are going to move in the matter and they have every confidence in Government which if convinced of facts will do them justice. But it is so hard to convince. Better to try and as the iron is now hot poor old *bhang* ought not to miss the opportunity to strike. Puri feels indebted to Mr. Das and wishes him good speed.

Puri 4—8—09 } An Echo

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ପଦ୍ମଲୋଚନ ସେନା | ଅନୁଗୋଳ | ୪ • |
| „ ଅଭୟଚରଣ ପଟ୍ଟନାୟକ | ରଘୁନାଥପୁର | ୪ • |
| „ ଗୋପୀନାଥ ସମନ୍ତରାୟ ଗ୍ରହୀତା ପୁରୀ | | ୪ • |
| „ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଦାସ | କଟକ | ୪ • |
| ସଭା । ଶ୍ରୀ । ପୁରୀ | | ୪ • |
| ବାବୁ ଶ୍ରୀ ସନାତନ ମିଶ୍ର | ଗୋପାଳପୁର | ୪ • |
| „ ଦେବେନ୍ଦ୍ରନାଥ ଘୋଷ | ବାଲେଶ୍ୱର | ୪ • |
| „ ବାଞ୍ଛାନିଧି ଷଡ଼ଙ୍ଗୀ | ସର୍ଗଡ଼ | ୪ • |
| „ ଉପେନ୍ଦ୍ର ମହାନ୍ତି | ଖଟଦ | ୪ ୨ |
| „ ଯଥାଶାସ୍ତ୍ର ଦାସ | ଜୋରାପ | ୪ ୨ |
| „ ଶମ୍ଭୁନାଥ ଦାସ | ମହାଜନ ଭଦ୍ରକପୁର | ୪ • |
| „ ବାମନ ଦାସ | ଜଗନ୍ନାଥପୁର | ୪ • |
| „ ରାମ ଚନ୍ଦ୍ର ଦାସ | ଦେଉଳାଗ୍ରାମ | ୪ • |
| „ ଠାକୁର ଦାସ | ଜଲେଶ୍ୱର | ୪ • |
| „ ଏନ, କେ, ସ୍ୱାମୀ | ଗୋବିନ୍ଦପୁର | ୪ • |
| „ ରମାକାନ୍ତ ତ୍ରିପାଠୀ | ଗୋପ | ୪ • |
| „ ସୁନ୍ଦର ଦାସ | ଜଟନି | ୪ ୨ |
| „ ଲକ୍ଷ୍ମଣ ଶିଂ | „ | ୪ ୨ |
| „ ଜଗନ୍ନାଥ ସମନ୍ତ ସିଂହ | ବାଣପୁର | ୪ • |
| „ ଗଙ୍ଗାଧର ମହାନ୍ତି | ଜଳାପଥର | ୪ • |
| ସେକ୍ରେଟରୀ ହେଡ଼ମାଷ୍ଟର ସଭା | | ୪ • |
| ବାବୁ ଶ୍ରୀ ଗୋପୀନାଥ ଦାସ | ମଣିପଡ଼ା | ୪ • |
| „ ସନାତନ ସାମନ୍ତ | ଧର୍ମଶାଳାପୁର | ୪ • |
| ସେକ୍ରେଟାରୀ ମହୋଦୟଙ୍କ ଦରଖାସ୍ତ ଅଫିସ | | ୪ • |
| ବାବୁ ଶ୍ରୀ ଅଭୟ ରାଉ ସାହୁ | ଭିନ୍ନଗ୍ରାମ | ୪ • |
| „ ନୀଳମଣି ମହାନ୍ତି | ଯଶବନ୍ତପୁର | ୪ • |

## ବିଜ୍ଞାପନ ।

ନୂତନ ଉପନ୍ୟାସ ପ୍ରକାଶ ! ନୂତନ ଉପନ୍ୟାସ ପ୍ରକାଶ !! ନୂତନ ଉପନ୍ୟାସ ପ୍ରକାଶ !!!

# ପୁଲିସ କୌଶଳ ।

ମୂଲ୍ୟ—୪ ୦ ୵

ଉକ୍ତ ପୁସ୍ତକ ଶୀଘ୍ର ।

ଗତ୍ତବ ବର୍ଷ ଭାଗ ମାଂସ ଦ୍ୱାରା ନେଜା ଅବସର ୪ ୦ ୵ ୨ ମୂଲ୍ୟର ଉପନ୍ୟାସ ସଂଗ୍ରହ ଲେଖକଙ୍କର ପକ୍ଷେ ପ୍ରକାଶ ହେବ ।

ଶ୍ରୀ ଉପେନ୍ଦ୍ରକୁମାର ସଂଘ ପ୍ରଣୀତ ।

ଭୀଷଣ ହତ୍ୟାକାଣ୍ଡ । ରହସ୍ୟପୂର୍ଣ୍ଣ ବ୍ୟାପାର ଉପନ୍ୟାସ ଶେଷରେ ଜଣେ ଦୁଷ୍ଟଲୋକ ର ଗୁପ୍ତ କରି ଓ ପଦେ ନିସ୍ୱାସରେ ... ନିମନ୍ତେ ପ୍ରକାଶ କରିବା ପାଇଁ ଠିକ ପୁଲିସର ଡାକ୍ତରଖାନାରେ ରହୁଥିବା ଅଧିକାଂଶ ଲୋକ ପ୍ରତ୍ୟକ୍ଷ ଦେଖି ସେ ପ୍ରକାର କରିଥିଲେ, ସେ ସମସ୍ତ ଅତି କୌଶଳର ସହିତ ଲିଖିତ ହୋଇଅଛି । ପୁସ୍ତକ ନ ପଢ଼ି-ବାଲୁ ଅକସ୍ମାତ ଶେଷ ନ ହେବା ପର୍ଯ୍ୟନ୍ତ ମନ ଉଠେ ନାହିଁ । ଘଟନା ସମୂହ ନୂତନ ଜାଣିବାରେ ପାଠକ ଉତ୍ସୁକ ହେବେ ।

ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନ ଓ କଟକର ଅନ୍ୟାନ୍ୟ ପୁସ୍ତକାଳୟ ଏବଂ ଲେଖକର—ଶ୍ରୀ ଉପେନ୍ଦ୍ରକୁମାର ସଂଘ ଗଣେଶ ଘାଟ, ପୋଷ୍ଟ ଅଫିସ [illegible] କଟକ,

Split by PDF Splitter



NOTICE.

Wanted a Head Clerk and Sheristadar for the Office of the Commissioner of the Orissa Division on a salary of Rs 120 rising to Rs 200 by annual increments of Rs 8.

Applications will be received by the undersigned up to the 31st August 1909.

Cuttack, The 17th August 1909 } E. V. Levinge, Commissioner, Orissa Division

---

WARNING

I will not hold myself responsible for any debts from 1—8—09 incurred by Mrs. M. G. Ridsdale now living at Cuttack as she is allowed an allowance monthly.

A. S. B. RIDSDALE.

---

Wanted an Uriya-knowing Sub-Inspector of Schools for the District of Singhbhum, on a salary of Rs. 50 a month, besides travelling allowance at the rates admissible under the Civil Service Regulations. Though preference will be given to graduates, nevertheless, Uriya candidates, who have passed the F. A. Examination, are eligible for the appointment.

Applications with testimonials will be received by the undersigned up to the 20th August 1909.

Purulia, 1-8-09 } John Arthur Cunningham, Inspector of Schools, Chota Nagpur Division.

---

Wanted a Sub-overseer for this District Board on a salary of Rupees thirty ( 30 ) plus Rs. 15 Horse allowance. No one need apply who is not qualified under Government Rules and have no experience in Roads and Buildings works for at least three years.

Applications will be received from qualified candidates upto 10th September 1909. The candidates will have to join positively on 30th. September 1909.

Cuttack District Engineer's Office, 12—8—1909 } Nagendra Nath Mitra, District Engineer, Cuttack.

---

## ବିଜ୍ଞାପନ ।

ଛ ମହଣ ଚିନାବାଦାମ ରାଜସର୍କାରଙ୍କ ବୃଷ ବଜେଟରେ ବିକ୍ରି ହେବ—୧୦।୯।୦୯ ପର୍ଯ୍ୟନ୍ତ ଟେଣ୍ଡର ଦେଇ ପାରନ୍ତି ।

Dhenkanal, 14-8-1909 } Sriram Chandra Bose. Dewan

---

## ବିଜ୍ଞାପନ ।

ଅଷ୍ଟାଦଶ ପୁରାଣ ମଧ୍ୟରେ ଭାଗବତ ପୁରାଣ ଗୋଟିଏ ପ୍ରଧାନ ପୁରାଣ । ଏଥିରେ ଶ୍ରୀଶ୍ରୀ ମହାଦେବ ପରମ ଭକ୍ତ ଦେବର୍ଷି ନାରଦଙ୍କୁ ପରମ ତତ୍ତ୍ୱଜ୍ଞାନ ଓ ଭକ୍ତିରସ ଶିକ୍ଷା ଦେଇଅଛନ୍ତି । ହନ୍

ମାନଙ୍କର ପୂଜା, ଜପଆଦର ବିଧି; ତ୍ରୈଲୋକ୍ୟମଙ୍ଗଳ କବଚମାନ । ଶ୍ରୀକୃଷ୍ଣ, ଶ୍ରୀଗୋପାଳ ଓ ଶ୍ରୀଯୁଧିଷ୍ଠିରଙ୍କର ସହସ୍ରନାମ, ସାହ ହନୁମାନଙ୍କର ନ ଶିବାର ହୃଦୟ, ତାହା ଏଥିରେ ସନ୍ନିବେଶିତ ଅଛି । ଅନେକ ବହୁ ଆୟାସ ଓ ଅର୍ଥ ବ୍ୟୟରେ ମୂଳ ସଂସ୍କୃତରୁ ସାଧାରଣଙ୍କ ବୋଧଗମ୍ୟ ସହଜ ସରଳ ପଦ୍ୟରେ ଅନୁବାଦ କରି ଏହା ସ୍ୱଳ୍ପ ମୂଲ୍ୟରେ ପ୍ରକାଶ କଲୁଁ । ଗ୍ରନ୍ଥ ଖଣ୍ଡି ପୃ ୨୨୮ ସ୍ଥାନରେ ସମାପ୍ତ ହୋଇଅଛି । ମୂଲ୍ୟ ଟ ୧୮ ଙ୍କା ମାତ୍ର ।

ଏ ଗ୍ରନ୍ଥ ଓଡ଼ିଶା ପ୍ରେଥଂଟ, ପ୍ରିଣ୍ଟିଂକୋମ୍ପାନିଙ୍କର ଓ ଅରୁଣୋଦୟ ସଭାଳୟମାନଙ୍କରେ ଏବ ପ୍ରକାଶକଙ୍କ ନିକଟରେ ପ୍ରାପ୍ୟ ।

କଟକ, କାଜିବଜାର, ୯।୮।୦୯ } ଶ୍ରୀ କାର୍ତ୍ତିକ ଚନ୍ଦ୍ର ସାହୁ ଦେ ଧୁ, ପ୍ରକାଶକ ।

---

ନୋଟିସ ।

ନରସିଂହପୁର ନଜଗଡ଼ ବାଳକ ବିଦ୍ୟାଳୟ ସକାଶ ଜଣେ ଶିକ୍ଷୟିତ୍ରୀ ମାସିକ ଟ ୧୫୲ ବେତନରେ ଆବଶ୍ୟକ, ଏବ ସେ ମଧ୍ୟ ରାଜସର୍କାରରୁ ବିନା ଭଡ଼ାରେ ବାସଗୃହ ପାଇବେ, ଏବ ସ୍କୁଲର ଉନ୍ନତି ଦେଖାଇଲେ ଭବିଷ୍ୟତରେ ଦରମା ବୃଦ୍ଧି ବିଷୟ ବିଚାର କରାଯିବ । ମିଡ଼ିଲବର୍ଣ୍ଣାକ୍ୟୁଲର ପରୀକ୍ଷୋତ୍ତୀର୍ଣ୍ଣା ଓ କିଣ୍ଡରଗାର୍ଟେନ ଶିକ୍ଷା ଜାଣିଥିବା ଶିକ୍ଷୟିତ୍ରୀଙ୍କର ଆବେଦନ ଗ୍ରାହ୍ୟ ହେବ । ପ୍ରଶଂସା ପତ୍ର ସହିତ ଦରଖାସ୍ତମାନ ଉକ୍ତମାସ ତା ୩୧ ରିଖ ମଧ୍ୟରେ ଅମଠାରୁ ପଠାଇବା ବାଞ୍ଛନୀୟ ।

S. C. M. H. Mahapatra.
Rajah and Feudatory Chief of Narsingpur.
14-8-09 Nursingpur Raj office.

---

## ବିଜ୍ଞାପନ ।

ବୈଦ୍ୟୁତିକ ରକ୍ଷା ମାଦୁଳି ।

ଏହା ଧାରଣ କଲେ ସ୍ମୃତିଶକ୍ତିହାନି, ଧାତୁଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟେରିଆ, ଶ୍ୱାସ, କାଶ ପ୍ରଭୃତି ପୀଡ଼ା ନିର୍ଦ୍ଦୋଷ ହୋଇ ଆରୋଗ୍ୟ ହେବ । ସ୍ତ୍ରୀଲୋକଙ୍କର ବନ୍ଧ୍ୟାତ୍ୱ ଓ ଯାବତୀୟ ଜରାୟୁର ପୀଡ଼ା ଆରୋଗ୍ୟ ହୁଏ । ସହସ୍ର ସହସ୍ର ପ୍ରଶଂସାପତ୍ର ଅଛି, ପରୀକ୍ଷା ପ୍ରାର୍ଥନୀୟ ।

ମୂଲ୍ୟ ପ୍ରତି ମାଦୁଳି ଟ ୧।୰ ମାତ୍ର

ଶ୍ରୀ ଭୁବନେଶ୍ୱର ଶର୍ମା ।
୨୪ ନଂ ନିମୁ ଗୋସ୍ୱାମିର ଲେନ
( କଲିକତା । )

NOTICE

Is hereby given that Bunglow No. 22 Situate in Cuttack cantonment ground near sudder Post office in front of the Cantonment Musjed belonging to late Haji Mohomed Attas Haji Cassim will be soldd by publick auction to any highest bidder at 10 A.M. on Sunday the 29th instant intending purchasers are respectfully requested to attend. The purchaser shall have to deposit Rs. 10 per cent immediately the bid is knocked down, the balance payable within 8 days.

Buxibazar Cuttack 20-8-09 } Hashamali Mohomed Commission Agent

---

## ଉତ୍କଳଦୀପିକା ।

A correspondent has sent us the following interesting dialogue between a News paper representative and a publican.

News Rep. Why have you stopped your advertisements in our paper ?

Pub. You condemn Excise Revenue.

News Rep. But income from advertisement is not revenue; it is private income. You don't seem to know the difference. Revenue is available for any public purpose; our income is not. You can't expect us to spend our income in maintaining Schools and hospitals.

Pub. You consider the drink question a private personal matter.

News.Rep. Exactly so;—why should Government have a control over the matter? The public should have the control.

Pub. Who represent the public ?

News Rep. News papers and Municipal Commissioners.

Pub. I see. I shall have to budget for advertisments and canvassing at Municipal elections but this means additional expenses.

News Rep. We can let your advertisments in on easier terms.

---

LOCAL SELF—GOVERNMENT.

There is a general demand for an extension of this principle to the several branches of administration. The demand has been made for a long time. The prospects for a compliance with the demand seem bright and near. It is therefore desirable that we should realize our responsibilities, estimate the nature of the new burden, and form a clear idea of the benefits

Digitized by srujanika@gmail.com

Split by PDF Splitter



of the new administration under the influence of the self-governing principle.

The heading of this article consists of two words; we shall take up the second for analysis and discussion in today's issue.

In its ordinary acceptance the word Government connotes a controlling authority in one and a correlative submission in another. In self-government the governor and the governed are *united in the same person* or body. It is the most difficult form of government *from the governor's point of view*. Every man can excercise power over others, provided he is armed with authority to punish resistance to his authority. Arm a man with power to punish disobedience to his orders and laws, and he can rule over others. The world's history furnishes examples of despots and tyrants over millions In these cases the submission by the subject is not the sequence of moral obligation but of physical necessity. But physical power is of no avail when a person unites in him the ruler and the ruled. In self government the same person both makes the rules and complies with the rules.

Judged as an abstract proposition self-government ought to be the simplest in *conception, easiest of execution* and the least expensive form of government. To make rules and laws for one's own guidance appears the easiest and simplest form of legislative *work*. There is *no conflict* of opinion, no conflicting interests to be considered. You draft your Bill and you pass it.

But we break the rules made by ourselves oftener than rules made by Government. Many who have never been arraigned before a Magistrate for offences under the Penal Code have been convicted by the tribunal of conscience for breach of rules made by themselves. What then is the reason for this failure in practical application of what seemed so hopeful of success as a theory? The answer to this question is to be found in the merger of the executive in the legislative authority.

These are the difficulties of the principle of self-government on its application to individual life, but the *problem assumes more complicated* form when it is sought to apply the principle to a community or an organised body. In the latter case the recognition of the priniciple of representation is an absolute necessity. The representative is vested with the sum total of the ruling power of the several individuals in the community while the moral obligation to submission remains unabated in each individual of the community. The ruling element is brought to a focus, the subject element remains diffused over the original area.

The success of a Government is in an *inverse ratio to the resistance to its* laws. When the resistance outweighs the moral obligation to submission, the necessity for enforcement by physical force arises. This is the beginning of despotism. Despotism is born in the border line of voluntary submission and physical force.

For the *sake of convenience* we shall use the terms subjective and objective to signify the two sources of law. When the *ego* is the source of the law it is subjective government, when that source is outside *ego* it is objective. This is so in the case of the *individual*. For phraseological convenience we ask permission of our readers to use these terms when speaking of communities and organised bodies. We have shown that in the subjective form of Government the enforcement is ineffective. It fails when it ought to succeed best. The resistance is greater in this case than under the objective system.

The question naturally suggests itself "why is this so"?

A man fails to carry out his resolutions because when making them he does not take into account some opinion or matter which though apparently not connected with the subjectmatter of his resolution is in actual conflict with it, and this conflict *is not perceived till an attempt is made* to give effect to the resolution.

If it is difficult in one's own case to determine the border line between voluntary submission and resistance, *how much more difficult it is* to do this when it involves the ascertainment of the probable mental attitude of other people. This border line cannot be defined in abstract terms *so as to make any definition* applicable to human nature generally. It varies ; and local conditions of life, among other things, influence the variation. Human nature will render loyal support and submission to certain laws; but there are laws which can be enforced without resistance in one country and yet will not be tolerated in another conntry. The advantages of the representative system are that the people are required to submit to laws made by their own representative, and the representative is expected to know whether a measure will commend itself to the whole community he represents or will be unpopular with a certain section of that community. No system of Government which tries to enforce the opinion of one *section of a community over* another, where there is any difference of opinion, is representative in the proper sense. Such a system is partly representative and partly despotic. The secret of successful legislation lies in hitting upon a line of no resistance or least resistance. Conflicting opinions must be taken into account in chalking out the line of legislation. To ignore either of two conflicting opinions is to assume the attitude of the despot. A *modus vivendi* between two conflicting opinions is *desirable*. *Suppose* some people in a community consider a thing obnoxious and demand its extirpation; but it has the support of another section, what should be the duty of a *representative* Government *under* such circumstances ? Not to extirpate it in response to the wishes of one section but to find an equitable adjustment of the rights of the two parties. The danger in the early stage of representative government arises from a tendency in the representative to manifest an arbitrary attitude. The first step towards this is an omission to attach due importance to contrary views. The growth of this principle in a representative government amounts to the development of a constitutional despotism which is worse than the state of things which we complain of. We hope to resume this subject in a future issue.

---

ଗତ ତା ୭ ଉଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଳେଗରୋଗରେ ୯୩୮ ମୃତ୍ୟୁ ହୋଇଥିଲା । ତହିଁରେ ବମ୍ବେଇ ୨୨୨, ମାନ୍ଦ୍ରାଜ ୧୩୯, ଯୁକ୍ତପ୍ରଦେଶ ୨୩୨, ବର୍ମା ୧୧୩ ଓ ମଧ୍ୟଭାରତ ୮୪ ଧର୍ତ୍ତବ୍ୟ ଅଟେ । ତହିଁ ପୂର୍ବ ସପ୍ତାହର ଅଙ୍କ ଥିଲା ୭୦୯ । ପ୍ଳେଗର ହ୍ରାସ ବଢ଼ି ବାର ଦେଖାଯାଏ ।

---

ଗତ ତା ୭ ତାରିଖରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବବଙ୍ଗରେ ୭, ଯୁକ୍ତପ୍ରଦେଶରେ ୧୮୦୧୯ ଏବଂ ବମ୍ବେଇରେ ୯୩ ସାଏ ୧୮୧୧୭ ଜଣ । ପୂର୍ବ ସପ୍ତାହର ଅଙ୍କ ଥିଲା ୪୦୮୪୦ । ହାସ୍ପିଟ ସାହାଯ୍ୟ ଉଠିଯାଇ ଏଣିକି କେବଳ ଖଏରାତ ଦିଆଯାଉଅଛି । ସାହାଯ୍ୟ ସଂଖ୍ୟା କମିଯିବା ଦେଶର ଅବସ୍ଥାର ଶୁଭ ଚିହ୍ନ ।

---

ବୋମ୍ବାଇ ଅଞ୍ଚଳ ସୁରଟ ଜିଲାଠାରେ ଗତମାସ ତା ୨୪ ରଖରେ ସ ୮ ଘଣ୍ଟା ମଧ୍ୟରେ ଏଗାରଇଞ୍ଚ ଜଳ ବୃଷ୍ଟି ହୋଇ ଏମନ୍ତ ଜଳବୃଦ୍ଧି ହେଲା ଯେ ସର୍ବାପେକ୍ଷା ଅଧିକ ପୁରୁଣା ବଢ଼ି ଉପରେ ୪ ଫିଟ ଜଳ ଅଧିକ ହୋଇଗଲା । ଏଥିରେ ନଗରର ଅର୍ଦ୍ଧେକ ଜଳମଗ୍ନ ହେଲା ଏବଂ ତ ୮୩ ଣ ଗରୀବ ପରିବାର ସର୍ବସ୍ୱାନ୍ତ ହୋଇ ନିଃସହାୟ ଅବସ୍ଥାରେ ପଡ଼ିବାରୁ ତାଙ୍କର ସାହାଯ୍ୟ ନିମିତ୍ତ ସେଠା ଲୋକେ ଚାନ୍ଦା ଉଠାଉଅଛନ୍ତି ।

---

Digitized by srujanika@gmail.com

Split by PDF Splitter



ଏ ବର୍ଷ ଏ ପର୍ଯ୍ୟନ୍ତ ବୃଷ୍ଟି ଉତ୍ତମରୂପେ ପାଇବାରୁ ଏତଦ୍ଦେଶରେ ବିଆଳି ଧାନ ଉତ୍ତମ ହୋଇଅଛି ଏବଂ ସେଥି ଯୋଗୁଁ ଚାଉଳ ମଧ୍ୟ କିଛି ଶସ୍ତା ହେବାର ଆରମ୍ଭ ହେଲାଣି । କୃଷିମାନେ ଅନେକ ସ୍ଥାନରେ ବିଆଳି କାଟି ନୂଆ ଖାଇ ସାରଲେଣି ଏବଂ ନାନା ସ୍ଥାନରେ କଣ୍ଟା କଟି କାର୍ଯ୍ୟ ଲାଗିଅଛି । ଶାରଦ ଧାନର ଅବସ୍ଥା ମଧ୍ୟ ଭଲ ଅଛି । ଗତ କେତେକ ଦିନ ବୃଷ୍ଟି ଛାଡିଯିବାରୁ ଫସଲ ପକ୍ଷେ ଯେମନ୍ତ ଉପକାର ବିଆଳି କାଟିବା ପକ୍ଷେ କୃଷିଙ୍କି ସେମନ୍ତ ସୁବିଧାଜନକ ହୋଇଥିଲା । ଗତ ସୋମବାର ଦିନରୁ ପୁଣି ମେଘ ବାହାରିବା ସୁଖର ବିଷୟ ।

———

ଗତ ମାସ ତା ୧୨ ରିଖରେ ମାନ୍ଦ୍ରାଜଠାରେ ବହୁପତ୍ନୀଯୁକ୍ତ ମୁସଲମାନ ବା ହିନ୍ଦୁଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ କରିବା ବିଷୟ ଆଲୋଚନା କରିବା କାରଣ ପାଦ୍ରିମାନଙ୍କର ଏକ ସଭା ହୋଇଥିଲା । ଜଣେ ବକ୍ତା ପ୍ରକାଶ କଲେ ଯେ ସେ ଜଣେ ପତ୍ନୀ ଛଡ଼ା ଅନ୍ୟ ପତ୍ନୀଙ୍କି ଛାଡ଼ପତ୍ର ଦେଲେ ତାଙ୍କୁ ଦୀକ୍ଷା ଦିଆଯିବ ମାତ୍ର ଅନ୍ୟ ଜଣେ କହିଲେ ଯେ ସମସ୍ତ ପତ୍ନୀମାନେ ତାଙ୍କ ସହିତ ଖ୍ରୀଷ୍ଟିୟାନ ହେବାକୁ ସମ୍ମତ ଥିଲେ ସେ ତାହାଙ୍କୁ ଛାଡ଼ପତ୍ର ଦେବେ ? ଏହିରୂପ ବାଗ୍ ବିତଣ୍ଡାରେ କିଛିହେଁ ନିଷ୍ପତ୍ତି ନ ହୋଇ ସଭା ଭାଙ୍ଗିଗଲା । ଆମ୍ଭେମାନେ କହୁଁ ହିନ୍ଦୁ ଓ ମୁସଲମାନଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷା ଦେବା କାର୍ଯ୍ୟ ଛାଡିଦେଲେ ସବୁ ଦ୍ୱନ୍ଦ ତୁଟିଯିବ ।

———

ବର୍ତ୍ତମାନ ସ୍ଥିର ହୋଇଅଛି ଯେ ଅସ୍ମାନଙ୍କର ମହାମାନ୍ୟ ବଡ଼ଲାଟ ମହୋଦୟ ଆଗାମୀ ଅକ୍ଟୋବର ମାସ ତା ୨୫ ରିଖରେ ସିମଲାରୁ ଯାତ୍ରା କରି ଅଲବାର, ଜୟପୁର, ଉଦୟପୁର, ଗୁଆଲିଅର, ଭୂପାଲ, ଅହମଦାବାଦ ଓ ବରୋଦା ହୋଇ ନବେମ୍ବର ମାସ ତା ୧୨ ରିଖରେ ବୋମ୍ବାଇଠାରେ ପହୁଞ୍ଚିବେ । ପରେ ବୋମ୍ବାଇଠାରୁ ତା ୨୦ ରିଖରେ ବାହାରି ବିଜାପୁର, ମହୀଶୂର, ଶିରଙ୍ଗାପତନ, ବଙ୍ଗାଲୋର, ମଦୁରା, ତ୍ରିଚିନାପଲ୍ଲୀ, ତାଞ୍ଜୋର ହୋଇ ଦିସେମ୍ବର ମାସ ତା ୯ ରିଖରେ ମାନ୍ଦ୍ରାଜରେ ପ୍ରବେଶ ହେବେ । ସେଠାରୁ ତା ୧୩ ରିଖରେ ଯାତ୍ରାକରି କଲିକତାଠାରେ ତା ୧୫ ରିଖରେ ଉପଗମନ ହେବେ । ମହୀଶୂରଠାରେ ମହାମାନ୍ୟଙ୍କର ସ୍ଥିତି ସପ୍ତାହକାଳ ହେବାର ସ୍ଥିରହୋଇଅଛି ଏବ ସେଠାରେ ଥିବା ସମୟରେ ଖେଦା କରି ହାତୀ ଧରାଯିବ ।

—※—

ମଦନ ଲାଲ ଧିଙ୍ଗଡ଼ାର ପାଣିଦଣ୍ଡ ପୂର୍ବ ନିର୍ଦ୍ଦେଶମତେ ଗତ ମାସ ତା ୧୭ ରିଖରେ ବିଲାତର ଜେଲଖାନାରେ କାର୍ଯ୍ୟରେ ପରିଣତ ହୋଇଥିବାର ସମ୍ବାଦ ଆସିଅଛି । ତାହାର ପ୍ରାଣ ଦଣ୍ଡ ପରିବର୍ତ୍ତେ ଯାବଜ୍ଜୀବନ କାରାଦଣ୍ଡ ହେବ, ନିମିତ୍ତ ଯେଉଁ ପ୍ରାର୍ଥନା ହୋଇଥିଲା ଏବ ଧିଙ୍ଗଡ଼ା ସ୍ୱୟଂ ତାହାର ମୃତଶରୀର ଦାହ ହେବା ସକାଶେ ଯେଉଁ ଆବେଦନ କରିଥିଲା ସେ ସମସ୍ତ ଅଗ୍ରାହ୍ୟ ହୋଇ ତାହାକୁ ଜେଲଖାନା ମଧ୍ୟରେ ଫାଶି କାଠରେ ଝୁଲାଇ ଦିଆଗଲା । ଫାଶି ମଞ୍ଚ ଉପରକୁ ଧିଙ୍ଗଡ଼ା ଅବିଚଳିତ ଭାବେ ଚାଲି ଯାଇଥିଲା ଏବ ଜେଲଖାନା ବାହାରେ ସମ୍ବାଦ ନେବା କାରଣ କେତେକ ଜଣ ସାହେବ ଛଡ଼ା କୌଣସି ଦେଶୀୟ ଲୋକେ ଉପସ୍ଥିତ ନ ଥିଲେ । — ଯେମନ୍ତ କର୍ମ ତେମନ୍ତ ଫଳ ।

———

ଏଠା କାଠଯୋଡ଼ି ନଦୀ ଗର୍ଭସ୍ଥ ପଥର ପାହାଡ଼ରେ ଲୋକେ ବାହାରକୁ ଯିବା ସ୍ଥାନେ ଏମନ୍ତ ମଇଳା କରିଅଛନ୍ତି ଯେ ତାହା ଉପରେ ଭଦ୍ରଲୋକଙ୍କର ବୁଲିବା କଷ୍ଟକର ହୋଇଅଛି । ପୂର୍ବେ ମିଉନିସିପାଲିଟିର ଏଥିପ୍ରତି କଡ଼ା ଦୃଷ୍ଟି ଥିବାରୁ ପାହାଡ଼ ସଫା ଥିଲା । ଭରସା କରୁଁ ଅସ୍ମାନଙ୍କର ନୂତନ ଭାଇସଚେୟାରମାନ ଏଥିପ୍ରତି ବିଶେଷ ଦୃଷ୍ଟି ରଖିବେ । କାଠଯୋଡ଼ି ନଦୀ ଭଦ୍ରଲୋକଙ୍କର ବୁଲିବାର ପ୍ରଧାନ ସ୍ଥାନ ଏବ ଅନେକ ଲୋକେ ନଦୀ ଜଳ ସ୍ନାନ ପାନ ବ୍ୟବହାର କରନ୍ତି । ଗର ମଇଳା ହେଲେ ଯେ ପାଣି ଦୂଷିତ ହେବ ବୋଲିବା ନିଷ୍ପ୍ରୟୋଜନୀୟ । ଅସ୍ମାନଙ୍କର ନୂତନ ଭାଇସଚେୟାରମାନ ସ୍ୱୟଂ ସହରର ନାନା ସ୍ଥାନ ବୁଲି ଦେଖିବାରେ ଅସ୍ମାନଙ୍କର ସନ୍ତୋଷ ଜନ୍ମିଅଛି । ଅନ୍ୟାନ୍ୟ ଦୋଷ ମଧ୍ୟରେ ଏ ଦୋଷଟି ଶୀଘ୍ର ଦୂର କରିବା କାରଣ ଆମ୍ଭେମାନେ ଏଥିପ୍ରତି ତାଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

—※—

ସନ ୧୯୦୮ ।୦୯ ସାଲରେ ବଙ୍ଗଦେଶର ଷ୍ଟାମ୍ପ ରାଜସ୍ୱ ଏକକୋଟି ୫୯ ଲକ୍ଷ ୨୯ ହଜାର ଟଙ୍କା ଥିଲା । ଗତବର୍ଷର ରାଜସ୍ୱ ଅପେକ୍ଷା ଟ ୧୦୭୨୫୯ ଟଙ୍କା ଅଧିକ ଅଟେ । ମୋଟ ଆୟ ମଧ୍ୟରେ ପ୍ରାୟ ଏକକୋଟି କୋର୍ଟଫିସ ଷ୍ଟାମ୍ପ ଏବ ଅବଶିଷ୍ଟ ସାଧାରଣ ଷ୍ଟାମ୍ପ । ବୃଦ୍ଧି କେବଳ କୋର୍ଟଫିରେ ହୋଇଥିଲା ଏବ ଏହାର ପରିମାଣ ଏକଲକ୍ଷ ୭୭ ହଜାର ଟଙ୍କା ଅନ୍ୟାନ୍ୟ ଜିଲ୍ଲା ମଧ୍ୟରେ କଟକରେ ଟ ୧୫୭୮୪ ଲୁ ବଢ଼ିଥିଲା । ଏଥିରୁ ଦେଖାଯାଏ ଯେ ଅନ୍ନକଷ୍ଟରେ ମୋକଦ୍ଦମାର ସଂଖ୍ୟା ଊଣା ପଡ଼ି ନ ଥିଲା । ମାତ୍ର ଲକ୍ଷାଧିକ ବୃଦ୍ଧିର ପ୍ରଧାନ କାରଣ କଲିକତାରେ କେତେକ ବଡ଼ ଜମିଦାରର ଓସରବ ସାଇଟିଫିକଟ ଫିସ ଅଟେ । ସାଧାରଣ ଷ୍ଟାମ୍ପରେ ୭୯ ହଜାର ଟଙ୍କା ଊଣା ପଡ଼ିଥିଲା । ଏହାର କାରଣ ଅନ୍ନକଷ୍ଟ ଓ ବାଣିଜ୍ୟର ଶିଥିଳତା ଅଟେ । ଷ୍ଟାମ୍ପ ବିକ୍ରେତା ସଂଖ୍ୟା ଥିଲା ୨୮୯୭ ଅର୍ଥାତ ପୂର୍ବ ବର୍ଷଠାରୁ ୧୩ ବଢ଼ିଥିଲା ।

———

ବିଲାତର ଜଣେ ଡାକ୍ତର ଦ ୩୦ ଦିନ କାଳ ଉପବାସ କରି ରହିଥିବା ବିଷୟ ସେଠାର ଚିକିତ୍ସା ସମ୍ବନ୍ଧୀୟ ପତ୍ରିକାରେ ପ୍ରକାଶ କରିଅଛନ୍ତି । ପ୍ରତିଦିନ ସେ ସ ୧୨ । ୧୪ ଘଣ୍ଟା କାଳ ଶୋଉଥିଲେ ଏବ ଅବଶିଷ୍ଟ ସମୟ ମଧ୍ୟରେ ୩୫ ମାଇଲ ଚାଲିବା ଓ ୫½ ମାଇଲ ସାଇକଲ ଅର୍ଥାତ ହାତୁଆ ଗାଡ଼ିରେ ବୁଲିବାରେ କଟାଉଥିଲେ ଓ ସାଧାରଣ ଅଧ୍ୟୟନ ଓ କଥାବାର୍ତ୍ତା କରୁଥିଲେ । ପ୍ରଥମ ତିନିଦିନ ପରେ ତାଙ୍କୁ ଆଉ ଭୋକ ହେଲା ନାହିଁ ମାତ୍ର ସମୟେ ହାତ ଗୋଡ଼ ଥଣ୍ଡା ହୋଇ ଯାଉଥିଲା ଓ ମନ ଉଗ୍ର ହେଉଥିଲା । ଶେଷ ଅଠଦିନ ତାଙ୍କର କୌଣସି ପ୍ରକାର ଚାଲି ବୁଲି କରିବାକୁ ଇଚ୍ଛା ହେଲା ନାହିଁ । ଏହି ସମସ୍ତ ଦିନରେ ସେ କେବଳ ପାଣି ପିଉଥିଲେ ଏବ ଦିନେ ତହିଁରେ ଟିକିଏ ଲୁଣ ମିଶାଇଥିଲେ । ହିସାବର ପ୍ରତିଦିନ ଓଜନରେ ସେ ଅଧସେର ଊଣା ହେଉଥିଲେ । ଏ ପରୀକ୍ଷା ସନ୍ତୋଷ ଜନକ ନ ହେବାରୁ ସେ ଆଉ ଥରେ ପରୀକ୍ଷା କରି ଦେଖିବାର ବାସନା କରିଅଛନ୍ତି । ଅସ୍ମାନଙ୍କ ଯୋଗୀ ଋଷିମାନେ ଯୋଗବଳରେ ବହୁକାଳ ପବନ ଖାଇ ବଞ୍ଚୁଥିଲେ ଏବ ତହିଁ ସଙ୍ଗେ ଏହି ଉପବାସ କାଣ୍ଡ ଆଦୌ ତୁଳନା କରାଯାଇ ନ ପାରେ ।

———

ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ ଇଙ୍କ ସମ୍ବନ୍ଧୀୟ କେତେକ ବିଷୟ ଅସ୍ମାନଙ୍କ ପତ୍ରିକାରେ ଇଂରାଜୀରେ ପ୍ରକାଶିତ ହୋଇଥିବାରୁ ତାହା ଅସ୍ମାନଙ୍କର ସହଯୋଗୀ ଓଡ଼ିଆ ନବସମ୍ବାଦଙ୍କ ବିଷବତ୍ ଲାଗିଅଛି ! ପରନ୍ତୁ ଉତ୍କଳ ଷ୍ଟାରରେ ପ୍ରକାଶିତ ହୋଇଥିବା ଗୁଡ଼ାକ ତାଙ୍କୁ ଅମୃତ ପ୍ରାୟ ଲାଗିଲା ପରି ଜଣା ଯାଏ । ଆମ୍ଭେମାନେ ମାନ୍ୟବର ଦାସ ମହାଶୟଙ୍କର ଯେତେବେଳେ ଦୋଷ ଦେଖିଅଛୁଁ ସେତେବେଳେ ଯେମନ୍ତ ତାହା ପ୍ରକାଶ କରିଅଛୁ ଗୁଣ ଦେଖିଲେ ତେମନ୍ତ ବ୍ୟକ୍ତ କରିଥାଉଁ । ତେବେ ଦାସ ମହାଶୟଙ୍କର ଦୋଷଠାରୁ ଗୁଣ ଅତ୍ୟନ୍ତ ଅଧିକ ଥିବା ହେତୁ ଯେବେ ଅନେକ ସମୟରେ ଆମ୍ଭେମାନେ ତାଙ୍କର ପ୍ରଶଂସା କରୁଅଛୁଁ ତାହା ଅସ୍ମାନଙ୍କର ଦୋଷ ନୁହେ । ବରଂ ସେକଥା ଯାହାକୁ ଭଲ ନ ଲାଗେ ଦୋଷ

Digitized by srujanika@gmail.com

ତାହାର । ମନୁଷ୍ୟର ସ୍ୱଭାବରେ ଦୋଷ ଗୁଣ ଉଭୟ ଅଛି ଏବଂ ଯୋଗ୍ୟତା ଦେଖି ଦୋଷର ବିଚାର କରୁଥାଇ । ସମ୍ପାଦକଙ୍କର ସ୍ତମ୍ଭରେ ନାନା ପ୍ରକାର ଲୋକେ ଲେଖନ୍ତି ଏବଂ ସମ୍ପାଦକୀୟ ସ୍ତମ୍ଭରେ ସୁଦ୍ଧା ନାନା ପ୍ରକାର ଲୋକଙ୍କର ଲେଖା ଥାଏ । ସହଯୋଗୀ ବୃଥା ସ୍ୱପ୍ନ ଦେଖି ବିଳମ୍ବରେ ଉଠିବା ପୂର୍ବରୁ ସାବଧାନ ହୋଇଥିଲେ ଭଲ ହୋଇଥାନ୍ତା । ଆମ୍ଭେମାନେ ଅନେକ ସମୟରେ ପତ୍ରିକାର ସମ୍ପାଦକୀୟ କେତେକ ସ୍ତମ୍ଭ ଇଂରାଜୀରେ ପ୍ରକାଶିତ କରିଅଛୁଁ ଏବଂ ଏଣିକି ନିୟମିତରୂପେ ତାହା କରିବାର ଅଭିଳାଷ ରଖିଅଛୁଁ ।

---

ଦେଶୀ ତମାଖୁ ସମ୍ବନ୍ଧୀୟ ଶିଳ୍ପ ଏ ଦେଶରେ ଜାଗରୂକ ହେବାରୁ ବୈଦେଶିକ ତମାଖୁର ଆମଦାନୀ କିଛି ଊଣା ପଡ଼ୁଅଛି । ଗତବର୍ଷ ଆମଦାନୀ ହୋଇଥିବା ତମାଖୁର ମୂଲ୍ୟ ୨୯.୪୨ ଲକ୍ଷ ଟଙ୍କା ମାତ୍ର ତହିଁ ପୂର୍ବବର୍ଷ ୮୪.୩୬ ଲକ୍ଷ ଟଙ୍କାର ତମାଖୁ ଆମଦାନୀ ହୋଇଥିଲା । ୧୯୦୭।୮ ମସୀହାରେ ଏକା ସିଗାରେଟ୍ (Cigarette) ୭୧.୨ ଲକ୍ଷ ଟଙ୍କାର କେବେ ଖଣ୍ଡ ଆସିଥିଲା ମାତ୍ର ଗତବର୍ଷ ତହିଁର ମୂଲ୍ୟ ୫୭.୭୯ ଥିଲା । ଆମଦାନୀ ହୋଇଥିବା ସନ ଟିଙ୍କାର ପରିମାଣ ୧୯୦୭।୮ ରେ ୩୬୩୪୧୯୬ ପାଉଣ୍ଡ ଥିବା ସ୍ଥଳେ ଗତବର୍ଷର ପରିମାଣ ୨୪୧୧୬୧୨ ଥିଲା । ଉତ୍ପନ୍ନ ତମାଖୁ ରପ୍ତାନୀରେ ମଧ୍ୟ ଉନ୍ନତି ଦେଖାଯାଏ । ୧୯୦୭।୮ ମସୀହାରେ ଏ ଦେଶରୁ ୧୦୪୬୩୩୫ ଟଙ୍କାର ଟିଙ୍କା ଓଜନର ରପ୍ତାନୀ ହୋଇଥିବା ସ୍ଥଳେ ଗତବର୍ଷ ରପ୍ତାନୀ ହୋଇଥିବା ଉତ୍ପନ୍ନ ତମାଖୁର ମୂଲ୍ୟ ଟ ୧୧୪୨୯୫୪ ଙ୍କା ଥିଲା । ଏ ବୃଦ୍ଧି ଅବଶ୍ୟ ସାମାନ୍ୟ ଅଟେ । ମାତ୍ର ଉନ୍ନତିର ଉଦ୍ୟମ ଅଳ୍ପ କାଳହେଲା ହୋଇଥିବା ଦୃଷ୍ଟିରେ ଏହା ଗଣନୀୟ ବୋଲି ଧରାଯାଇ ପାରେ । ଦେଶୀୟ ଦ୍ରବ୍ୟର ଉନ୍ନତିରେ ଲୋକେ ଯେବେ ମନୋଯୋଗ କରିବେ ଦେଶରେ ସେବେ ଧନାଗମ ହେବ ଏବଂ ସମର୍ଥନ ଲୋକେ କାର୍ଯ୍ୟ ପାଇ ସୁଖରେ କାଳଯାପନ କରିବେ । କୁଚବିହାରଠାରେ ତମାଖୁ ଚାଷ ଏବଂ ତମାଖୁ ଷ୍ଟୋର ସମ୍ବନ୍ଧରେ ଯେଉଁ ଶିଳ୍ପର ଅବତାରଣା ହୋଇଅଛି ତାହା ପ୍ରଶଂସନୀୟ । ମାକିନ ରାଜ୍ୟରୁ ନାନା ପ୍ରକାର ଭଲ ତମାଖୁ ମଞ୍ଜି ଆଣି ସେଠାରେ ଚାଷ କରିଅଛି ଏବଂ ତହିଁରୁ ଫଳଲାଭ ହେବା ଆଶାପ୍ରଦ ।

---

ଅଲିପୁର ଏବଂ ହଜାରିବାଗ ସଂଶୋଧନୀ ବିଦ୍ୟାଳୟ ଦ୍ୱୟର ସନ ୧୯୦୮ ସାଲର ବାର୍ଷିକ ବିବରଣୀ ବାହାରିଅଛି । ଅଳ୍ପ ବୟସର ଅପରାଧୀମାନଙ୍କର ଚରିତ୍ର ସଂଶୋଧନ ଏ ବିଦ୍ୟାଳୟର କାର୍ଯ୍ୟ । ବିବରଣୀରୁ ପ୍ରକାଶ ଯେ ଏହି ଦୁଇ ବିଦ୍ୟାଳୟକୁ ଏକତ୍ର କରିବାର ପ୍ରସ୍ତାବ ଏ ବର୍ଷ କାର୍ଯ୍ୟରେ ପରିଣତ ହୋଇ ହଜାରିବାଗରେ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ଅଲିପୁରର ବାଳକମାନେ ସେଠାକୁ ଗତ ସେପ୍ଟେମ୍ବର ମାସରେ ପ୍ରେରିତ ହୋଇଅଛନ୍ତି । ହଜାରିବାଗ ସ୍କୁଲରେ ୪୧୬ ବାଳକ ରହିବାର ସ୍ଥାନ ପ୍ରସ୍ତୁତ ହୋଇଅଛି । ଏହି ବର୍ଷ ୧୨୫ ଜଣ ଭରତି ହୋଇଥିଲେ ଏବଂ ଦୈନିକ ଛାତ୍ରସଂଖ୍ୟା ୩୯୧ ଥିଲା । ଛାତ୍ରଗଣର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉତ୍ତମ ଥିଲା । ନିମ୍ନ-ପ୍ରାଇମେରୀ ପରୀକ୍ଷାରେ ୫୫ ମଧ୍ୟରୁ ୩୧ ଜଣ ପାସ କରିଥିଲେ ଏବଂ କୃଷି ଓ ଶିଳ୍ପରେ ୨୪୦ ଉପସ୍ଥିତ ଓ ୧୬୩ ପାସ କରିଥିଲେ । ଗତ ସନ ୧୯୦୭ ସାଲ ପର୍ଯ୍ୟନ୍ତ ବ ୩ ର୍ଷରେ ୩୩୬ ବାଳକ ଖଲାସ ପାଇଥିଲେ ଯେ ଅନୁସନ୍ଧାନରେ ୫୧ ଜଣର ସନ୍ଧାନ ମିଳନ୍ତି ନାହିଁ । ଅବଶିଷ୍ଟ ମଧ୍ୟରେ ୨୧୯ ଜଣ ସଦାଚରଣରେ ପେଟ ପାଳୁଥିଲେ । ୫୪ ଜଣ ପୁଣି ଅପରାଧ କରି ଦଣ୍ଡ ପାଇଲେ । ୪ ଜଣ ମନ୍ଦ ଆଚରଣର ଜଣାଗଲେ ଏବଂ ୮ ଜଣ ମରିଗଲେ । କୃଷିଶିକ୍ଷା ପାଇଥିବା ୧୨୫ ମଧ୍ୟରେ ୭୫ ଜଣ ତହିଁରେ ଜୀବିକା ନିର୍ବାହ କରୁଅଛନ୍ତି ମାତ୍ର ନାନା ଶିଳ୍ପ ଶିକ୍ଷା କରିଥିବା ୨୧୧ ମଧ୍ୟରେ କେବଳ ୬୯ ଜଣ ଶିକ୍ଷିତ ବ୍ୟବସାୟରେ ପେଟ ପାଳିବାର ଜଣା ଯାଇଅଛି । ଶିଳ୍ପାପେକ୍ଷା କୃଷି ଶିକ୍ଷା ଅଧିକ ହିତକର ବୋଲି ଏଥିରୁ ଜଣାଯାଏ । ଖଲାସ ପିଲାମାନଙ୍କର ଅନୁସନ୍ଧାନ ନିମନ୍ତେ ଶିକ୍ଷାବିଭାଗର ଦୁଇଜଣ ଖାସ ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇଅଛନ୍ତି । ଏପରି ଏହି ବିଦ୍ୟାଳୟରୁ ଏଣିକି ଯେଉଁମାନେ ଖଲାସ ପାଇବେ ସେମାନେ ସ୍କୁଲରେ ଥିବାବେଳେ ଭଲ ଚରିତ୍ର ଦେଖାଇଥିଲେ ଏବଂ ଖଲାସ ହୋଇ ସଦାଚାରରେ ପେଟ ପାଳିଲେ ବ ୩ ର୍ଷ ପର୍ଯ୍ୟନ୍ତ ସେମାନଙ୍କ ବନ୍ଧୁ ଭସ୍ତ୍ର ଓ ସାହାଯ୍ୟ ହେବାର ବ୍ୟବସ୍ଥା ଏହିବର୍ଷ ମଞ୍ଜୁର ହୋଇଅଛି । ଏହା ଦ୍ୱାରା ସୁଫଳ ଫଳିବାର ଆଶା କରୁଥାଇ ।

---

## ବୃକ୍ଷରୋପଣ ।

ଗତମାସ ତା ୯ ରିଖ ଅପରାହ୍ନ କାଳରେ ବାଙ୍କିପୁରଠାରେ ସେଠା କଲେକ୍ଟର ଲି ସାହେବଙ୍କ ସଭାପତିତ୍ୱରେ ଗୋଟିଏ ବୃକ୍ଷରୋପଣ କ୍ରିୟା ସମ୍ପନ୍ନ ହୋଇଥିବାର ଆମ୍ଭେମାନେ ଆନନ୍ଦ ସହକାରେ ଅବଗତ ହୋଇଅଛୁଁ । ଏତଦୁପଲକ୍ଷେ ସ୍ଥାନୀୟ ସର୍ବଶ୍ରେଣୀର ଲୋକମାନଙ୍କୁ ଆମନ୍ତ୍ରଣ କରାଯାଇ ଗୋଟିଏ ସଭା ଗଠିତ ହୋଇଥିଲା ଏବଂ କମିଶନର ମଡ ସାହେବ ସ୍ୱୟଂ ଉପସ୍ଥିତ ଥାଇ ସଭାସ୍ଥଳ ଅଲଂକୃତ କରିଥିଲେ । ସଭାପତି ମହାଶୟ କାର୍ଯ୍ୟାରମ୍ଭ ସମୟରେ କହିଲେ ଯେ ସ୍ଥାନୀୟ ଜଳବାୟୁ, ବୃକ୍ଷ, ବୃଷ୍ଟି ଏବଂ ଫସଲ ଜଙ୍ଗଲ ଓ ଗଛମାନଙ୍କଦ୍ୱାରା ନିୟମିତ ହୁଅଇ । ଜାପାନ୍ ରାଜ୍ୟରେ ରାଜ୍ୟ ପ୍ରତିଷ୍ଠାର ବାର୍ଷିକ ଉତ୍ସବରେ ବାଳକ ବାଳିକାମାନେ ବିଦ୍ୟାଳୟରୁ ଛୁଟି ପାଇ ଗଛ ଲଗାନ୍ତି । ବାଙ୍କିପୁରଠାରେ ଭାରତେଶ୍ୱରଙ୍କ ରାଜମୁକୁଟଧାରଣ ଦିନ ଏହିପରି ଗୋଟିଏ ଉତ୍ସବ ହେବା ସୁନ୍ଦର ବିଷୟ । ଯେଉଁ ଗଛ ଲଗାଇବା କାର୍ଯ୍ୟଦ୍ୱାରା ଦେଶର ଜଳବାୟୁ ଓ ବୃଷ୍ଟି ନିୟମିତ ହୁଏ ତହିଁରେ ଲାଗିବା କାରଣ ସଭାପତି ମହାଶୟ ଲୋକଙ୍କୁ ବିଶେଷରୂପେ ଅନୁରୋଧ କଲେ । ଗଛ ଲଗାଇବା କାର୍ଯ୍ୟରେ ତାଙ୍କର ବିଶେଷ ପ୍ରୀତି ଅଛି ଏବଂ ସେ ଯେଉଁଠାକୁ ଯାନ୍ତି ସେଠାରେ ଗଛ ଲଗାଇବା କାର୍ଯ୍ୟରେ ବ୍ରତୀ ହୁଅନ୍ତି । ସେ ଡଭର ସହରେ ଗଛ ଲଗାଇବା ଏବଂ ଜଙ୍ଗଲର କାର୍ଯ୍ୟକାରିତା ବିଷୟରେ ଗୋଟିଏ ରଚନା ପଠିତ ହେଲା । ଆମ୍ଭେମାନେ ଏ କାର୍ଯ୍ୟକୁ ଅତ୍ୟନ୍ତ ପସନ୍ଦ କରୁଁ । ଏତଦ୍ଦେଶୀୟ ଲୋକମାନେ ଗଛ କାଟିବାପାଇଁ ଯେମନ୍ତ ପଟୁ ଗଛ ଲଗାଇବାରେ ସେମନ୍ତ ବିମୁଖ । ଏତଦ୍ଦ୍ୱାରା ଯେ ସେମାନେ ଆପଣା ଗୋଡ଼ରେ ଆପେ କୁରାଢ଼ି ମାରୁଅଛନ୍ତି ତହିଁରେ ସନ୍ଦେହ ନାହିଁ । ଏ ସମସ୍ତ ଶିକ୍ଷାର ଦୋଷ । ବାଙ୍କିପୁର ପ୍ରାୟ ଅନ୍ତତଃ ବର୍ଷକରେ ସେହିଦିନ ଲୋକେ ଗଛ ଲଗାଇବା କାର୍ଯ୍ୟରେ ରତ ହେବାର ଦେଖିଲେ ଆମ୍ଭେମାନେ ସୁଖୀ ହେବୁଁ ଏବଂ ସରକାର ଯଦି ସେ ଦିନଟି ସାଧାରଣ ଛୁଟିର ଦିନ କରି କଚେରୀ ଓ ବିଦ୍ୟାଳୟ ଆଦି ବନ୍ଦ କରି ବୃକ୍ଷରୋପଣ ଉତ୍ସବର ଅବତାରଣା କରନ୍ତି ତାହା ହେଲେ ଲୋକଙ୍କ ମନରେ ରାଜଭକ୍ତି ଜାଗ୍ରତ ହେବାର ଉପାୟ ବିଧାନ ସଙ୍ଗେ ସେମାନଙ୍କର ସୁଖବୃଦ୍ଧିର ମଧ୍ୟ ବିଧାନ ହୋଇଯିବ । ଭରସାକରୁଁ ଆମ୍ଭମାନଙ୍କର ଏ ପ୍ରସ୍ତାବକୁ ସୁଯୋଗ୍ୟ କମିଶନର ଓ କଲେକ୍ଟର ସାହେବମାନେ ସେମାନଙ୍କର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ।

---

## କୃଷିସଭା ।

କୃଷି ସମ୍ବନ୍ଧୀୟ ବୋର୍ଡ଼ର ପଞ୍ଚମ ଅଧିବେଶନ ଗତ ଫେବ୍ରୁଏରୀ ମାସରେ ନାଗପୁରଠାରେ ହୋଇଥିଲା । ଏତେଦିନେ ତହିଁର ଯେ ରିପୋର୍ଟ ପ୍ରକାଶିତ ହୋଇଅଛି ତହିଁରୁ ଦେଖାଯାଏ ଯେ ଉକ୍ତ ଅଧିବେଶନରେ ଭାରତର କୃଷିବିଭାଗୀୟ ସମସ୍ତ କର୍ମଚାରୀମାନେ ସଭାରେ ଉପସ୍ଥିତ ହୋଇଥିଲେ ଏବଂ କୃଷି ସମ୍ବନ୍ଧରେ ନାନାବିଷୟର ବିଚାର ପଡ଼ିଥିଲା । ଏ ଦେଶରେ ଉତ୍ତମ ଫଳ ପ୍ରସ୍ତୁତ କରିବାରେ କୃଷିମାନଙ୍କର ବିଶେଷ ଅବ-

Digitized by srujanika@gmail.com

Split by PDF Splitter



ହେଲା ଦେଖି ସ୍ଥିର ହେଲା ଯେ ଜଣେ ଉଦ୍ୟାନତତ୍ତ୍ୱାବଧାରକ ୟୁରୋପୀୟ କର୍ମଚାରୀ ନିଯୁକ୍ତ ହୋଇ ନାନାପ୍ରକାର ଫଳ ଉତ୍ପନ୍ନ ସଙ୍ଗେ ସେମାନ ଯେପରି ଉଚିତ ଦାମରେ ବିଦେଶରେ ବିକ୍ରିୟ ହୁଏ ତହିଁର ବନ୍ଦୋବସ୍ତ କରିବେ । ବର୍ତ୍ତମାନ ସାହାରଣପୁର ଓ ଲକ୍ଷ୍ନୌଠାରେ ସୁସ୍ୱାଦୁ ଫଳର ଉଦ୍ୟାନ ପ୍ରସ୍ତୁତ ହେଉଅଛି । ଖାଦ୍ୟୋପଯୁକ୍ତ ଉତ୍ତମଜାତୀୟ ଗୃହପାଳିତ ପଶୁ ଓ ପକ୍ଷୀ ଉତ୍ପନ୍ନ କରିବା ୟୁରୋପ ଏବଂ ଆମେରିକାରେ ଗୃହମଧ୍ୟରେ ଗଣ୍ୟ ହୁଏ । ଏ ଦେଶରେ ତାହା ପ୍ରବର୍ତ୍ତିତ ହେବା ବାଞ୍ଛନୀୟ ଏବଂ ହିନ୍ଦୁମାନଙ୍କର ତାହା ଆବଶ୍ୟକୀୟ ନ ହେଲେ ହେଁ ଏଠା ମୁସଲମାନ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ସକାଶେ ବିଶେଷ ପ୍ରୟୋଜନୀୟ ହେବ । ଦେଶର ନାନାସ୍ଥାନରେ କୃଷିସମ୍ବନ୍ଧୀୟ ପରୀକ୍ଷାର୍ଥ ଆଦର୍ଶ କୃଷିକ୍ଷେତ୍ର ଓ କଲେଜମାନ ସ୍ଥାପିତ ହୋଇଅଛି ଏବଂ ପୁଷାଠାରେ ଯେଉଁ ଉନ୍ନତ ଶିକ୍ଷାର କଲେଜ ସ୍ଥାପିତ ହୋଇଅଛି ତହିଁର କାର୍ଯ୍ୟ ଆଗାମୀବର୍ଷରୁ ଆରମ୍ଭ ହେବ । କେହି କେହି ସନ୍ଦେହ ପ୍ରକାଶ କଲେ ଯେ ଏବେ ଉପାଧି ପର୍ଯ୍ୟନ୍ତ କୃଷି କଲେଜରେ ଶିକ୍ଷା ଦିଆଯିବା ଯୋଗେ ଲୋକେ ଉତ୍ତୀର୍ଣ୍ଣ ହୋଇ ଅନ୍ୟତ୍ର କର୍ମ ଖୋଜିଯାନ୍ତି । ଏଥିରୁ ବୋମ୍ବାଇ କୃଷିଡାଇରେକ୍ଟର କହନ୍ତି ଯେ କେତେକ ଛାତ୍ର ଅନ୍ୟ ବିଭାଗକୁ ଚାଲିଗଲେହେଁ କୃଷି ପ୍ରତି ତାଙ୍କର ଦୃଷ୍ଟି ଅଛି ଏବଂ ତାଙ୍କଦ୍ୱାରା କୃଷିର ଉନ୍ନତିଜନକ ଅନେକ କାର୍ଯ୍ୟ ହୋଇପାରେ । ଅନୁକୃତ ସମ୍ପ୍ରତି ମଧ୍ୟ ବିଶେଷ ତର୍କ ବିତର୍କ ହୋଇଥିଲା । ପ୍ରକୃତ କଥା ଏହି ଯେ ଏଠା କୃଷିମାନେ ସାଧାରଣତଃ ଗରିବ ଏବଂ ସେମାନେ ଯେଉଁ ସାର ଦ୍ରବ୍ୟରେ ପାଠ ପାରିବେ ତଦ୍ୱାରା କୃଷିକାର୍ଯ୍ୟର ଉନ୍ନତିର ଚେଷ୍ଟା ସର୍ବତୋଭାବେ ବିଧେୟ । ଗବର୍ଣ୍ଣମେଣ୍ଟ ଦେଶର ଅନେକ ଲୋକଙ୍କୁ ବିଲାତକୁ ପଠାଇ କୃଷିକାର୍ଯ୍ୟର ଶିକ୍ଷା ଦିଆଇ ଆଣିଲା ପରେ କୃଷି କାର୍ଯ୍ୟ ଶିଖିବାରୁ ସେମାନେ ଉଦ୍ୟାନ ମହକୁମାମାନଙ୍କରେ କାର୍ଯ୍ୟ କରୁଅଛନ୍ତି । ସୁତରାଂ ଏଥିରୁ ଗବର୍ଣ୍ଣମେଣ୍ଟଙ୍କ ଚେଷ୍ଟା ଓ ସାଧାରଣ ଅର୍ଥ ଅପଚାରଣ ନଷ୍ଟ ହେଲା, ବିଦ୍ୟାଳୟରେ ଉନ୍ନତ କୃଷିବିଷୟକ ଶିକ୍ଷା ଦେବା ଯେମନ୍ତ କର୍ତ୍ତବ୍ୟ ତେମନ୍ତ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ଦେଶର କୃଷକମାନଙ୍କୁ ଯେପରି ତାଙ୍କ ଅବସ୍ଥାର ଉପଯୋଗୀ କୃଷିବିଷୟରେ ଶିକ୍ଷା ଦିଅନ୍ତି ତହିଁର ବନ୍ଦୋବସ୍ତ ହେବା ବାଞ୍ଛନୀୟ । ସାଧାରଣତଃ କୃଷକମାନେ ଯାହା କରି ନ ପାରିବେ ତେମନ୍ତ ସ୍ଥଳର ବ୍ୟବସ୍ଥା ସରକାରୀ ଆଦର୍ଶ କୃଷିକ୍ଷେତ୍ରରେ କରି ଦେଖାଇବାରେ ଆମ୍ଭେମାନେ କେତେ ଫଳ ହେବାର ବିବେଚନା କରୁ ନ ପାରୁଁ ।

---

## ଭାରତର ବହିର୍ବାଣିଜ୍ୟ ।

ଭାରତବର୍ଷର ବୈଦେଶିକ ବାଣିଜ୍ୟ ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟଙ୍କର ଗତ ବର୍ଷର ଯେଉଁ ବିବରଣୀ ବାହାରଅଛି ତହିଁରେ କେତେକ ସ୍ଥାନରେ ଅପ୍ରଚୁର ଏବଂ କେତେକ ସ୍ଥାନରେ ଅଧିକ ବୃଷ୍ଟି ହୋଇଥିବା ହେତୁ ଫସଲ ହାନି ସଙ୍ଗେ ଲୋକଙ୍କର ଅନ୍ନକଷ୍ଟ ଉପସ୍ଥିତ ହେବାରୁ ଭାରତର ବାଣିଜ୍ୟ ଅବନତି ଘଟିଥିବାର ଦେଖାଯାଏ । ଚାଉଳ, ତୁଲା, ଗହମ, ସୋରିଷ ପ୍ରଭୃତିର ରପ୍ତାନି ଊଣା ମାତ୍ର ଝୋଟର ରପ୍ତାନି ଅଧିକ ହୋଇଥିଲା । ଆମଦାନୀ ମଧ୍ୟ ସେହିପରି ଊଣା ହୋଇଅଛି । ଏଣୁ ଭାରତ କାହିଁକି ଗତ ବର୍ଷ ପୃଥିବୀର ଅପରାପର ଦେଶର ବାଣିଜ୍ୟ ମଧ୍ୟ ଭଲଫଳ ଦେଖାଇ ପାରି ନାହିଁ । ଆମଦାନୀ ଦ୍ରବ୍ୟ ମଧ୍ୟରେ ଚିନି ବିଷୟରେ ଯାହା ଲେଖାଅଛି ତାହା ଚିନ୍ତାର ବିଷୟ ହୋଇଅଛି । ଗତ ବର୍ଷରେ ଜାଭାଠାରୁ ବିଶେଷ ଚିନି ଆମଦାନୀ ହୋଇଥିଲା ଏବଂ ବିଟ ଚିନି ମଧ୍ୟ ବିଶେଷ ଆସିଥିଲା । ଗବର୍ଣ୍ଣମେଣ୍ଟ ଯଥାର୍ଥ କହିଅଛନ୍ତି ଯେ ଭାରତ ବର୍ଷରେ ବିଶେଷ ପରିମାଣରେ ଆଖୁ ଚାଷ ହୋଇ ନ ଥିଲେ ହେଁ ଗୁଡ଼ ବ ଚିନି ଯୋଗାଇ ଦିଆଯାଇ ପାରେ । ଗୁଡ଼ ବା ମିଷ୍ଟାନ୍ନ ଏ ଦେଶର ପ୍ରଧାନ ଖାଦ୍ୟ ଦ୍ରବ୍ୟ । ଅର୍କଶତାବ୍ଦି ଅଥବା ୩୦ ବର୍ଷ ପୂର୍ବେ ଭାରତ ଏତଦ୍ସମ୍ବନ୍ଧେ ବିଦେଶର ଅପେକ୍ଷା କରୁ ନ ଥିଲା ମାତ୍ର ବର୍ତ୍ତମାନ ବୈଦେଶିକ ଚିନିର ଆମଦାନୀ ଅଧିକ ଦେଖାଗଲା କାହିଁକି ? ପକ୍ଷାନ୍ତରେ ଯଶୋହର ଏବଂ ଅନ୍ୟାନ୍ୟ ସ୍ଥାନରେ ଯେ ଖଜୁରି ଗୁଡ଼ ପ୍ରସ୍ତୁତ ହେଉଥିଲା ତାହା ଏକ ପ୍ରକାର ଲୋପ ହେବାକୁ ବସିଅଛି । ପ୍ରକୃତ ଶର୍କରା ଜାତ ଥିବା ଦେଶରେ ଏପରି ଦୁରବସ୍ଥାର ଶୀଘ୍ର ପ୍ରତିକାର ଆବଶ୍ୟକ । ପୂର୍ବେ ଫରମୋସା ଦ୍ୱୀପରେ ଏହିପରି ଅବସ୍ଥା ଘଟିଥିଲା ଏବଂ ଆଖୁ ଚାଷ ହେଉଥିବା ପ୍ରଧାନ ସ୍ଥାନମାନଙ୍କର କେନ୍ଦ୍ରରେ କାରଖାନା ସ୍ଥାପିତ କରିବାରୁ ଶୀଘ୍ର ତହିଁର ପ୍ରତିବିଧାନ ହୋଇଗଲା । ଭାରତରେ ମଧ୍ୟ ବର୍ତ୍ତମାନ ସେହିପରି କରିବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ଏ ବିବରଣୀ ପାଠ କରି ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ନ ଦେଇ ରହି ପାରିଲୁଁ ନାହିଁ । ବିଦେଶୀ ବର୍ଜନ ନୀତିଦ୍ୱାରା ଏକା ଯେ ସ୍ୱଦେଶର ଉନ୍ନତି ହୋଇ ନ ପାରେ ଏହା ଏଥିରୁ ଉତ୍ତମରୂପେ ଜଣା ଯାଉଅଛି । ସ୍ୱଦେଶର ଦ୍ରବ୍ୟ ଶସ୍ତା ନ ହେଲେ ଯେତେ ନୀତି ଦେଖାଅ ଲୋକେ ସହଜରେ ସର୍ବତୋଭାବେ ତହିଁର ଆଦର କରି ପାରିବେ ନାହିଁ ଏବଂ ଯେଉଁ ଦେଶରେ ଧନର ଅଭାବ ସେଠାରେ ଅନେକେ ମୁଖରେ ସ୍ୱଦେଶୀ ବ୍ରତ ପାଳନାର କହି ପରଖା ଟଣା ଟଣିରେ ବିଦେଶୀ ଦ୍ରବ୍ୟ ଲୁଚାଇ ବ୍ୟବହାର କରିବା ଅସମ୍ଭବ ନୁହେ । ଆମ୍ଭେମାନେ ଭରସା କରୁଁ ସ୍ୱଦେଶର ହିତୈଷୀ ନେତାମାନେ ଏ ବିଷୟ ଚିନ୍ତା ପୂର୍ବକ ଲୋକଙ୍କ ଧାରଣାଭାବ ସ୍ଥାପନଦ୍ୱାରା ସ୍ୱଦେଶର ବ୍ୟବସାୟ ରକ୍ଷା କରିବା ସମ୍ବନ୍ଧରେ ଉପଯୁକ୍ତ ବାଟ ଦେଖାଇବାକୁ ବିଳମ୍ବ କରିବେ ନାହିଁ । ଗତ ବର୍ଷରେ ଚୀନ ଓ ଜାପାନର ବାଣିଜ୍ୟର ଉନ୍ନତି ହୋଇଥିବାର ଦେଖଯାଏ ଏବଂ ତାହା ୟୁରୋପୀୟମାନଙ୍କ ହାତରେ ଥିବାରୁ ସେମାନେ ପୂର୍ବପରି ସୁଦ୍ଧା ତହିଁର ଉନ୍ନତି ଦେଖାଇବାକୁ ସମର୍ଥ ହୋଇଅଛନ୍ତି । ଆମ୍ଭେମାନେ ଏହାସ୍ତ ଚତୁରର ବାଣିଜ୍ୟ ବ୍ୟବସାୟରେ ଯୋଗ ଦେଲେ ଅବଶ୍ୟ ସଫଳକାମ ହେବୁଁ ।

ବଙ୍ଗଳାର କୋଇଲା ବ୍ୟବସାୟରେ ମନ୍ଦା ହୋଇଥିବାର ଜଣା ପଡ଼ୁଅଛି । ଷ୍ଟ୍ରେଟ ସେଟଲମେଣ୍ଟରେ ବଙ୍ଗଳାର କୋଇଲା ଅପେକ୍ଷା ଜାପାନ ଓ ଅଷ୍ଟ୍ରେଲିଆର ଏବଂ ସିଂହଳ ଦ୍ୱୀପରେ ଅଷ୍ଟ୍ରେଲିଆ ଓ ନେଟାଲର କୋଇଲା ଅଧିକ ପସନ୍ଦ ହେବାରୁ ବଙ୍ଗଳା ହାର ମାନିଅଛି ଏବଂ ମୋଟରେ ଶତକଡ଼ା ୨୮ ଅଙ୍କରୁ ପଞ୍ଚମାଂଶର ଏକାଂଶ ଘଟ ହୋଇଅଛି । ଏହା ବଡ଼ ଚିନ୍ତାର ବିଷୟ । ବିଦେଶକୁ ଯେଉଁ କୋଇଲା ରପ୍ତାନି ହୁଅଇ ତାହା ଭଲ ବାଛି ନ ପଠାଇବା ହେତୁ ଏରୂପ ଘଟିଅଛି । ବ୍ୟବସାୟରେ ଆପଣାର ନାମ ରଖିବା କାରଣ ସର୍ବଦା ଭଲ ଦ୍ରବ୍ୟ ଯୋଗାଇବା ପ୍ରତି ଦୃଷ୍ଟି ରଖିବା କର୍ତ୍ତବ୍ୟ । ଅଧିକ ଲାଭ ଆଶାରେ ଆପଣାର ମର୍ଯ୍ୟାଦା ହରାଇଲେ ବ୍ୟବସାୟଟି ସମୂଳେ ନଷ୍ଟ ହେବା ଅନିବାର୍ଯ୍ୟ ମାତ୍ର ଆମ୍ଭଦେଶର ଲୋକମାନେ ଅବଧି ତାହା ଭଲ ରୂପେ ବୁଝି ନାହାନ୍ତି ।

---

## ବରଦା ରାଜ୍ୟରେ ଶିକ୍ଷା ବିସ୍ତାର ।

ବରଦା ରାଜ୍ୟର ସନ ୧୯୦୭।୦୮ ମସିହାର ବାର୍ଷିକ ବିବରଣୀରେ ସେଠାରେ ଶିକ୍ଷାର ପ୍ରଭୂତ ବିସ୍ତାର ହୋଇଥିବାର ଦେଖି ଆମ୍ଭେମାନେ ଅତୀବ ଆନନ୍ଦିତ ହୋଇଅଛୁଁ । ତହିଁ ପୂର୍ବ ବର୍ଷ ସେ ରାଜ୍ୟରେ ୧୨୭୭ ଗୋଟି ସ୍କୁଲ ଥିଲା ମାତ୍ର ବର୍ତ୍ତିତ ବର୍ଷରେ ତହିଁର ସଂଖ୍ୟା ୧।୮୦ ହୋଇଥିଲା । ଏଥି ମଧ୍ୟରେ ଗୋଟିଏ କଲେଜ ଅଛି ଏବଂ ଗୋ ୨୭ ଟି ସ୍କୁଲରେ ଇଂରାଜୀ ଭାଷାର ଶିକ୍ଷା ଦିଆଯାଏ । ଏହାଛଡ଼ା ସେଠା ଗାଇକୁମାର ମହୋଦୟ ବିଜ୍ଞାନାଦି ଶିକ୍ଷା ନିମିତ୍ତ ଇଉରୋପ, ଆମେରିକା ତଥା ଭାରତବର୍ଷର ବିଭିନ୍ନ ସ୍ଥାନମାନଙ୍କୁ ବୃତ୍ତି ଦେଇ ଛାତ୍ର ପଠାନ୍ତି ଏବଂ ଏହା ଏହି କାର୍ଯ୍ୟରେ ବର୍ତ୍ତିତ ବର୍ଷ

Digitized by srujanika@gmail.com

Split by PDF Splitter



ମଧ୍ୟରେ ଟ ୧୬୦୮୨୨ ଟଙ୍କା ଖର୍ଚ୍ଚ ହୋଇଥିଲା । ୧୮୯୦ ମସିହା ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଦେୟାଧୀନ ଥିଲା । ମାତ୍ର ସେ ବର୍ଷ ଢେରେଗୁଡ଼ିଏ ତାଲୁକରେ ସର୍ବସାଧାରଣ ବାଧ୍ୟ ହୋଇ ପ୍ରାଥମିକ ଶିକ୍ଷା ଲାଭ କରିବାର ନିୟମ ହୋଇ ବର୍ଷବର୍ଷ ସେଥିର ସନ୍ତୋଷଜନକ ଫଳ ଦେଖାଯିବାରୁ ୧୯୦୬।୦୭ ମସିହାରେ ସମସ୍ତ ରାଜ୍ୟରେ ତାହା ପ୍ରଚଳିତ ହେଲା । ଗାଇକୁମାର ମହୋଦୟ ଏଥିର ସମସ୍ତ ବ୍ୟୟଭାର ବହନ କରୁଅଛନ୍ତି । ସୁତରାଂ ଏ ବିଷୟରେ ସେ ଯେ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କୁ ଜିଣି ଯାଇଅଛନ୍ତି ବୋଲିବା ବାହୁଲ୍ୟ । ଶିକ୍ଷା ବିସ୍ତାର ଯେ ଦେଶୋନ୍ନତିର କାରଣ ଏଥିରେ ସନ୍ଦେହ ନାହିଁ । ସ୍ତ୍ରୀ ଶିକ୍ଷାପ୍ରତି ମଧ୍ୟ ତାଙ୍କର ସବିଶେଷ ଦୃଷ୍ଟି ରହିଅଛି ଏବଂ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା କାରଣ ଗୋଟିଏ ସ୍ତ୍ରୀ ଟ୍ରେନିଂ କଲେଜ ସ୍ଥାପିତ ହୋଇଅଛି । ଏ ବିଦ୍ୟାଳୟ ବାଳିକାମାନଙ୍କୁ ଉଚ୍ଚ ଶିକ୍ଷା ଦେବାର ଯଥେଷ୍ଟ ବିଧାନ ହୋଇଅଛି । ବାଳିକା ବିଦ୍ୟାଳୟରେ ସାଧାରଣ ଶିକ୍ଷା ସଙ୍ଗେ ଗୃହିଣୀର ଅତ୍ୟାବଶ୍ୟକୀୟ ହିସାବ ଲେଖା ଓ ଗୃହ କାର୍ଯ୍ୟ ପ୍ରଭୃତିର ଶିକ୍ଷା ଦିଆଯାଏ । ଶିଳ୍ପ ଶିକ୍ଷାଦେବା କାରଣ ସେ ରାଜ୍ୟରେ ଗୋ ୯ ଟି ସ୍କୁଲ ଅଛି । ଏହି ସ୍କୁଲମାନଙ୍କରେ ଛାତ୍ର ସଂଖ୍ୟା କ୍ରମାଗତ ବର୍ଦ୍ଧିତ ହେବା ସୁଖର ବିଷୟ । ବରୋଦା ନଗର ମଧ୍ୟରେ ଗୋଟିଏ କୃଷି ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ଏଥିରେ ପଢ଼ୁଥିବା ଛାତ୍ରଙ୍କ ସଂଖ୍ୟା ଊଣା ହେଲେହେଁ ଶୀଘ୍ର ଅଧିକ ହେବାର ଆଶା ଅଛି । ବାଧ୍ୟ ହୋଇ ପ୍ରାଥମିକ ଶିକ୍ଷା ଲାଭ କରିବାର ବିଧାନ ହେବାରୁ ଅନ୍ତ୍ୟଜ ଜାତିର ଛାତ୍ର ସଂଖ୍ୟା ବିଦ୍ୟାଳୟମାନଙ୍କରେ ଅଧିକ ହେବା ଏବଂ ସେମାନଙ୍କ ସଙ୍ଗେ ଉଚ୍ଚ ଶ୍ରେଣୀର ଛାତ୍ର ପଢ଼ିବାକୁ ଅନିଚ୍ଛୁକ ହେବାରୁ ସେମାନଙ୍କ ସକାଶେ ପୃଥକ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି । ବିଗତ ବର୍ଷରେ ତାହାର ସଂଖ୍ୟା ୩୦୦ ଥିଲା । ବାଣିଜ୍ୟ ବ୍ୟବସାୟରେ ଲୋକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସେଥିର ଶିକ୍ଷା ସକାଶେ ମଧ୍ୟ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ନିଜ ରାଜ୍ୟରେ ବ୍ୟବସାୟ ବୃଦ୍ଧି କାରଣ ଗାଇକୁମାର ମହୋଦୟ ଅଧକୋଟି ଟଙ୍କା ରେଲ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାର ବାସନା କରିଅଛନ୍ତି । ପ୍ରଜାମାନଙ୍କ ନାନାବିଧ କାର୍ଯ୍ୟକଷ୍ଟ. ନିବାରଣ ରାଜାଙ୍କର ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ ଏବଂ ଧୋବା ଲୁଗାରୁ ଗ୍ରାମର ପରିମଳ ଜଣାପଡ଼େ ଏବା ଏଥିରୁ ସେଠା ଶାସନ କାର୍ଯ୍ୟର ଉତ୍କର୍ଷ ଉତ୍ତମରୂପେ ଜଣା ଯାଉଅଛି । ପ୍ରକୃତରେ ବରୋଦା ରାଜ୍ୟର ଶାସନ ବର୍ତ୍ତମାନ ସମସ୍ତଙ୍କର ଆଦର୍ଶ ସ୍ଥାନୀୟ । ଗାଇକୁମାର ମହୋଦୟ ବାଛି ଶ୍ରୀଯୁତ ରମେଶଚନ୍ଦ୍ର ଦତ୍ତ ମହୋଦୟଙ୍କୁ ଦେବାନ କାର୍ଯ୍ୟରେ ନିଯୁକ୍ତ କରିବାରୁ ରାଜ୍ୟର କ୍ରମୋନ୍ନତି ସ୍ଥିର ଭାବରେ ଚଳିବା ପ୍ରତି କିଛି ମାତ୍ର ସନ୍ଦେହ ହୋଇ ନ ପାରେ । ଆମ୍ଭେମାନେ ଦେଶୀୟ ରାଜାମାନଙ୍କୁ ଗାଇକୁମାର ମହୋଦୟଙ୍କ ଅନୁକରଣ କରିବା କାରଣ ଅନୁରୋଧ କରୁଅଛୁଁ ।

---

## ପୋଲିସ କାଣ୍ଡ ।

ଆଜିକାଲି ସହରରେ ଷ୍ଟାଟେ ସାମାନ୍ୟ ମେଣ୍ଟି ଦେଉଅଛୁ ମାତ୍ର ଏହାପ୍ରତି ପୋଲିସର ନଜର କେବେ ନାହିଁ କିନ୍ତୁ ପାଶ୍ୱଅଉନ ପ୍ରଭୃତି ସ୍ଥଳରେ ପୋଲିସ ବଡ଼ ତତ୍ପର ଓ ପଟୁ । କେହି ପସରା କରି ବସିଲେ ବା କାହାର ଗାଡ଼ି ସଡ଼କରେ ଠିଆହେଲେ ଅବା କୌଣସି ବଳଦର ଗଳଦେଶରେ ଘା ଦେଖାଗଲେ ପୋଲିସ ଲମ୍ଫଝମ୍ଫ ହୋଇ ଧରିନେବାକୁ ଓ ଥାନାର ପୋଲିସ ସବଇନସ୍ପେକ୍ଟର ମଧ୍ୟ ଚାଲାଣ ଦେଇ ଗୋଟିଏ ମୋକଦ୍ଦମା ଠିଆ କରିବାକୁ ଟିକେ ମାତ୍ର କୁଣ୍ଠିତ ହୁଅନ୍ତି ନାହିଁ । ଏ ସବୁ ମୋକଦ୍ଦମା ସାମାନ୍ୟ ଥିବାରୁ କେହି ପୋଲିସର ବିରୁଦ୍ଧରେ ଯାଉନ୍ତି ନାହିଁ, ବିଶେଷତଃ ମୋକଦ୍ଦମାର ଶେଷ ବିଷୟରେ ସାମାନ୍ୟ ଜରିମାନା ଆଠଅଣା ଅବା ବଡ଼ ଜୋର ଟଙ୍କାଏ ଜରିମାନା ଦେଇ ମୋକଦ୍ଦମା ଦାୟରୁ ନିଷ୍କୃତି ଲାଭ କରନ୍ତି । ହାଲ ଗୋଟିଏ ବଳଦ କାନ୍ଧରେ ଘା ହୋଇଥିବାର ପୋଲିସ ଚାଲାନ ମୋକଦ୍ଦମାରେ ପ୍ରତିବାଦ ଉପସ୍ଥିତ ହୋଇଥିଲା ଏବଂ ଆସାମୀ ବେକସୁର ଖଲାସ ପାଇଅଛି । ସେଥିରେ ପୋଲିସର କାର୍ଯ୍ୟ କପଟ ଓ ଗାଡ଼ିବାଲା କିପରି ବୃଥାରେ ହଇରାଣ ହୋଇ ଉଦ୍ବେଗରତରେ ପଡ଼ିଅଛି ତାହା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଆମ୍ଭେମାନେ ସେହି ମୋକଦ୍ଦମାର ରାୟ ଅବିକଳ ନିମ୍ନେ ପ୍ରକାଶ କଲୁଁ ।

ଏ ମୋକଦ୍ଦମାର ଆସାମୀ ଏଠା କମିଶ୍ନର କଚେରୀର କର୍ମଚାରୀ ବାବୁ ଅକ୍ଷୟକୁମାର ଘୋଷଙ୍କର ଗାଡ଼ିବାଲା ଅଟେ । ବଳଦଙ୍କର ବେକରେ ଘା ହୋଇଥିବାରୁ ତାଙ୍କର ଗାଡ଼ିବାଲା ବଳଦଙ୍କୁ ନେଇ ତାଙ୍କର ଗ୍ରାମ ଭାଇର ବାବୁ କାଳିକାକୁମାର ଘୋଷଙ୍କ କୂଅ ସଡ଼କସ୍ଥ ଦୋକାନକୁ ଚିକିତ୍ସାର୍ଥ ନେଉଥିଲା । ସେହିଠାରେ ପୁଲିସ ବଳଦଙ୍କୁ ଧରି ମିଛରେ ଘାଅ ବେକରେ ଘାଉ ହୋଇଥିବାର ଲଗାଇ ମୋକଦ୍ଦମାଟିଏ ଖଡ଼ାକଲେ । ଗାଡ଼ି କଥାଟି ପଛେ ପୁଲିସ ଲଗାଇଥିବା ବିଷୟ ହାକିମଙ୍କର ବିଶ୍ୱାସ ହୋଇଅଛି ଏବଂ ସଦର ହାକିମ ବାବୁଙ୍କ ପଶୁ ଚିକିତ୍ସା ସମ୍ବନ୍ଧୀୟ ଜ୍ଞାନ ବିଷୟରେ କଥାଟିଏ ସନ୍ଦେହ ହାକିମଙ୍କ ମନରେ ହୋଇଥିଲା ତଥାପି ସାଧାରଣ ଲୋକେ ପ୍ରଥମେ ପଶୁ ଚିକିତ୍ସାଳୟକୁ ନ ଯାଇ ସାଧାରଣ ଡାକ୍ତରଙ୍କ ପରାମର୍ଶ ଜଣା ଶୁଣା କଥା । ବରଂ ଅକ୍ଷୟ ବାବୁ ପ୍ରଥମେ ତାଙ୍କର ଗ୍ରାମର ଡାକ୍ତରଙ୍କୁ ବଳଦଙ୍କୁ ପଠାଇ ସେ ଚିକିତ୍ସା କରିବାକୁ ଅସମର୍ଥ ଥିବା ବିଷୟ ପ୍ରକାଶ କରିଥିଲେ ବଳଦଙ୍କୁ ଅବଶେଷରେ ପଶୁ ଚିକିତ୍ସାଳୟକୁ ପଠାଇଥାନ୍ତେ ଏପରି ବିଶ୍ୱାସ କରିବା ସ୍ୱାଭାବିକ । ଗୋରୁଙ୍କ ଗଳଦେଶରେ ଘା ହେବା ସାଧାରଣ କଥା ଏବଂ ଅନେକ ସମୟରେ ଟୋଟକା ଅବା ସାମାନ୍ୟ ଔଷଧରେ ଆରୋଗ୍ୟ ହୁଏ । ବିଚାରପତି ସ୍ୱଳ୍ପ ପ୍ରସ୍ତାବ ଅଜ୍ଞର ଭୁଲ ବୋଲି ପୁଲିସକୁ ଛାଡ଼ିଦେଲେ ମାତ୍ର ତାହା ଆମ୍ଭମାନଙ୍କ ମନକୁ ଯେଉଁ ନାହିଁ କାରଣ ସାଧାରଣ ଲୋକେ ତାହା ଯେଉଁକାକୁ ପ୍ରସ୍ତୁତ ନୁହନ୍ତି । ପ୍ରକୃତରେ ଅଧିକ ଚଳାଇବାକୁ ଯାଇ ପୁଲିସ ଅନେକ ସମୟରେ ବେଆଇନ କାର୍ଯ୍ୟ କରି ଲୋକଙ୍କୁ ଲାଞ୍ଛନା କରନ୍ତି ଏବଂ ସେମାନଙ୍କ ଅନ୍ୟାୟ କାର୍ଯ୍ୟହେତୁ ଶାସନ ଦେବାର ଆଦେଶ ହେଉଥିଲେ ଅତ୍ୟାଚାରର ମାତ୍ରା ଅନେକ ଊଣା ହୋଇଯାନ୍ତା । ଯାହାହେଉ ଅକ୍ଷୟ ବାବୁ ସାମାନ୍ୟ ଜରିମାନା ଦେବାକୁ ଶ୍ରେୟସ୍କର ନ ମଣି ମୋକଦ୍ଦମା ସାବ୍ୟସ୍ତ ଚଳାଇ ପୁଲିସର ଅନ୍ୟାୟ ଓ ବେଆଇନ କାର୍ଯ୍ୟ ଧରାଇ ଦେଇଥିବାରୁ ସେ ସର୍ବସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଭରସା କରୁଁ ଆମ୍ଭମାନଙ୍କର ସୁଯୋଗ୍ୟ କମିଶନର, ମାଜିଷ୍ଟ୍ରେଟ ଓ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବମାନେ ପୁଲିସକୁ ସମୁଚିତ ଶିକ୍ଷା ଦେବେ ଓ ଭବିଷ୍ୟତରେ ଯେମନ୍ତ କି ପୁଲିସ ଅଧିକ ମାତ୍ର ସାଧାରଣ ଶାନ୍ତିରକ୍ଷା କରିବାକୁ ଯାଇ ଅତ୍ୟାଚାର ନ କରନ୍ତି ସେଥିର ଉପାୟବିଧାନ କରିବେ ।

## JUDGMENT

Emperor V. Bhramara Swain.
Sec. VI Act XI of 90

This is a case of cruelty to aniamals, which has been defended at some length, hence it has taken up more time and requires more careful consideration than most cases of this nature. The prosecution case is that on the 12th July the informant a constable found the accused with two bullocks yoked in a cart in the Naya Sarakh, seeing that the bullocks had yoke galls the constable took them with the cart and the accused to the Thana and gave information to a Sub Inspector. The Sub Inspector sen the whole party to the Veterinary tAssistant who certified that the animals were unfit for use. The Sub Inspector in question, prosecution witness No II, deposes that he noted the fact of the arrival of the bullocks and cart at the Thana in the Station diary but he cannot remember whether he drew up a first information or not. He denies having written the first

Digitized by srujanika@gmail.com

Split by PDF Splitter



information in the record which is dated the 13th July though the arrest took place on the 12th. The defence is that the bullocks were not in use *i. e.* were not yoked in a cart at the time of the arrest. This is borne out by the third prosecution witness a passer-by who states that he witnessed the arrest and that it was only after the arrest that the accused attached the bullocks to the cart; before that, they were unyoked. However this witness's evidence is full of absurdities and his statement must be accepted with caution.

The defence contention is that the bullocks had been brought to Kamini Babu's dispensary in Naya Sarkh for veterinary treatment and that they were not yoked to a cart when the constable took them and the accused into custody. Three witnesses depose to having witnessed the arrest and deny that the bullocks were in a cart at the time. As regards the statement that the bullocks had been brought to Naya Sarkh for treatment, a searching cross-examination of Kamini Babu tended to shake belief in his qualifications as a veterinary practitioner. On the other hand the prosecution did not produce the veterinary Assistant to give evidence of his report that the bullocks were unfit for work, and the prosecutor relies on Kamini Babu's statement that the bullocks were suffering from sores at the time of the arrest to prove their unfitness.

I incline to the view that when the constable arrested the bullocks on the 12th of July, they were not actually employed in traction, and he acted on a bonafide mistake of law. The first information dated 13th July was drawn up after this flaw in the prosecution case had been noted, and the cart was a subsequent introduction. The bullocks may have been used in a cart shortly before the arrest but I do not consider the evidence that the constable actually saw them so used, sufficient. On these grounds I find the accused not guilty and acquit him under section 245 C. P. C.
Enter section 6 Act XI of 90

Sd. J. L. Drummond
Asstt. Magistrate
12-8-09

---

କଲିକତା ପୁଲିସ ଆଇନ ।

କଲିକତା ଓ ସହରତଳିସ୍ଥାନମାନଙ୍କରେ ଯେଉଁ ପୁଲିସ ଆଇନ ଜାରି ଥିଲା ତାହା ପରିବର୍ତ୍ତିତ କରିବା କାରଣ ଗୋଟିଏ ଆଇନର ଖସଡ଼ା ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଆଗତ ହୋଇଥିବାରୁ ସେଥି ସକାଶେ ବଙ୍ଗଳାରୁ ଲଣ୍ଡନ ପର୍ଯ୍ୟନ୍ତ ହୁଲ୍ଲ ଆନ୍ଦୋଳନ ଲାଗିଅଛି ଏବଂ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ କଲିକତାର ନୂତନ ସଂଶୋଧନୀ ସଭା ( New Reform Club ) ଠାରେ ଯେଉଁ ଶେଷ ବକ୍ତୃତା ଦେଇ ଥିଲେ ତହିଁରେ ଉକ୍ତ ଆଇନ କଲିକତାବାସିଙ୍କର ମନ୍ଦ ବନ୍ଦ କରୁଥିବା ଏବଂ ପୁଲିସକୁ ଅଯଥା କ୍ଷମତା ଦିଆଯାଇଥିବା ହେତୁ ଅଶେଷ ଅତ୍ୟାଚାର ଓ ଉତ୍ପାତ ଥିବାର ପ୍ରକାଶ କରିଥିଲେ । ଆମ୍ଭମାନଙ୍କର ସୁପରିଚିତ ଚିଫ୍ ସେକ୍ରେଟେରୀ ଡିଉକ ସାହେବ ମହୋଦୟ ବଛା ( select ) କମିଟିର ରିପୋର୍ଟ ସହିତ ଉକ୍ତ ଆଇନ ଗତ ପୂର୍ବ ସୋମବାର ଦିନ ବ୍ୟବସ୍ଥାପକ ସଭାରେ ଆଗତ କଲା ସମୟରେ କମିଟିରେ ଥିବା ବେସରକାରୀ ସଭ୍ୟମାନେ ପରିଶ୍ରମ ସହକାରେ ସାହାଯ୍ୟ ଦେଇଥିବା ମାତ୍ର ସେମାନଙ୍କ ମଧ୍ୟରୁ ମାନ୍ୟବର ଶ୍ରୀଯୁକ୍ତ ରାଧାଚରଣ ପାଲ ଓ ମାନ୍ୟବର ଶ୍ରୀଯୁକ୍ତ ଦେବପ୍ରସାଦ ସର୍ବାଧିକାରୀ ଆଇନ ବିପକ୍ଷେ ଅଟଳ ଥିବା ବିଷୟ ଲେଖିଥିବାର ପ୍ରକାଶ କଲେ । ସେ କହିଲେ ପୁଲିସ ଆଇନ ଏପରି ହେବା ଉଚିତ ଯେ ତଦ୍ୱାରା ଶାନ୍ତି ଏବଂ ନିୟମ ସଂରକ୍ଷିତ ହେବ । ଅପରାଧ ଏବଂ ଅନିୟମ ତଦନ୍ତ ସମ୍ବନ୍ଧରେ ପୁଲିସର ବର୍ତ୍ତମାନ ବାଧା କମା ଯହିଁରେ ସେମାନେ ଅକର୍ମଣ୍ୟ ହୋଇଯିବେ ଏମନ୍ତ ବସ୍ତୁ ଥିବା ବେସରକାରୀ ସଭ୍ୟମାନେ ବାଞ୍ଛନୀୟ ବୋଲି କହିବେ ନାହିଁ କିମ୍ବା ପୁଲିସ ସ୍ୱେଚ୍ଛାଚାରୀ ହୋଇ ଅତ୍ୟାଚାର କାର୍ଯ୍ୟ କଲେ ଲୋକଙ୍କର ତହିଁପ୍ରତି କୌଣସି ପ୍ରତିକାର ନ ଥିବା ମଧ୍ୟ ସରକାରୀ ସଭ୍ୟମାନେ ସମ୍ମତ ବୋଲି ମଣିବେ ନାହିଁ । ସାଧାରଣର କେତେଦୂର ଯତ୍ନ ହେବ ଏହା ବେସରକାରୀ ମେମ୍ବରମାନେ ଦେଖିବା ସ୍ୱାଭାବିକ ଏବଂ ନ୍ୟାୟସଙ୍ଗତ ମାତ୍ର କର୍ତ୍ତୃପକ୍ଷମାନେ ଅଯୌକ୍ତିକ ଭାବରେ ଅତ୍ୟାଚାର କରିବାକୁ ମେଲ ବାନ୍ଧି ନାନା ଶ୍ରେଣୀ କଥାରେ ଗୁରୁତର ଦଣ୍ଡବିଧାନ କଲେ ଏ ଆଇନ ତାହାର ଏରୂପ ସମସ୍ତ ଆଇନର ଖସଡ଼ା ଅନ୍ୟାୟ ଏବଂ ଅତ୍ୟାଚାର ଜନକରୂପେ ହୋଇଥିବାର ଦେଖା ନ ଯିବା ଅସମ୍ଭବ । ସରକାରୀ ସଭ୍ୟ ଆଇନର ସାଧାରଣ ଅଭିପ୍ରାୟ ଓ ସ୍ୱାଭାବିକ କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ରଖନ୍ତୁ ଏବଂ ପୁଲିସ କର୍ମଚାରୀ ଓ ମାଜିଷ୍ଟ୍ରେଟମାନଙ୍କର କେତେକ ପରିମାଣରେ ସାଧାରଣ ବୁଦ୍ଧି ( Common sense ) ଏବଂ ଯୁକ୍ତିସଙ୍ଗତ ଭାବ ଅଛି ବୋଲି ଧରନ୍ତୁ ମଧ୍ୟ ଏମାନ ସମ୍ପ୍ରଦାୟଠାରେ ନ ଥିବା ବିଷୟ ଧରନ୍ତୁ ନାହିଁ । ଏହି ଆଇନ ଆଗତ ହେବା ପରେ ଅନେକ ସଭା ସମିତିର ମତାମତ ଗ୍ରହଣ କରାଯାଇ ସେମାନଙ୍କର କେତେକ କଥା ଗୃହୀତ ହୋଇଅଛି । ବୋମ୍ବାଇଠାରେ ୧୯୦୨ ମସିହାରେ ଯେଉଁ ପୁଲିସ ଆଇନ ପ୍ରସ୍ତୁତ ହୋଇ ବ ୭ ବର୍ଷ କାଳ ସନ୍ତୋଷ ଜନକରୂପେ କାର୍ଯ୍ୟ କରୁଥିବାର ଦେଖାଗଲା ବର୍ତ୍ତମାନ ଆଇନ ତହିଁର ଅନୁଲିପି ମାତ୍ର । ବୋମ୍ବାଇ ଓ କଲିକତାର ଅବସ୍ଥା, ବାଣିଜ୍ୟର କେନ୍ଦ୍ରସ୍ଥଳ ଏବଂ ବନ୍ଦର ଇତ୍ୟାଦି ସମାନ । ଉଭୟ ନଗରରେ ନାନାବିଧ ଲୋକଙ୍କର ନିବାସ ଏବଂ ଉଭୟେ ଏକପ୍ରକାର ପୁଲିସ ଆଇନଦ୍ୱାରା ଶାସିତ ହେବା ବାଞ୍ଛନୀୟ । କଲିକତାଠାରୁ ବୋମ୍ବାଇରେ ଅପରାଧର ସଂଖ୍ୟା ତିନି ଗୁଣ ଅଧିକ ବୋଲି ଯାହା ବ୍ୟକ୍ତ ହୋଇଅଛି ତାହା ଯଥାର୍ଥ ନୁହେ । ବୋମ୍ବାଇଠାରୁ କଲିକତାର ଲୋକସଂଖ୍ୟା ଅଧିକ ମାତ୍ର ଉଭୟ ନଗରର ପୁଲିସ ଯେତେ ଅପରାଧର ତଦନ୍ତ କରନ୍ତି ତାହା ପ୍ରାୟ ସମାନ । ବରଂ ବୋମ୍ବାଇଠାରୁ କଲିକତାର ପୁଲିସ ତଦନ୍ତ ଅପରାଧର ସଂଖ୍ୟା ଅଧିକ ଅଟେ । ଅପରାଧ ଗୁଡ଼ିକ ବାଛି କରି ଦେଖିଲେ ଅବଶ୍ୟ ଅନେକ ପାର୍ଥକ୍ୟ ଦେଖାଯିବ ମାତ୍ର ଦଣ୍ଡବିଧି ଆଇନ ସମ୍ବନ୍ଧୀୟ ଅପରାଧ ଯେମନ୍ତ କଲିକତାରେ ବୋମ୍ବାଇଠାରୁ ଅଧିକ ସେମନ୍ତ ବୋମ୍ବାଇର ସ୍ଥାନୀୟ ଆଇନ ସମ୍ବନ୍ଧୀୟ ଅପରାଧ କଲିକତାଠାରୁ ଷଷ୍ଠାଂଶ ଅଧିକ ଅଟେ । ବୋମ୍ବାଇର ନୂତନ ଆଇନଦ୍ୱାରା ପୁଲିସ ହଜାର ୨ ଖେଟ ୨ ମୋକଦ୍ଦମାମାନ ସଞ୍ଚୟ ନିଷ୍ପତ୍ତି କରୁଅଛନ୍ତି ମାତ୍ର କଲିକତାରେ ସେ ସବୁ ଦଣ୍ଡବିଧି ଆଇନଦ୍ୱାରା କରିବାକୁ ପଡ଼େ । ଉଭୟ ନଗରର ଅବସ୍ଥା ସମାନଥିବା ଦୃଷ୍ଟିରେ ଏକରୂପ ଆଇନଦ୍ୱାରା ଉଭୟ ନଗରରେ ପୁଲିସ ଶାସନ ପ୍ରଚଳିତ ହେବା କର୍ତ୍ତବ୍ୟ ଥିବା ଇତ୍ୟାଦି କହି ଆପଣାର ବକ୍ତବ୍ୟ ଶେଷ କଲେ । ଗତ ମାସ ତା ୨୫ ରିଖ ପର୍ଯ୍ୟନ୍ତ ଉକ୍ତ ଆଇନର ବିଚାର ସ୍ଥଗିତ ରହିଲା ।—ଗବର୍ଣ୍ଣମେଣ୍ଟ ଯେଉଁ ଆଇନ ଚଳାଇବାକୁ ଇଚ୍ଛା କରନ୍ତି ତହିଁର ଯୌକ୍ତିକତା ପ୍ରତିପନ୍ନ କରିବାକୁ ନାନା ପ୍ରକାର ଯୁକ୍ତିର ଅବତାରଣା କରାଯାଇ ପାରେ ମାତ୍ର ଯେଉଁଠାରେ ଗୋଟିଏ ଆଇନ ପ୍ରଚଳିତ ଥାଇ କାର୍ଯ୍ୟ ସୁଚାରୁରୂପେ ଚଳୁଅଛି ସେଠାରେ ଆଉ ଗୋଟିଏ ତଦପେକ୍ଷା କଡ଼ା ଆଇନ ଚଳାଇବାର ଯୁକ୍ତି କଦାଚ ଲୋକମନକୁ ଶୋଭନ ନାହିଁ । ଅଳ୍ପଦିନ ତଳେ ଆମ୍ଭମାନଙ୍କର ଲେଫ୍ଟେନାଣ୍ଟ ମହୋଦୟ ବ୍ୟବସ୍ଥାପକ ସଭାରେ ଦୋଷୀ ନିର୍ଦ୍ଦୋଷିର ତାରତମ୍ୟ ନ ରହିବାର ବ୍ୟକ୍ତ କରିଥିଲେ ଏବଂ ସର୍ବ ପୁଲିସ ଆଇନର ପରବର୍ତ୍ତିତ ଲୋକଙ୍କ ମନରେ ଆଶଙ୍କା ବଢ଼ାଇଅଛୁ । ପୁଲିସର ବର୍ତ୍ତମାନ ଯେ କ୍ଷମତା ଅଛି ତାହା ସେମାନେ ଅପବ୍ୟବହାର କରୁଥିବା ବିଷୟରେ ବହୁଳ ଦୃଷ୍ଟାନ୍ତ ବିଦ୍ୟମାନ ଏବଂ ବଙ୍ଗଦେଶରେ କେତେକ ଦୁଷ୍ଟ ପାପୀ ଅଶାନ୍ତି ବଢ଼ାଇ ଥିବା ସମୟରେ ପୁଲିସକୁ ସେ କ୍ଷମତା ଅପବ୍ୟବହାର କରିବାର ଅଧିକତର ସୁବିଧା ମିଳୁଅଛି । ହାଇକୋର୍ଟର ନିରପେକ୍ଷ ନ୍ୟାୟପରାୟଣ ବିଚାରପତିମାନଙ୍କର ରାୟ ଦେଖିଲେ ତାହା ନିଃସନ୍ଦେହରୂପେ ପ୍ରମାଣିତ ହେବ । ଏମନ୍ତ ସ୍ଥଳେ ପୁଲିସର କ୍ଷମତା ବଢ଼ାଇବାକୁ

Digitized by srujanika@gmail.com

ନେଇ ପାରିବେ ନାହିଁ । ଅବଶ୍ୟ ଯେ କ୍ଷମତା ପୁଲିଶକୁ ବର୍ତ୍ତମାନ ଆଇନଦ୍ୱାରା ଦିଆଯାଇଅଛି ତହିଁର ସେମାନେ ଉପଯୁକ୍ତ ଥିବା ଏବଂ ଅପବ୍ୟବହାର କରୁ ନ ଥିବାର ଦେଖାଇଥିଲେ ତାଙ୍କର କ୍ଷମତା ନିତାନ୍ତ ପ୍ରୟୋଜନୀୟ ସ୍ଥଳରେ ବଢ଼ାଇବାରେ ଆପତ୍ତି ହୋଇ ନ ପାରନ୍ତା । ଅନ୍ୟଥା ତାହା ଲୋକେ ଅଯୌକ୍ତିକ ବୋଲି ମନରେ କରିବେ । ପ୍ରଧାନ ସେକ୍ରେଟରୀ ମହୋଦୟଙ୍କ ପରି ଅମ୍ଭେମାନେ ପୁଲିଶ କର୍ମଚାରୀ ଓ ମାଜିଷ୍ଟ୍ରେଟମାନଙ୍କର ସାଧାରଣ ବୁଦ୍ଧି ଏବଂ ଯୁକ୍ତିସଙ୍ଗତ ଭାବ ଥିବାର ଅବଶ୍ୟ ଆଶା କରୁ ଏବଂ ଆଇନରେ କ୍ଷମତା ଦିଆଗଲା ବୋଲି ଯେ ସେମାନେ ଅତ୍ୟାଚାର କରିବାରେ ରତ ହେବେ ଏମନ୍ତ ମନେକରିବା ଅସଙ୍ଗତ । ତଥାପି କାର୍ଯ୍ୟତଃ ଯେତେବେଳେ ପୁଲିଶର ଅକର୍ମଣ୍ୟତା ଓ ଅନ୍ୟାୟ ବ୍ୟବହାର ହେତୁ ଅତ୍ୟାଚାର ହେବାର ଦେଖା ଯାଉଅଛି ସେ ସ୍ଥଳେ ତାଙ୍କର କ୍ଷମତା ବଢ଼ାଇବା କଦାପି ଉଚିତ ନୁହେ । ଉକ୍ତ ଆଇନଦ୍ୱାରା ସଭା ସମିତି ହେବା, ନଗର ମଧ୍ୟରେ ସଙ୍ଗ, ବାଦ୍ୟ ଯିବା, ଅଥବା ବା ଜୟଧ୍ୱନି ଉଚ୍ଚାରଣ କରିବା ଇତ୍ୟାଦି ନିଷେଧ ସମ୍ବନ୍ଧେ ପୁଲିଶକୁ ଯେ ଅଭିନବ କ୍ଷମତା ଦିଆଯାଇଅଛି ତାହା ସମୁଚିତ ବୋଲି ଅମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିକୁ ଆସୁ ନାହିଁ । ସୁତରାଂ ଏହି ସମ୍ବନ୍ଧେ କାଉନସିଲ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ଉଚିତ ନୁହେ ସତ୍ୟରେ ଏଥିର କିରୂପ ଫଳ ହେବ ଦେଖାଯିବ ମାତ୍ର ଅମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟ ଆଇନ ପରିବର୍ତ୍ତନ ନ କରିବାହିଁ ଭଲ । ସଦାନୁଭୂତି ପୂରିତ ଶାସନଦ୍ୱାରା ଭାରତରେ ସହଜରେ ଯେଉଁ ସୁଫଳ ଲାଭ ହେବ କଣ୍ଟୁବର୍ଦ୍ଧର ପଦଶ୍ରମଜନକ କଠୋର ଶାସନରେ ତାହା କଦାପି ଫଳିବ ନାହିଁ ।

———

## ଖାସ ବନ୍ଦୋବସ୍ତ ରହସ୍ୟ ।

ଖାସ ବନ୍ଦୋବସ୍ତ ବା ସ୍ୱତ୍ୱଲିପି ସଂଶୋଧନ କାର୍ଯ୍ୟ ସମ୍ବନ୍ଧରେ ଜମିଦାରମାନଙ୍କର ନିଜଚାଷ ସେନ ଯେ ଗୁହାରି ଉପସ୍ଥିତ ହୋଇଅଛି ତାହା ଅବଶ୍ୟ ସନ୍ତୋଷଜନକରୂପେ ନିଷ୍ପତ୍ତି ନ ହେବା ବଡ଼ ଦୁଃଖର ବିଷୟ । ଅମ୍ଭେମାନେ ପୂର୍ବେ କହିଅଛୁ ଯେ କୌଣସି ପ୍ରଜା ମୌରୁସି ଅନାବାଦୀଜମି ଆବାଦ କରିଥିବା ବିଷୟ କହିବା ମାତ୍ରକେ ବନ୍ଦୋବସ୍ତକର୍ତ୍ତା ତାହାର ନାମ କାଗଜରେ ପୂରଣ କରୁଅଛନ୍ତି । ସେ ଜମିଦାରଙ୍କର ଅନୁମତି ନେଇ ଥାଉ ଅବା ନ ଥାଉ ତହିଁ ବନ୍ଦୋବସ୍ତ ହାକିମମାନଙ୍କର ଭଲମାତ୍ର ଦୃଷ୍ଟି ପଡ଼ୁ ନାହିଁ । ଜମିଦାରମାନଙ୍କ କଥା ହାକିମମାନେ ବିଶ୍ୱାସ କରୁ ନାହାନ୍ତି ଏବଂ ପ୍ରଜା ଜଣେ ଜମି ଆବାଦ କରିଥିବା ବିଷୟ କହିଲେ ଯଦି ତାହା ବିଶ୍ୱାସ କରୁଅଛନ୍ତି । ଜଣେ ପ୍ରଜାକୁ ଅନ୍ୟ ଜଣେ ପ୍ରଜା ଅନ୍ୟ ଜମିର ରଇୟତ ହେବା ଲୋଭରେ ହେଉ ଅବା ତାହାକୁ ସାହାଯ୍ୟ କରିବା ଇଚ୍ଛାରେ ହେଉ ଦୁଇପଦ ମିଛ କହିବା ବିଚିତ୍ର ନୁହେ । ମାତ୍ର ସତ୍ୟ କାହା ପକ୍ଷରେ ଅଛି ଏହା ନିର୍ଣ୍ଣୟ କରିବାପାଇଁ ଧୀରତା ଆବଶ୍ୟକ । ବନ୍ଦୋବସ୍ତ ହାକିମଙ୍କୁ ଯେପରି ଭାବରେ କାର୍ଯ୍ୟ ଦେଖାଇବାର ବନ୍ଦୋବସ୍ତ ହୋଇଅଛି ତହିଁରେ ଧୀର ବିଚାର ତାଙ୍କଠାରୁ ଆଶା କରାଯାଇ ନ ପାରେ । ଅଳ୍ପକାଳପୂର୍ବେ ହାକିମମାନଙ୍କର ବିଚାରଗତି ଦେଖି ବାଲେଶ୍ୱର ପ୍ରଧାନ ଜମିଦାର ବାବୁ ରାଧାଚରଣ ଦାସ ଆପଣା ଜମିଦାରୀର କେତେକ ପ୍ରଜାଙ୍କୁ ମାଣ ଦୁଇଟଙ୍କା ହେସାବେ ମଜୁରୀ ଦେଇ ଅନାବାଦୀଜମି ଚାଷ କରିବା କାରଣ ଚୁକ୍ତିପତ୍ର ରେଜିଷ୍ଟରୀ କରି ନେଇଥିଲେ ଏବଂ ଚାଷଖର୍ଚ୍ଚା ଓ ବୀହନ ଆଦି ସମସ୍ତ ଜମିଦାର ଯୋଗାଇବାର ବନ୍ଦୋବସ୍ତ ହୋଇଥିଲା । ସେହି ଜମିମାନଙ୍କର ସ୍ୱତ୍ୱଲିପିର ଖସଡ଼ା ହେବା ସମୟରେ ରାଧାଚରଣବାବୁ ନୂଆ ଲଗାଇ ଜମିମାନ ଆପେ ଆବାଦ କରିଥିବାର କହି ଉକ୍ତ ଦସ୍ତାବିଜ ହାକିମଙ୍କୁ ଦେଖାଇଲେ ମାତ୍ର ହାକିମ ତାହା ଅବିଶ୍ୱାସ କରି ଅନ୍ୟ ପ୍ରଜାଠାରୁ ଛଳପୂର୍ବକ ସେରୂପ ଦସ୍ତାବିଜ ଲେଖି ନେଇଥିବାର ସିଦ୍ଧାନ୍ତ କରି ପ୍ରଜାଙ୍କ ନାମ ଉକ୍ତ ଜମିରେ ରଇୟତ ଥିବା ମର୍ମେ କାଗଜ ପୂରଣ କଲେ । ରାଧାଚରଣବାବୁ ଜଜସାହେବଙ୍କ ନିକଟରେ ଅପିଲ କଲେ ଏବଂ ସାହେବମହୋଦୟ ଦସ୍ତାବିଜ ଦେଖି ସମସ୍ତ ଘଟନା ଉତ୍ତମରୂପେ ବିବେଚନା କରି ଅପିଲ ଡିକ୍ରି କଲେ । ପ୍ରଜାଏ ଉତ୍ତେଜିତ ହୋଇ ଅପିଲପର୍ଯ୍ୟନ୍ତ ଲଢ଼ି ଅବଶେଷରେ ହାରିଗଲେ । ଜମିଦାର ଅବଶ୍ୟ ଧନବନ୍ତଲୋକ । ତାହାଙ୍କ ଖର୍ଚ୍ଚ କଲେ ତାଙ୍କର ବିଶେଷ କ୍ଷତି ନାହିଁ । ମାତ୍ର ଗରିବ ପ୍ରଜା ଆପଣା ପେଟ କାଟି ଏବଂ ଋଣ କରି ଯେଉଁ ପଣକ ଖର୍ଚ୍ଚ କଲା ତାହା ସୁଝିବାକୁ ତାର ହେବନି ଯିବ । ଖାସ ବନ୍ଦୋବସ୍ତ କାର୍ଯ୍ୟଯୋଗେ ପ୍ରଜାଏ ହରବର ହେଉଥିବା ବିଷୟରେ ଏହାଠାରୁ ବଳି ଆଉ କି ଉଦାହରଣ ଦିଆଯାଇ ପାରେ ? ଅନ୍ୟ ଏକ ଜମିଦାରୀରେ ଜମିଦାର ହଳ ବଳଦ କିଣି ଆପଣା ଜମିଦାରୀର ଅନାବାଦୀ ଜମିମାନ ରଇୟତଙ୍କୁ ନ ଦେଇ ସ୍ୱୟଂ ଆବାଦ କଲେ । କୌଣସି ରଇୟତ ତାହା ଚଷି ନ ଥିବାରୁ କେହି ଦାବି କରିବାକୁ ବାହାରିଲେ ନାହିଁ । ବନ୍ଦୋବସ୍ତ ହାକିମ ଲଣ୍ଡଭଣ୍ଡ ହୋଇ ଉପରକୁ ଲେଖିଲେ ମାତ୍ର ବନ୍ଦୋବସ୍ତ କର୍ତ୍ତାଙ୍କ ଆଦେଶ ହେଲା ଯେ ତାହା ଜମିଦାରର ନିଜଚାଷ ହେଲେ ନ ଲେଖି ଅନାବାଦୀ ବୋଲି ସ୍ୱତ୍ୱଲିପିରେ ଲେଖାଯିବ । ସ୍ୱତ୍ୱଲିପି ସଂଶୋଧନ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ଆଇନ ହୋଇ ନାହିଁ ଏବଂ ଯେଉଁ ପ୍ରଜାସ୍ୱତ୍ୱ ଆଇନ କରିବା କାରଣ ଶ୍ରୀଯୁକ୍ତ ମାଡ଼କସ ସାହେବ ମହୋଦୟ ମନୋନୀତ ହୋଇଥିଲେ ତାହାର ନାମ ଗନ୍ଧ ଆଉ ଶୁଣା ଯାଉ ନାହିଁ । ସ୍ୱତ୍ୱଲିପି ସମ୍ବନ୍ଧୀୟ ଆଇନ କରିବାକୁ ଲାଗି ଗତ ବନ୍ଦୋବସ୍ତରୁ ଏ ପର୍ଯ୍ୟନ୍ତ ଜମିମାନଙ୍କର ଅବସ୍ଥା କିରୂପ ପରିବର୍ତ୍ତିତ ହୋଇଅଛି ତାହା ଏବଂ ଗତ ବନ୍ଦୋବସ୍ତର ଭୁଲ ସଂଶୋଧନ କରି ସମସ୍ତ ଶୁଦ୍ଧରୂପେ ଲେଖା ହୋଇ ସ୍ୱତ୍ୱଲିପି ପ୍ରସ୍ତୁତ କରିବା କାରଣ ଗବର୍ଣ୍ଣମେଣ୍ଟ ଆଦେଶ କରି ଏତେ ଖର୍ଚ୍ଚ କରୁଥିବାସ୍ଥଳେ ଯେଉଁ ଅନାବାଦୀ ଜମିମାନ ଜମିଦାର ନିଜ ବ୍ୟୟରେ ଆବାଦ କଲେ ସେହି ଉଠିଆ ଜମିମାନ କିପରି ପୁନର୍ବାର ଅନାବାଦୀ ବା ପଡ଼ିଆ ଜମି ବୋଲି ସ୍ୱତ୍ୱଲିପିରେ ପୂରଣ କରାଯିବ ଅମ୍ଭେମାନେ ବୁଝି ପାରୁ ନାହୁଁ । ଜମିଦାର ଅନାବାଦୀ ଜମି ଆବାଦ କରିବାଦ୍ୱାରା ଅବଶ୍ୟ ତାଙ୍କର ନିଜଚାଷ ଜମିର ପରିମାଣ ବୃଦ୍ଧି ହେବ ମାତ୍ର ତାହା ବୋଲି ଆବାଦୀ ଜମିକୁ ଅନାବାଦୀ ବୋଲି ଲେଖିବା କେମନ୍ତ ନ୍ୟାୟ ? ଯେଉଁ ଜମିଦାରଙ୍କର ଏପରି ଘଟଣା ହୋଇଅଛି ସେ ତହିଁ ବିରୁଦ୍ଧରେ ୧୦୩ କ ଧାରାମତେ ଆପତ୍ତି କରିବାକୁ ଯାଉଅଛନ୍ତି ମାତ୍ର ଅକାରଣ ତାହାଙ୍କୁ ଖର୍ଚ୍ଚାନ୍ତ କରାଇବା ଉଚିତ କି ? ନିଜଚାଷ ସମ୍ବନ୍ଧରେ ସରକାର ଯାହା ବିଚାର କରିବେ ତାହା ଅବଶ୍ୟ ଶିରୋଧାର୍ଯ୍ୟ ହେବ ମାତ୍ର ସେ ବିଚାର ହେବାଯାଏ ଜମିଦାର ଯାହା ନିଜ ଚାଷରେ ଭୁକ୍ତ କଲେ ତାହାକୁ ଅନାବାଦୀ ବୋଲି ଲେଖିବା କଦାପି ନ୍ୟାୟ ସଙ୍ଗତ ବୋଲାଯାଇ ନ ପାରେ । ବର୍ତ୍ତମାନ ଚାଷ ଆବାଦ ସମୟରେ ଜମିଦାରଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଆପଣା କାର୍ଯ୍ୟରେ ଅବସର ପାଉ ନାହାନ୍ତି । ମାତ୍ର ଏ ସମୟରେ ସ୍ଥାନେ ୨ ବନ୍ଦୋବସ୍ତ ହାକିମମାନେ ଶୁଣାଣି କରି ୧୦୩ କ ଦଫାର ଆପତ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଉପସ୍ଥିତ ହେବା କାରଣ ନୋଟିସ ଛାଡ଼ିଅଛନ୍ତି । ଯାଏ କାର୍ଯ୍ୟ ସକାଳେ ଉପସ୍ଥିତ ରହିବା କାରଣ ଯେଉଁ ନୋଟିସ ଜାରି ହେଉଅଛି ତହିଁରେ ମିଆଦ ନାହିଁ । କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ହେବାକୁ ହେବ ଏବଂ ତ୍ରୁଟି କଲେ ଦେବାନୀ କାର୍ଯ୍ୟବିଧି ଆଇନ ମତେ ଜରିମାନା ହେବ । ଦେବାନୀ କାର୍ଯ୍ୟବିଧି ଆଇନଟା ପରିବର୍ତ୍ତିତ ହୋଇ ଏ ବର୍ଷ ଆରମ୍ଭରୁ ନୂତନ ଆଇନ ଚଳୁଅଛି ମାତ୍ର ନୋଟିସମାନଙ୍କରେ ପୁରୁଣା ଆଇନର ୧୬୪ ଦଫା

Digitized by srujanika@gmail.com

Split by PDF Splitter



ଉତ୍କ୍ଷେପ ହୋଇ ଜାରି ହେଉଅଛୁ । ବନ୍ଦୋବସ୍ତ ହାକିମଙ୍କ ପକ୍ଷେ ବୋଧ ହୁଏ ସୁବିଧା ଥାଉନଥିଲା ଶୁଣୁଥିବ ! ଫଳତଃ ବନ୍ଦୋବସ୍ତ ହାକିମମାନେ ଦେବାନୀ ଅଦାଲତର ଯାଏ ମାତ୍ର ତାହାନ୍ତି । ତାଙ୍କ ବିଚାର କରାନ୍ତି ସମ୍ବନ୍ଧ ଓ ଦେବାନୀ ଅଦାଲତର ଅନୁପଯୁକ୍ତ ବୋଲି ହାଇକୋର୍ଟ ସୁଦ୍ଧା କହୁଅଛନ୍ତି । ମାନ ଲକ୍ଷ୍ମୀ ନ ବେଲକୁ ଅଧିକର ଅଣନ୍ତ କିଆଯାଉଅଛୁ ଏବଂ ଏଠାର ଶାନ୍ତି ରକ୍ଷାରୁ ଲୋକେ ଉନ୍ନତର ଉପସ୍ଥିତ ରହୁଅଛନ୍ତି । ଅମ୍ଭେମାନେ ପଚାରୁଁ ଏ ସବୁ ବିଷୟ କ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟିରେ ଆସିବ ନାହିଁ ?

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଡେ। ମା: ଓ ଡେ। କଲେକ୍ଟର ବାବୁ ବୈଦ୍ୟନାଥ ମିଶ୍ର ଅଧିକା ଏକମାସ ଛୁଟି ପାଇଲେ ।

ଯାଜପୁରର ଏ: ସବ୍‌ରେଜଷ୍ଟ୍ରାର ବାବୁ ବିନୋଦବିହାରୀ ଦେ ଅଧିକା ଏକମାସ ଛୁଟି ପାଇଲେ ।

ବାବୁ ଜଗଦୀଶନାଥ ପାଲ ବି, ଏ, ଶିକ୍ଷାନବିସ ସବ୍‌ରେଜଷ୍ଟ୍ରାର ନିଯୁକ୍ତ ହୋଇ କଟକ ସଦର ସବର ମହକୁମାରେ ଅବସ୍ଥିତ ହେଲେ ।

ବାବୁ ଯୋଗେଶଚନ୍ଦ୍ର ଚକ୍ରବର୍ତ୍ତୀ କଟକ ମେଡ଼ିକାଲ ସ୍କୁଲର ଡାକ୍ତର ପରୀକ୍ଷାରେ ଦ୍ୱିତୀୟ ବିଭାଗରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଗତ ତା ୧୭ ରିଖ ଶେଷ ହେବା ସପ୍ତାହରେ କଟକରେ ୦.୮୩, ବାଲେଶ୍ୱରରେ ୧.୦୮, ଅନୁଗୁଳରେ ୧.୦୦, ପୁରୀରେ ୦.୧୧ ଓ ସମ୍ବଲପୁରରେ ୧.୬ ଇଞ୍ଚ ବର୍ଷା ହୋଇଥିଲା ।

ଗତ ତା ୧୭ ରିଖ ଶେଷ ହେବା ସପ୍ତାହରେ ଚାଉଳର ଦର ସେର କଟକରେ ସେ ୧୧୯/, ବାଲେଶ୍ୱରରେ ସେ ୧୧୩, ଅନୁଗୁଳରେ ସେ ୧୪୩, ପୁରୀରେ ସେ ୧୮ ଓ ସମ୍ବଲପୁରରେ ସେ ୧୬୮ ।

---

### ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ।

ଆଗାମୀ ସୋମବାର ପ୍ରାତଃ ସାଢ଼େ ୮ଟା ସମୟରେ ଏଠା ଟାଉନହଲରେ ମୃତ ସାର ଓଡ଼ିଆ ଦେଶୀୟ କୃଷି ସମିତିର ସାଧାରଣ ସଭା ହେବ ।

ଅମ୍ଭମାନଙ୍କ ମାନନୀୟ କମିଶନର ଗତ ସପ୍ତାହରେ ବାଲେଶ୍ୱର ଗମନ କରିଥିଲେ । ଗତ ବୁଧବାର ଫେରି ଆସିଅଛନ୍ତି ।

ଏଠା ଚଉଧୁରୀବଜାର ମୁସଲମାନ ମହଲ୍ଲାରେ ପୋଖରୀରେ ଗତ ସୁକ୍ରବାର ବାଳକ ବାଳିକା ଗୋ ୨ ଟି ଜଳରେ ବୁଡ଼ି ପ୍ରାଣ ହରାଇଅଛନ୍ତି ।

ଏଠା ବାଙ୍କ ବଜାରି ସବୁର ମିଆଁ ପ୍ରେସ ମଦନ କହିଥିବା କରୁଥିବା ଅପରାଧରେ ଗତ ମଙ୍ଗଳବାର ଡେ। ମା। ବାବୁ ମନ୍ମଥନାଥ ମଣ୍ଡଳଙ୍କ ନିକଟରେ ୭ ସପ୍ତାହ କଏଦଦଣ୍ଡ ପାଇଅଛୁ ।

ବାଙ୍ଗାଲୀ ଇସ୍କୁଲର ବ ୧୨ ବର୍ଷର ଜଣେ ବାଳକ ନ ୦ ୩ ର ବାଙ୍ଗୀ ହାଇ ସ୍କୁଲର ଏଠା ନୟାସଡ଼କରୁ କେତେ ଗଣ୍ଡ ଚୋରି କରିଥିବା ଅପରାଧରେ ଗତ ମଙ୍ଗଳବାର ଡେ। ମାଃ ଶ୍ରୀଯୁକ୍ତ ବ, ଏନ ସାହୁଙ୍କ ନିକଟରେ ମା ୦ ସ କଏଦଦଣ୍ଡ ପାଇଥିଲା । ମାଜିଷ୍ଟ୍ରେଟ ସାହେବଙ୍କ ଆଦେଶମତେ କଲିକତା ରିଫରମେଟରୀ ସ୍କୁଲରେ ପଢ଼ିବା କାରଣ ବ ୪ ବର୍ଷ ସକାଶେ ପଠାଗଲା ।

### ହେନ୍ଦ୍ରାପଡ଼ା ସମ୍ବାଦ ।

ପ୍ରାୟ ଦୁଇ ସପ୍ତାହ ହେଲା ଏତଦଞ୍ଚଳରେ ବର୍ଷା ସଙ୍ଗେ ସାକ୍ଷାତ ନାହିଁ ଅଧିକ ଏଣେ ଦେଶେ ଖରା ହେଉଥିବାରୁ ଉଚ୍ଚ ଜମି ସବୁ ଶୁଷ୍କ ହୋଇ ଗଲାଣି । ଶୀଘ୍ର ବୃଷ୍ଟି ନ ହେଲେ ବଡ଼ ଅନିଷ୍ଟର ବିଷୟ ।

ଏତଦଞ୍ଚଳରେ ଯେ ସମସ୍ତ ମୌଜାରେ କେନାଲ ଜଳ ଦରକାର ଅଛି ଉକ୍ତ ସମସ୍ତ ମୌଜା ମଧ୍ୟରୁ କ ପଣ ମୌଜାର ପ୍ରଜାମାନେ ଅଦ୍ୟାପି ଜଳ ନ ପାଇ ହା ହୁତାଶ କରୁଅଛନ୍ତି ।

ଏ ବର୍ଷ ଏ ସବ୍‌ଡିଭିଜନର ଅଧିକାଂଶ ସ୍ଥାନରେ ଦୁର୍ଗନ୍ଧ ଛଡ଼, ଅଛି ପ୍ରାୟ ଜୌନକିରେ ଶୋକଶା ର ନଷ୍ଟ ହୋଇ ନାହିଁ । ଅଧିକ ଉଦାମବାୟୁ ଜମିରେ ଏଥର ଫସଲ ହୋଇଥିବ ।

ଗତ ସପ୍ତାହଠାରୁ ଏଥର ଜଳାବନ୍ତ ଅଧିକ ହୋଇ ଅଛି ଉଦ୍ଧରୁ ମଫସଲର ଜୌନାର୍ଘ୍ୟ ଖାଲରେ ଯାନ ଗମନ ଟିକିଏ ଶସ୍ତା ହୋଇଅଛି ।

ଗତ ସପ୍ତାହରେ ଅତ୍ରତ୍ୟ ଶ୍ରୀଯୁକ୍ତ ସବଡିଭିଜନଲ ଅଫିସର ମହୋଦୟ ଏକ୍ସପ୍ରେସରେ ଅନ ଅଞ୍ଚଳରେ ଜଳପଥେ ଯାତ୍ରା କରିଥିଲେ । ବଡ଼ ଦୁଃଖର ବିଷୟ ଯେ ବାତୁଳୀ ନଗରେ ଅଫିସର ମହୋଦୟଙ୍କ ବୋଟରେ ଏକ ମାଝିକୁ କୁମ୍ଭୀର ମାରି ପକାଇଅଛି ଏବଂ କୁମ୍ଭୀରଟା ନଦୀ ଉତ୍ତମଧ୍ୟରେ ମାଡପଡ଼ିଅଛି

### ଯାଜପୁର ସମ୍ବାଦ ।

କଳାମାଟିଆ ପ୍ରଗଣା ତତ କାଇପଡ଼ା ମୌଜାର ହୁରପ ଖଲର ସ୍ତ୍ରୀ ଏକ ପୁତ୍ର ପ୍ରସବ କରିଥିଲା ତାହାର ଚକ୍ଷୁ ନାକ ତକ୍ଷ ଓ ମୁଖହାତ ଅଛି ତାହାର ପ୍ରଧାନ ମୁଣ୍ଡର ମଝିରେ ଶୃଙ୍ଗଗୋଟି ଜାତ ହୋଇଥିଲା ଓ ସନ୍ତାନ ଭୋଗ ଘ ୭ ଟା ସମୟ ଜୀବିତ ହୋଇ ବଳା ଘ ୧୨ ଟା ପର୍ଯ୍ୟନ୍ତ ବଞ୍ଚି ରହି ଥିଲା ଉକ୍ତ ଅଦ୍ଭୁତ ସନ୍ତାନକୁ ଦେଖିବାନିମିତ୍ତ ପ୍ରାୟ ଶହ ଶହ ଲୋକ ଦୂରରୁ ଲୋକମାନେ ଯାଇ ଦେଖି ଅଛନ୍ତି ଏପରି କିମ୍ପା ଓ ଚତୁର୍ଦ୍ଦିଗ ସନ୍ତାନ ଜନ୍ମ ହେବାର କେବେ ଦେଖା ନ ଥିଲା ।

କଳାମାଟିଆ ଗ୍ରାମର ଗୋବର୍ଦ୍ଧନ ପଣ୍ଡା ନାମକ ଏକ ଘରଡ଼ର ମଝିରେ ଗୋଟିଏ ବଣ୍ଡାରଘୁର ମୌଜାର ନଜିରୁଦ୍ଦିନ ଖାଁ ପ୍ରଭୃତି କେତେକ ମୁସଲମାନ ଗତ ଶନିବାରଦିନ ଏକ ବାଛି ମହୁଣୀ କ୍ଷେତ୍ରରେ କଣେ ଗଉଡ଼ବାସ ମାରିଲ ପର୍ଯ୍ୟନ୍ତ ଅଡ଼ାଇ ଆଣିଥିଲେ ସମ୍ମୁଖ ନଗର ,କାର୍ତ୍ତିକ ଏକ ଅନ୍ୟବର୍ଗରେ ପନ୍ଥର ଉପର ଉକ୍ତ ମହୁଣୀ ଆଉ ନ ଯିବାରୁ ତାକୁ ସେ ଗଉଡ଼ ଅନେକ ପ୍ରହାର କଲା ତହୁଁ ସେ ମହୁଣୀ ବଗଡ଼ୋଇ ଉକ୍ତ ଗଉଡ଼କୁ ଅପଣା ଶିଙ୍ଗରେ ଉଠାଇ ତଳେ ପକାଇଦେଲା ତାହାଉପରେ ଚଢ଼ିଯିବାରୁ ତାହାର ଗଳ ଅଗାଡ଼ିରେ ଗାଡ଼ ହୋଇ ପେଟ ଫାଟିଯାଇ ସେ ସେହିଠାରେ ତତ୍‌କ୍ଷଣାତ୍ ମରିଗଲା ଓ ମହୁଣୀ ଅପଣା ଗୋଠକୁ ଚାଲିଗଲା ।

ବୋଲଙ୍ଗାମ ପ୍ରଗଣା ରତନପୁର ମୌଜା ବାଡ଼ାଟ'ଗ ତାହାର ପୁରୁଣା ଖାଇବାକୁ ଚିଠି ମାରପଡ଼ାଇବାରୁ ଚୌକିଦାର ତାକୁ ବାନ୍ଧି ଯାଜପୁର ପୁଲିସ ଷ୍ଟେସନକୁ ନେଇ ଆସିବାରେ ସବୁ । ତା ୧୨ ରିଖରେ ଚୌକିଦାରଠାରୁ ୧୦୦ ଗଜ ଉଠି ଥିଲା ଗ୍ରାମକୁ ଯାଇ ସେ ଘମ୍ଭୁ ଡାକ୍ତରମାନଙ୍କ ସକାଶେ ପଠାଇ ଦେଲେ ବଳାବାସ ପାଗଳାମୀ ପ୍ରକାଶ କରି କେତେବେଳେ କଣ କରୁଅଛି ତାହାର ଠିକ ନାହିଁ ଓ ସେ ଘେଲଖାନା ମଧ୍ୟରେ ଉଦଦ୍ଦୃନ ପର୍ଯ୍ୟନ୍ତ ଜଳଗ୍ରହଣ ନ କରିବାରୁ ଶ୍ରୀଯୁକ୍ତ ସବଡି : ମାଜିଷ୍ଟ୍ରେଟ ମୌଖିକ ଭ କ୍ତରମାନଙ୍କ ସକାଶ କଟକ ପଠାଇ ଦେଇଅଛନ୍ତି ।

ଶ୍ରୀଯୁକ୍ତ ବାବୁ ଗଣଭୂଷଣ ଗଙ୍ଗାଧର ଡେପୁଟି ମାଜିଷ୍ଟ୍ରେଟ ଅବକାଶ ଗ୍ରହଣ କରି ଏଠାରୁ ଯାଇଥିବାରୁ ଏଠାକାର ମୋକ୍ତାର ମଣ୍ଡଳିଙ୍କ ଉଦ୍ଯୋଗରେ ଗତ ଅଗଷ୍ଟମାସ ତା ୧୬ ରିଖ ମଙ୍ଗଳବାରଦିନରେ ଶ୍ରୀଯୁକ୍ତ ବାବୁ କୃଷ୍ଣପ୍ରସାଦ ହିନ୍ଦୁ ଓକିଲ ମହାଶୟଙ୍କ ବସାରେ ଏକ ବିଦାୟ ଭୋଜ ହୋଇଥିଲା ଉକ୍ତ ଭୋଜ ସଭାରେ ଏଠାକାର ଭାବଗ୍ରାହୀ ଅଫିସର, ଓକିଲ, ଅମଲା, ଜମିଦାର ଓ ଭଦ୍ରଲୋକମାନେ ଆମନ୍ତ୍ରିତ ହୋଇଥିଲେ ସନ୍ଧ୍ୟାଠାରୁ ରାତ୍ର ଘ ୧୨ ଟା ପର୍ଯ୍ୟନ୍ତ ନାନାପ୍ରକାର ଆମୋଦ ପ୍ରମୋଦ ଓ ଗୀତ ବାଜଣା ହୋଇ ଅଭ୍ୟାଗତେ ଶ୍ରୀଯୁକ୍ତ ଙ୍ଗୀ ବାବୁଙ୍କୁ ବୋଧ୍ୟ ବିଦାୟ କଲେ ।

### ସାଧାରଣ ସମ୍ବାଦ

ଏହି ମାସର ପ୍ରଥମ ସପ୍ତାହରେ ନେପାଳରେ ବନ୍ୟା ହୋଇ ନାନାପ୍ରକାର କ୍ଷତିହୋଇଅଛି । ନଦୀ ବଢ଼ି ହେବାରୁ ବନ୍ଧ ଭାଙ୍ଗିଯିବାର ଆଶଙ୍କା ହେବାରୁ ଲୋକେ ଅଗତ୍ୟା ସାବଧାନ ହୋଇ ରହିଥାଇଥିଲେ ଏବଂ ସୌଭାଗ୍ୟକ୍ରମେ ବନ୍ଧ ଭାଙ୍ଗି ବଡ଼ ଭାଙ୍ଗିବାରୁ କୌଣସି ଲୋକ ନଷ୍ଟ ହୋଇ ନାହିଁ । ଏହାର ମଧ୍ୟରେ ଦେଶ ଦଶଫିଟ ପାଣି ହୋଇଗଲା ଏବଂ ଅନେକ ଲୋକେ ଗଛରେ ବା ଘରରେ ଉଠି ପ୍ରାଣ ବଞ୍ଚାଇଥିଲେ । ଗୋରୁ, ମଇଁଷି ଏବଂ ଗୃହପାଳିତ ପଶୁ ମରିବାର ସୀମା ନାହିଁ । କଟକ ଛୁଏ ପ୍ରାୟ ଦୁଇମାସ କାଳ ଘରର ମଧ୍ୟରେ ପାଣି ରହିବ । ହାକିମମାନେ ବୋଟରେ ବସିଥିଲେ କରୁଅଛନ୍ତି ଏବଂ ଗାଈ ଓ ଚାଉଳ ମହକୁମାର କାର୍ଯ୍ୟ ସବୁ ବୋମତରେ ହେଉଅଛି ।

ପାରସ୍ୟର ପଦଚ୍ୟୁତ ସାହ ୧୫୦୦୦ ପାଉଣ୍ଡ ବାର୍ଷିକ ବୃତ୍ତି ପାଇଲେ ତଥାପି ତା ୧୬ ରିଖରେ ସେ ରାଜ୍ୟଛାଡ଼ି ଯିବା ସକାଶେ ସ୍ୱୀକୃତ ହୋଇଥିବାର ସମ୍ବାଦ ମିଳିଲା ।

ଇଟାଲୀର ବସ୍ତାନ ଶ୍ରେଣୀଭୁକ୍ତ ବ୍ୟୋମଯାନ ଯୋଗେ ଜ ୦ ଣ ଅଶ୍ୱାରୋହୀ ସହିତ ଅଲପ୍ସ ପର୍ବତ ଅତିକ୍ରମ କରିଥିବାର ସମ୍ବାଦ ମିଳିଲା । ଏହାଙ୍କ ବ୍ୟୋମଯାନ ଆକାଶମାର୍ଗରେ ୧୨୦୦୦ ଫିଟ ଉଚ୍ଚକୁ ଉଠିଥିଲା । ଜର୍ମାନୀ ରାଜ୍ୟରେ ମଧ୍ୟ ସେହିପରି ଉନ୍ନତ ଲୋକେ ବ୍ୟୋମଯାନଦ୍ୱାରା ଜର୍ମାନୀ ସୀମା ଅତିକ୍ରମ କରି ରୁଷିଆ ରାଜ୍ୟରେ ପହଞ୍ଚିଥିଲେ । ୟୁରୋପର ନାନା ସ୍ଥାନରେ ବର୍ତ୍ତମାନ ବ୍ୟୋମଯାନ ଗଠନ ହେଉଅଛି ଏବଂ ଅଳ୍ପଦିନେ ତହିଁର ସଂଖ୍ୟା ବହୁତ ବଢ଼ିଯିବାର ଅନୁମାନ କରାଯାଏ । ଏମାନଙ୍କ ଉଦ୍ୟମ ଓ ଅଧ୍ୟବସାୟ ଅତୀବ ପ୍ରଶଂସନୀୟ । ଅମ୍ଭେମାନେ କେବେ ସଙ୍ଗେ ବ୍ୟୋମଯାନ ଦର୍ଶନ କରିବା ଅମନୁଷ୍ୟ ହୋଇ ଯାଉଅଛୁଁ ।

ଅଯୋଧ୍ୟାରେ ଅଳ୍ପଦିନରେ ଏକ ରେଲଗାଡ଼ିର ପ୍ରଥମ ଶ୍ରେଣୀର ଅରୋହୀମାନେ ମୁକ୍ତକଣ୍ଠ ଉପରୁ ଗାଡ଼ିମଧ୍ୟରେ ଗୋଟିଏ ଟିଣପେଡ଼ି ପଡ଼ି ରହିଥିଲା । ତାହାକୁ ଖୋଲି ଦେଖିବାରେ ତହିଁ ମଧ୍ୟରେ ଏକ ଛିନ୍ନମୁଣ୍ଡ ଯୁବକର ମୃତ ଶରୀର ଓ ତାହା ଖଣ୍ଡ ଖଣ୍ଡ ହୋଇଥିବାର ଦେଖାଗଲା । ପୁଲିସ ଏଥିର ତଦନ୍ତ କରୁଅଛନ୍ତି ।

ଗଞ୍ଜାମ ବ୍ରହ୍ମପୁରଠାରେ ମାଳକଣ୍ଠ ପୁଷ୍ପବାଟିରେ ଜଣେ ଗୀରୋକ ରୁଢ଼ ମରୁଥିବାର ଦେଖି ସେଠା ସବ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପନ୍ତଲୁ ପାଣିରେ ଡେଇଁ ତାହାକୁ ଉଦ୍ଧାର କରିଥିବାର ସମ୍ବାଦ ମିଳିଲା । ଏହାଙ୍କ ସାହସ ପ୍ରଶଂସନୀୟ ।

ଗତ ମାସ ତା ୧୦ ରିଖ ଦିନ ବଢ଼ି ସମୟରେ କଲିକତାଠାରେ ସନ୍ଧ୍ୟା ବେଳରେ ଜଣେ କେଉଟ ମାଛଧରି ଜାଲ ଟାଣିବା ସମୟରେ ବଡ଼ ପଡ଼ିବାରୁ ସେ କଷ୍ଟରେ ଠିଆହୋଇ ରହି ମହିମାରେ ପଡ଼ିଗଲା ଏବଂ ସଙ୍ଗୀମାନେ ଯାଇ ଦେଖିଲେ ଯେ ତାହାର ପ୍ରାଣବାୟୁ ବାହାରି ଯାଇଅଛି । ବୈଦ୍ୟୁତିକ ସ୍ରୋତ ତାହା ଛତ ପୋଡ଼ି ପକାଇଥିବାର ଦେଖାଗଲା ।

କଲିକତାଠାରେ ଜଣେ ଲୋକ ଲୋକ ସମ୍ମାନ ନ ପାଇ ଗୁଡ଼ିଆ ଦୋକାନକୁ ଅଭିଯୋଗ ଦେଇ ସିଆଳ ଖାଇବା ଅପରାଧରେ ପୁଲିସ କର୍ତ୍ତୃକ ଚାଲାଣ ହୋଇଥିଲା । ବିଚାର ସମୟରେ ସେ ଅପରାଧ ସ୍ୱୀକାର କରିବାରୁ ମାଜିଷ୍ଟ୍ରେଟ ତାହାକୁ କଠୋର ସଜିବା ପାଏ ଅଟକ ରଖି ସ୍ୱଦେଶୀ ଘଟଣା ଘଟିବା ହେତୁ ତାହା ସରଠାରୁ ବିଦାୟ କରିଦେଲେ । ଏ ବିଷୟ ଯଥାର୍ଥ ହୋଇଅଛି ।

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମହାଶୟ !

ଆଗାମୀ ତାରିଖ ୨୨ ୧୯୦୧ ମସିହା ସେପ୍ଟେମ୍ବର ମାସ ତାରିଖ ମଙ୍ଗଳବାରେ ଅତ୍ରତ୍ୟ କଟକ ସହରସ୍ଥ ପ୍ରସିଦ୍ଧ ଚୌଧୁରୀ ଶ୍ରୀ ଶ୍ରୀ ଧର୍ମାଧିକାରୀ ଜୀଉଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଥିବାର ୨ୟ ବାର୍ଷିକ ଉତ୍ସବ ନିର୍ବାହିତ ହେବ ।

ଧର୍ମପ୍ରାଣ ହିନ୍ଦୁମାନଙ୍କର ଅମୃତଭି ନିମିତ୍ତ ଉକ୍ତ ଅନୁଷ୍ଠାନ ଯେ ଏକାନ୍ତ ଆଦରଣୀୟ ଏବଂ ମନଃପ୍ରାଣରେ ପାଳନୀୟ ଏଥିରେ ତାହାର ଦ୍ୱୈଧମତ ହୋଇ ନ ପାରେ । ସହରବାସୀ ଓ ମୋଫସଲ ବାସିଙ୍କ ପକ୍ଷେ ମହାମାୟାଙ୍କ କୃପାକୁ ଲଭି ପାଇବାପାଇଁ ଏକ ସୁବିଧାରେ ଚଣ୍ଡୀ; ଶ୍ରୀମଦ୍‌ଭାଗବତ, ଭଗବଦ୍‌ଗୀତା, ବେଦ ଓ ଶିବସହସ୍ରନାମ ଆଦି ପାଠ ଓ ଯଜ୍ଞ, ହୋମ, ନାମସଂକୀର୍ତ୍ତନ ଓ ବ୍ରାହ୍ମଣ ଭୋଜନାଦିରେ ଯେ ଅଶେଷ ପୁଣ୍ୟ ଲାଭ ଓ ଐହିକ ପାରତ୍ରିକ ସୁଖ ଲାଭ ହୁଏ ଏହା ବୋଲିବା ବାହୁଲ୍ୟ ମାତ୍ର ।

ଉକ୍ତ ଶୁଭକାର୍ଯ୍ୟରେ ସହରବାସିଙ୍କଠାରୁ ଆରମ୍ଭ କରି ମୋଫସଲର ରଜା—ଜମିଦାର ବାସିଙ୍କ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସହାନୁଭୂତ ଓ ଆନୁକୂଲ୍ୟ ଏକାନ୍ତ ଆବଶ୍ୟକ । ଏମନ୍ତ କି ଏକ ପଇସାଠାରୁ ଆରମ୍ଭ କରି ଶତ ମୁଦ୍ରା ପର୍ଯ୍ୟନ୍ତ ବ୍ୟକ୍ତି ବିଶେଷର ଶକ୍ତ୍ୟନୁଯାୟୀ ଅର୍ଥ ସାହାଯ୍ୟ ଓ ଉଦାରତା ଯେ ସତ୍‌କାର୍ଯ୍ୟରେ ମହାଫଳ ପ୍ରଦାନ କରେ ଏହା ନିଃସନ୍ଦେହ ।

ବଶମ୍ବଦ

ଶ୍ରୀ ଦଣ୍ଡପାଟର ଭକ୍ତବୃନ୍ଦ
ଶ୍ରୀ ରଘୁନାଥ ଦାସ ଓଗେର

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଉମାକାନ୍ତ ଦାସ ମହାପାତ୍ର ମଙ୍ଗଳପୁର | | ୫ ॥ |
| „ ପଦ୍ମାନନ୍ଦ ସେନାପତି | ମଧୁରଙ୍ଗ | ୫ ॥ |
| „ ଘନଶ୍ୟାମ ସାହୁ | ଚିକଟିଗଡ | ୫ ॥ |
| „ ଯଦୁନନ୍ଦନ ମଙ୍ଗରାଜ | ଗଡ଼ଅମାଲ | ୫ ॥ |
| ସେକ୍ରେଟେରୀ ପୁବ୍ଲିକ ସମିତି | ବୌଦ | ୫ ॥ |
| ଶ୍ରୀ ବାବୁ ବନମାଳୀ ସାହୁ | ଖୋର୍ଦ୍ଧା | ୫ ॥ |
| „ ପୂର୍ଣ୍ଣଚନ୍ଦ୍ର ଦାସ | ଉପରଗଡ | ୫ ॥ |
| „ ସଦାନନ୍ଦ ବେହେରା | କଟକ | ୫ ॥ |
| ବଳରାମ ମିଶ୍ର | ଢେଙ୍କାନାଳ | ୫ ॥ |
| „ ଲକ୍ଷ୍ମୀନାରାୟଣ ପଣ୍ଡା | ସୁନ୍ଦରଗଡ଼ | ୫ ॥ |
| କାଳୀଚରଣ ଦାସ | ଜଗତସିଂହପୁର | ୫ ॥ |
| „ ରଘୁନାଥ ଦାସ | ବାଲେଶ୍ୱର | ୫ ୧ |
| ବିଶ୍ୱନାଥ ଦାସ | ଯାଜପୁର | ୫ ॥ |
| „ ବୈଷ୍ଣବଚରଣ ଜେନାମଣି | ନରସିଂହପୁର | ୫ ॥ |
| ବାସୁଦେବ ମିଶ୍ର | ବାଙ୍କୀ | ୫ ॥ |
| ମହେନ୍ଦ୍ରନାଥ ମହାନ୍ତି | ବାଲିମୁଣ୍ଡା | ୫ ॥ |
| „ ଜାଦବେନ୍ଦ୍ର ପରିଡ଼ା | କପିଳପୁର | ୫ ୧ |
| „ ରାମଚନ୍ଦ୍ର ପାଇକରାୟ | ଆଳି | ୫ ॥ |


FRESH ! GENUINE !! RELIABLE !!!
Seeds Seeds Seeds

### ନବ ବର୍ଷର ନୂଆ ଆମଦାନୀ ଫୁଲ ଓ ପନିପରିବା ବୀଜ !!!

୪ ବର୍ଷରୁ ଉର୍ଦ୍ଧ୍ୱ କାଳରୁ ପ୍ରାୟ ଉକ୍ତ ବୀଜ ପଠାଉଅଛୁ । ତାହାରେ ଅଗ୍ରେ ଯେପରି ବୀଜର ଉତ୍ପାଦିକା ଶକ୍ତି ନଷ୍ଟ ହେବାର ଭୟ ଓ ଆଶଙ୍କା ନାହିଁ ।

ପ୍ରତି ତୋଳା ବୀଜର ମୂଲ୍ୟ—କଲବୋବ—ଅର୍ଲିହୋଲ୍ଡଣ୍ ୫ ୦ ୵; ଦଡ଼. ଇଜିପ୍ଟିନ ୫ ୦ ।, ବ୍ଲଡରେଡ୍ ୫ ୦। ବଣ୍ଟାକପି, ଓଲ୍ଡକଫିଲ୍—ନାଇଜେରୀ ୫ ୧, ଫୁଲକପି ଟଲବ ଇମହେଡ୍—ନମୁନାବ ପର ସୁବିହିତ ୫ ୧, ଆନାବ ଇମହେଡ୍ ୫ ୧, ରେଡ ଉଡ୍—ଗଲ ବନ୍ଧା କପି ୫ ୧, ସାଭିୟ—ଡାର୍ଫ ଜପି ୫ ୧, ଅର୍ଲିଫ୍ଲାଟ୍ ୫ ୧, ଫ୍ଲାଟ୍‌ଡଚ୍ ୫ ୧; ଗାଜର, ଅଲ୍‌ସାର୍ଟ ୫ ୦ ।, ଷଡେନ୍ ଭ୍ୟାନଗର୍ଡ ୫ ୦ ।; ଓଲକପି, ଅର୍ଲିହ୍ୱାଇଟ ୫ ୦, ଉର୍ଦ୍ଧ୍ୱ ପର୍ପଲ ୫ ୨, ଏକ୍‌ଷ୍ଟ୍ରା ଅର୍ଲି ୫ ୧, ଶ୍ୱେତବଲ ୫ ୧।, ଅଟମ କାଲ୍ଟାନ୍ ୫ ୧, ପାଲଙ୍କ କଲବ ୫/, ଅଲକାବି ୫/ ସେଲେରୀ, ଶୋଷ ।; ଲ୍ୟାଣ୍ଡ୍ରେଥର କ୍ରିକ୍ଟ ସେଲେରୀ ବାର-ଗଣ୍ଡ ୵; ପାର୍ସେ ।; ଓଲକପି ସାଦା ୵; ଗିନ ୵; ଲଲ ୵ ଲେଟ୍ ୵; ଚେଡ଼ସ୍ କ୍ରେଶୀ, ଗ୍ରୀନ୍‌ପଣ୍ଡ ।; ରେଲଜେଟପଡ଼ । ତିଅଳସାଦା ୵; ଲଲ ୵; ମୂଳା ଅମେରିକାର—ଲଂ ହୋଆଇଟ ସାଦା ।; ଲଂ ବ୍ଲାକ୍—କଳା ।; ଲଂ ଗ୍ରାଇଲେଟ୍—ଲଲ ।; ଚନାମୂଳା—ଲଲ ଗୋଲାପ ।, ଦେଶୀମୂଳା କାଠର ୵; ସ୍କୋୟାସ—ମ୍ୟାମଥ, ଶ୍ୱେତ କୋଇଲା ୵, ପାମକିନ—ସବୁଜ ଲଉ ୵; ଟମାଟୋ—ବଡ଼ଲାଲ, ଟେନେଟେନ୍ ୵; ଲ୍ୟାଣ୍ଡ୍ରେଥର ଡେଇଲିକ ୵; ସାଲଗମ; ସ୍ନୋ ହୋଆଇଟ ଗ୍ଲୋବ ।; ଅମ୍ବର ଗ୍ଲୋବ ।; ଗୋଲ୍ଡେନ—ବଲ ।; ଲଙ୍କା ଅମେରିକାର ସବୁଜ ।; ପ୍ୟାକେଟ ଫୁଲବୀଜ—ଷାର୍ଣ୍ଣ ଇନ ମାର୍କେଟ ୫ ୵; ଅର୍ଡିନାରି; ସ୍ୱର୍ଣ୍ଣଗୋଲ କେମ୍ବ୍ରିଜସର ୵; ଅପର; ମଟର—ଅମେରିକାର ମ୍ୟାମଥ ପଲଡ଼ଙ୍ଗ ମାଲବର୍ଣ୍ଣର ବ୍ରଡସାଇଡ ୫ ୧; ୪ ଡୁବକ ଗାର ବୀଜ, ତୋଳା ୵; ପାଉଣ୍ଡ ୨; ଫୁଲବୀଜ ୮ ଏବଂ ୧୨ ରକମର ୧୦ ଏବଂ ୨୫ ମାତ୍ରର ସେଟ ।

ମ୍ୟାନେଜର—। ଦି । ହାଓଡ଼ା ପ୍ଲାଣ୍ଟ ଏଣ୍ଡ ସିଡ୍‌ଷ୍ଟୋରସ
୧୧୪ ନମ୍ବର ଖୁରୁଟରୋଡ୍ ହାଓଡ଼ା ।

R. K. Shaw, F. R. H. S,
(Lond) *Manager.*
The Howrah Plant & seed stores,
114 Khooraot Road, Howrah
Bengal.



CUTTACK AYURBEDIA LABORATORY

### ଜଗଦ୍‌ବିଖ୍ୟାତ ସ୍ୱର୍ଣ୍ଣ ଘଟିତ ଦ୍ୱାରକାନାଥ ସାଲସା ।

ପ୍ରବଳ ରକ୍ତପରିଷ୍କାର, ଧାତୁଦୌର୍ବଲ୍ୟ ନାଶକ, ଅଗ୍ନିଦୀପକ ଓ କୋଷ୍ଠ ପରିଷ୍କାରକ, ଏହା ସେବନ କଲେ ଉପଦଂଶ ବା (ଗରମି) ରକ୍ତଦୁଷ୍ଟି, ବାତରକ୍ତ ଏ ପାରଦ କୁଷ୍ଠ ରୋଗାଦି ସମ୍ପର୍କରେ ଉତ୍ପାଟିତ ହୁଏ, ପ୍ରବଳ ଗ୍ରହଣୀ, ଶୂଳ, ଶ୍ୱାସ, କାଶ, କ୍ଷୟ, ମେହ, ମୂତ୍ରକୃଚ୍ଛ୍ର ପ୍ରଭୃତି ରୋଗରେ ଅତ୍ୟାଶ୍ଚର୍ଯ୍ୟ ଫଳଦାୟକ, ପାଣ୍ଡୁରୋଗ, ଦୂଷିତ କ୍ଷତ, ବାଘି, ନାଳିଘା, ଦୁର୍ବଳତା, ଚର୍ମ ଦାଗ ପ୍ରଭୃତି ବିନାଶ କରିବାରେ ଅତି ଅବ୍ୟର୍ଥ । ବାୟୁରୋଗୀ, ଭଗ୍ନସ୍ୱାସ୍ଥ୍ୟ, ଦୁର୍ବଳ, କୃଶ, ସ୍ତ୍ରୀ ପୁରୁଷ ବାଳକ ବାଳିକାମାନେ ଏହାକୁ ନିର୍ଭୟରେ ବ୍ୟବହାର କରିପାରନ୍ତି । ଏହା ଅତ୍ୟନ୍ତ ପୁଷ୍ଟିକାରକ, ତେଜ ଓ ବଳ ବର୍ଦ୍ଧକ ।

ଏକ ଶିଶିର ମୂଲ୍ୟ ଟ ୨ (ଦୁଇଟଙ୍କା)
ତିନିଶିଶି ପୂର୍ଣ୍ଣ ବଡ଼ବୋତଲ ମୂଲ୍ୟ ଟ ୫॥ (ସାଢ଼େ ପାଞ୍ଚଟଙ୍କା)

ଅଗ୍ନିଯୋଗ ପଟି ବାଘି ବସାଇବାକୁ ଅତି ଅବ୍ୟର୍ଥ ।

ପ୍ରତି ଡବା ଟ ୦ ୵ (ଅଠଅଣା) ମାତ୍ର ।

### ଚନ୍ଦନାଦି ଗୁଟିକା ।

ଗନୋରିଆ ବା ପ୍ରମେହର ଜ୍ୱାଳା ଯନ୍ତ୍ରଣା ସ୍ଫୀତି, ଉତ୍ତାପ, ବେଦନା, ପୂଜ ରକ୍ତ ପଡିବା ପ୍ରଭୃତି ଉପଦ୍ରବମାନ ୨ ୪୮ ଘଣ୍ଟା ମଧ୍ୟରେ ନିଶ୍ଚୟ ନିବାରିତ ହେବ, ଯେପ୍ରକାର କଠିନ ଗନୋରିଆ ହେଉ ନା କାହିଁକି ଚନ୍ଦନାଦି ଗୁଟିକା ବ୍ରହ୍ମାସ୍ତ୍ର ପରି କାର୍ଯ୍ୟ କରିବ ।

ଏକ ଡବାର ମୂଲ୍ୟ ଟ ୨ (ଦୁଇଟଙ୍କା)

### ବୀର୍ଯ୍ୟସ୍ତମ୍ଭୀ ଯୋଗବାହିନୀ ।

ଏହା ସ୍ନାୟବିକ ଦୌର୍ବଲ୍ୟ, ଇନ୍ଦ୍ରିୟ ଶୈଥିଲ୍ୟ ଶୁକ୍ର ତାରଲ୍ୟ ପ୍ରଭୃତି ରୋଗରେ ଅତି ଅବ୍ୟର୍ଥ ମହୌଷଧ, ଜରାଜୀର୍ଣ୍ଣ ବୃଦ୍ଧ ସୁଦ୍ଧା ଏହା ସେବନ କଲେ ଯୁବାଙ୍କ ପରି ବଳ ବୀର୍ଯ୍ୟ କାନ୍ତି, ପୁଷ୍ଟି ଲାଭ କରନ୍ତି । ଏହା ଜଳବତ୍ ତରଳ ଶୁକ୍ରକୁ ଗାଢ଼ କରେ, ସ୍ୱପ୍ନଦୋଷ ନିବାରଣ କରେ । ଇନ୍ଦ୍ରିୟର ଶକ୍ତି ନଷ୍ଟ ହେଲେ ଏହା ସହିତ ଶ୍ରୀ ଗୋପାଳ ତୈଳ ମାଲିସ କରିବାକୁ ହେବ ।

ଯୋଗବାହିନୀ ପ୍ରତିଡବା ଦୁଇଟଙ୍କା ।
ଶ୍ରୀଗୋପାଳତୈଳ ପ୍ରତିଶିଶି ଦୁଇଟଙ୍କା ।

### ଯକୃତ ପ୍ଲୀହା କାଳାନଳ ।

ମାଲେରିଆ ଜ୍ୱର, ପାଳିଜ୍ୱରର ଓ ଅତି କଠିନ ଯକୃତ୍ ଓ ପ୍ଲୀହା ରୋଗର ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ଏକଡବା ଆଠଣା ମାତ୍ର ।

### କର୍ପୂରାରିଷ୍ଟ ଓ ରହିଦ୍ରାବକ ।

ଏହି ଔଷଧଦ୍ୱାରା ପ୍ରାୟ ଦଶସହସ୍ରାଧିକ ଲୋକର ପ୍ରାଣରକ୍ଷା ହୋଇଅଛି । ସୁତରାଂ ଓଲାଉଠାର ଏହା ଅତି ପରୀକ୍ଷିତ ପ୍ରତିଷେଧକ । ପ୍ରତି ଗୃହସ୍ଥଲୋକଙ୍କର ଏହା ଗୃହରେ ରଖିବା ଉଚିତ । ସର୍ବପ୍ରକାର ଆମାଶୟ, ଅତିସାର, ଗ୍ରହଣୀର ଅତି ଉତ୍କୃଷ୍ଟ ଔଷଧ ।

କର୍ପୂରାରିଷ୍ଟ ପ୍ରତି ଶିଶି ଟ ୦ ୵ (ଅଠଅଣା)
ରହିଦ୍ରାବକ ଏକଶିଶି ଟ ୧ ୧ (ଏକଟଙ୍କା)

କବିରାଜ ଶ୍ରୀ ହରପ୍ରସନ୍ନ ବିଦ୍ୟାଭୂଷଣ
ତତ୍ତ୍ୱାବଧାୟକ
ଆୟୁର୍ବେଦୀୟ ଲେବୋରେଟରୀ
ପୋଷ୍ଟଅଫିସ ଚାନ୍ଦିନୀଚୌକ କଟକ ।

ଅର୍ଡ଼ର ସହିତ ଔଷଧର ମୂଲ୍ୟ ଅଗ୍ରିମ ପଠାଇଲେ ଆଉ ଡାକମାସୁଲ ଦେବାକୁ ହେବ ନାହିଁ ।

Split by PDF Splitter



# NOTICE.

WANTED.

A Sub-Inspector of Vaccination on a pay of Rs. 25 and a fixed allowance of Rs. 5 per month. None need apply who has not duly passed from the Medical school, Cuttack. Applications with copies of testimonials will be received up to 7th September. Candidates must state their age and past services.

Nayagarh Supdts' office, 23-8-09. — G. Mahanti. Superintendent Nayagarh.

---

Wanted an Assistant Head-Master on Rs. 30-P. M. for the Middle English School at Bhawanipatna, Kalahandi state. None need apply who has not passed the Matriculation Examination of the Calcutta University and does not possess good knowledge of Uriya literature and ability to manage a Middle English School and Guru Training Classes. Preference will be given to those who have passed the mastership Examination in English according to the Bengal system. Applications with copies of testimonials will be received by the undersigned till 10th September 1909.

J, K, Tripathi
Superintendent
Kalahandi state
Bhawanipatna
Via- Sambalpur

---

## ବିଜ୍ଞାପନ ।

ନରସିଂହପୁର ଜନସତ୍ତ୍ୱ ବାଳକାବିଦ୍ୟାଳୟ ସକାଶ ଜଣେ ଶିକ୍ଷୟିତ୍ରୀ ମାସିକ ଟ ୧୫ ବେତନରେ ଆବଶ୍ୟକ, ଏବଂ ସେ ମଧ୍ୟ ଗଡ଼ସର୍କାରଙ୍କ ଜନା ଅଡ଼ାରେ ବାସସ୍ଥ ପାଇବେ, ଏବଂ ସ୍କୁଲର ଉନ୍ନତି ଦେଖାଇଲେ ଭବିଷ୍ୟତରେ ଦରମାବୃଦ୍ଧି ହେବାର ହୋଇପାରିବ । ଟ୍ରେନିଂ ସ୍କୁଲର ପରୀକ୍ଷୋତ୍ତୀର୍ଣ୍ଣା ଓ କିଣ୍ଡରଗାର୍ଟେନ ଶିକ୍ଷା ଜାଣିଥିବା ଶିକ୍ଷୟିତ୍ରୀଙ୍କର ଆବେଦନ ଗ୍ରାହ୍ୟ ହେବ । ପ୍ରଶଂସା ପତ୍ର ସହିତ ଦରଖାସ୍ତମାନ ଆଗାମୀ ତା ୩୧ ରଖ ମଧ୍ୟରେ ଆମ୍ଭପାଖକୁ ପଠାଇବା ବାଞ୍ଛନୀୟ ।

S. C. M. H. Mahapatra.
Rajah and Feudatory Chief of Narsingpur.
14-8-09 Narsingpur Raj office.

## ADVERTISEMENT.

—o—

Wanted a temporary mohorrir on Rs 15 per month for record arrangement work in my office. Applications with testimonial will be received upto 5th September next.

Angul Dy. Commr's office 25 8 09 — H. K. Mullick. for Dy. Commissioner Angul

---

# NOTICE.

In supersession of the notice of 20-8-09 appearing in the issue of the 21st instant, the public are hereby informed that Ismail Haji Mohamed Attas, administrator to the estate of late Haje Mohamed Attas Haji Cassim, had contracted with Haji Tar Mohamed Ayub through his agent Abdulla Issa to sell the Bungalow No. 22 situate in Cuttack Cantonment ground near Sadar Post Office in front of the Cantonment Musjed together with the right to the land on which the house stands, belonging to the above Haji Mohamed Attas Haji Cassim deceased for Rs 4050. But the above named Haji Tar Mohamed Ayub having, without sufficient and good reasons, refused to purchase the same a letter was sent to the said Haji Tar Mohamed Ayub on 16-6-09 to the effect that the said property would be sold by public auction and deficit, if any, would be realized from him accordingly. I am authorized by the above mentioned Ismail Haji Mohamed Attas to sell the property to the highest bidder by public auction at the risk of the above named Haji Tar Mohamed Ayub. The auction would take place in the said premises at 10. A. M. on sunday the 5th September 1909. The purchaser shall have to deposit 10. P. C. immediately the bid is knocked down, the balance payable within 8 days.

Cuttack 25—8—09 — Hashim Alymohamed Commission Agent.

## ଉତ୍କଳଦୀପିକା ।

### THE CALCUTTA POLICE BILL IN BENGAL COUNCIL.

The recommitment of the Calcutta Police Bill to the Select Committee on last Wednesday in the Bengal Council marks a new era in the history of that Legislative body. We are not aware of any instance in the past history of legislation in Bengal, where in deference to public criticism and a public desire for more consideration a Bill was recommitted to the Select Committee at a meeting of the Council summoned to pass it. Sir Edward Baker came to Belvedere when anarchism and sedition threatened to bring about a state of insecurity all over the Province. The country was in need of a ruler with a strong personality. Sir Edward's reputation promised him equal to the occasion and he has redeemed the promise of his reputation and fulfilled the expectation of the people by the proceedings of the Bengal Council last Wednesday. The strength of the present Government will not perhaps be appreciated in the official Circle. The officials have their own definition of strength and courage. The generality of officials believe that any deference shown to public opinion means loss of official prestige. Prestige is the last refuge of obstinate ignorance. The man who is physically weak declines to measure strength with others. The athelete travels in quest of his equals to measure strength with. It requires commendable moral strength to be able to conquer one's self. The man who conquers others is a soldier, but he is not fit to be a ruler unless he can also conquer his own self. Alexander was a conqueror; but we know he wept because there was not another world to conquer. He could not conquer an unreasonable desire, and history has accorded to him the palm of a conqueror and not of a ruler.

The Calcutta Police Bill, it was said, was an adoption of the Bombay Police Act. Its expeditious passage through the Council was explained by reference to the fact that the provisions of the Bill had worked satisfactorily in Bombay. But the Bill contains some provisions which are not to be found in the Bombay Act. These provisions arm the Police with powers for the control and prohibition of public meetings, speeches and processions. If there is any justification for these additional powers to the Police, that must be sought in the recent acts and situations having political significance. Anarchism and sedition must be

Digitized by srujanika@gmail.com

Split by PDF Splitter



wiped out of the country. There is no difference of opinion on this subject between the Government and the people. The facts brought to public notice go to show that some immature youths have worked themselves up to a state of fanaticism which is hardly distinguishable from insanity. This fanaticism is traceable to movements which, if conducted in a right spirit and with the help of judicious means, would have advanced the prosperity of the country and thus would have been a cause of rejoicing to the Government and the people alike. But unfortunately the leaders of these movements did not foresee the disastrous results which experience has since forced upon them. There has, within the last few weeks, been an appreciable change in the attitude of the people towards the anarchist and the seditionist. Just at this critical moment it would have been inexpedient and impolitic to pass a measure which in any degree curtails the rights of the people.

There is no doubt there are some hair-brained youths inoculated with the dangerous serum of anarchism. But their number must be small; and the present attitude of the public, who have grown wise by experience, towards them has driven them to dark holes of oblivion, whence they can be hounded and hunted down by the people sooner and more effectively than by the Police. If on the contrary our estimate of their number and influence is incorrect, and they are growing in number and breaking fresh grounds, more severe measures than the Bill contains are necessary.

The Bill contains provisions of a preventive nature. There ought to be a line of difference between measures intended to punish an offender and measures meant to prevent the commission of an offence. The former affects the offender and therefore has the support of the innocent and peaceful citizens who form the majority of the population; the latter is fraught with a probable risk to the innocent and therefore meets with resentment from the public. Preventive measures are extreme, and are justifiable only when an offence has the sympathy and support of an appreciable portion of the population. The facts which have hitherto been brought to light do not justify an impeachment of the loyalty of any appreciable portion of the population of Calcutta. If the Bill had been passed at the last sitting of the Council it would have produced the following effects:—

(1) It would have weakened the motives of the public to co-operate with Government in putting down sedition and anarchism.

(2) It would have given the sedition-monger a fresh ground of attack against Government.

(3) It would have by implication impugned the loyalty of a large section of the influential community.

It would have on the whole aggravated the evil which it was meant to repress.

We cannot too strongly impress on our countrymen the necessity of co-operation with Government in weeding out anarchism and sedition so that when the Bill comes up again before the Council there would be no necessity for additional powers to the Police of the kind referred to above.

## LOCAL SELF-GOVERNMENT.

We request the attention of our readers to the word "Local". The conditions of life in no two countries are alike. These, at any particular period of a nation's history, are the accumulated result of the diverse forces, and motives which acted upon or actuated the ancestors of the individuals composing the nation at the period under discussion. No two individual faces are alike; no two individual lives are exactly alike; no two brains reason alike; no two hearts feel alike. The mother knows her twins. Two lives might make the nearest approach to one another, but like the asymptotes of a parabola they never meet, though at every step they come nearer. Judges arrive at the same conclusion, but by different process of reasoning. The feelings of the father and mother differ, at least in intensity, if in nothing else, on the death of a child. No two things are exactly similar in nature. Divine creative power is infinite and avoids duplicates. Nature is replete with originals; she makes no duplicates. But there is a latent homogeneity amidst this heterogeneity. The former lies below and the latter on the surface. Human progress lies in the discovery of points of agreement between the objects and phenomena of nature. This observation is the basis of classification and generalisation, and these in their turn lead to science. Legislation is a science, administration an art. Science studies the forces and the resources of nature with an eye to impress them to the service of man. The forces of nature are too powerful for man. Man cannot vanquish nature, so he dare not go into war with her. He therefore studies her laws, just as a child studies the disposition of its angry mother, in order to coax her to receive it into her arms. Even so is legislation: it is the science of controlling the millions living under a Government with an eye to the progress of the country. The task is more difficult than in the case of physical forces, for man has intelligence which physical forces have not. The art of Government may be likened to lion taming. The lion tamer studies the habits, the likes, the dislikes, the weakness, and the passions of the king of the forest and formulates his plans of capture and subjugation. The analogy ought to be of some interest to the student of the cardinal principles which must underlie legislation. Legislation is a science. The initial step in its study should be the evolution of homogeneity out of heterogeneity in human nature—an enunciation of all likes, dislikes, passions, feelings, energies and activities of human nature with an eye to the discovery of a common basis by a renunciation of the heterogenous elements. The points of agreement between different countries of the world and life under different political conditions furnish a common basis for the formulation of general principles of legislation for the control and government of mankind in general.

Those principles have found acceptance among all civilized nations of the world, and do not find a place among the problems before us. All the problems before us are connected with local conditions of life.

The main cause of discontent with British administration is traceable to the fact that we are ruled by a foreign nation. Owing to the ignorance of the ruling race, local conditions do not receive their due share of attention in the Legislative councils. In India the difficulties on the score of local conditions are greater than in other countries. The difficulty of popular representation is in direct ratio to the complexity of the social fabric of a nation. The more complex the community the greater the difficulty of finding points of agreement. Heterogeneity is a prominent characteristic of Indian life. The caste system, the difference of religion are alive as disintegrating forces.

The common basis for representation and legislation has to be worked out of this chaotic state of things. In England the common basis is the interest of the people. Those who are interested in labour find in it a common basis. Those who have interest in land find in that a motive for cohesion. They have learnt to disregard differences which in India we are anxious to accentuate. It seems we have not yet been able to from a right conception of the functions of a Legislative assembly. Legislation cannot enter the sacred domains of religion or invade the precincts of social life. Representation based on these principles will result in the selection of the wrong men. The man, who is imbued with a spirit of toleration in matters relating to religion and social life, and who can therefore discover a community of interest below the heterogeneity on the surface possess, a qualification which is not

Digitized by srujanika@gmail.com

likely to be appreciated in the present state of things. Government have accepted the religious basis. The remedy lies in the hands of the people; and the eventual success or failure of the comming reform will depend on the amount of serious attention the people are able to devote to a study of the principle of representation and the duties and obligations of the representative.

---

ଗତ ତା ୧୯ ରିଖରେ ଶେଷହେବା ସପ୍ତାହରେ ଭାରତର ଅଧିକାଂଶ ସ୍ଥାନରେ ବର୍ଷାର ବଳ ଅତ୍ୟନ୍ତ ଊଣାଥିଲା । କେବଳ ଆସାମ, ବଙ୍ଗ, ଛୋଟନାଗପୁର, ମହୀଶୂର, ମାନ୍ଦ୍ରାଜର ଉତ୍ତର ସ୍ଥଳ ଓ ଦକ୍ଷିଣ ମାନ୍ଦ୍ରାଜରେ କଥିତ ପରିମାଣ ବର୍ଷା ହୋଇଥିଲା । ପଞ୍ଜାବ ଛଡ଼ା ଉତ୍ତର ପୂର୍ବଭାରତ ଓ ମଧ୍ୟଭାରତରେ ଅଦୌ ଜଳ ହୋଇ ନ ଥିଲା ।

---

ଗତ ତା ୧୪ ରିଖରେ ଶେଷ ହେବା ସପ୍ତାହରେ ପୂର୍ବ ବଙ୍ଗରେ ୭ ଯୁକ୍ତ ପ୍ରଦେଶରେ ୧୮୦୨୪ ଓ ବମ୍ବେରେ ୧୩ ଗାଏ ୧୮୧୨୪ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ପୂର୍ବସପ୍ତାହର ଅଙ୍କ ୧୮୧୧୭ ଥିଲା । ଏଥିରୁ ଦେଖାଯାଏ ଯେ ଯୁକ୍ତପ୍ରଦେଶ ଛଡ଼ା ଭାରତର ଅନ୍ୟ କୌଣସି ପ୍ରଦେଶରେ ଦୁର୍ଭିକ୍ଷ ସଙ୍କଟା ହେବ ନାହିଁ ।

---

ଗତ ତା ୧୪ ରିଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୧୨୫୧ ଜଣ ମରି ଯାଇଅଛନ୍ତି । ତହିଁ ପୂର୍ବ ସପ୍ତାହର ଅଙ୍କ ୯୦୫ ଥିଲା । ବୃଦ୍ଧି ସାମାନ୍ୟ ଓ ତାହା ବମ୍ବେ ଓ ଯୁକ୍ତପ୍ରଦେଶରେ ଘଟିଥିଲା । ପଞ୍ଜାବ ପ୍ରାୟ ରୋଗମୁକ୍ତ ହୋଇଅଛି ।

---

କଲିକତା 'ଇଣ୍ଡିଆନନେସନ' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଏନ, ଏନ, ଘୋଷ ମହାଶୟ ପରଲୋକ ଗମନ କରିଥିବାରୁ ତାଙ୍କର ସ୍ମୃତି ରକ୍ଷାର୍ଥେ ଗତ ତା ୧୭ ରିଖ ସନ୍ଧ୍ୟା ସମୟରେ ଷ୍ଟାର ଥିଏଟର ଗୃହରେ ଏକ ସଭା ହୋଇଥିଲା । ରାଜା ବିନୟକୃଷ୍ଣ ଦେବ ସଭାପତିର ଆସନ ଗ୍ରହଣ କରିଥିଲେ । କଲିକତା ହାଇକୋର୍ଟର ଭୂତପୂର୍ବ ବିଚାରପତି ସାର ଗୁରୁଦାସ ବାନାର୍ଜ୍ଜୀ ମହୋଦୟ ପ୍ରଭୃତି ଅନେକ ମାନ୍ୟଗଣ୍ୟ ଲୋକେ ସଭାସ୍ଥଳରେ ଉପସ୍ଥିତ ଥିଲେ । କଲିକତାର ଟାଉନ ହଲରେ ମୃତ ମହାତ୍ମାଙ୍କର ଗୋଟିଏ ପ୍ରସ୍ତରମୂର୍ତ୍ତି ଏବଂ ତାଙ୍କର ସ୍ମୃତି ନିମନ୍ତେ ଗୋଟିଏ ପଦକ ତଥା ଛାତ୍ରବୃତ୍ତି ସ୍ଥାପିତ ହେବାର ସ୍ଥିର ହୋଇଅଛି ।

---

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଗତ ଜୁନମାସର ଜନ୍ମ ଓ ମୃତ୍ୟୁର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା ଯଥା :—

| | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୪୯୨୪ | ୩୬୮୨ |
| ବାଲେଶ୍ୱର | ୩୪୦୮ | ୨୧୫୭ |
| ପୁରୀ | ୩୦୫୦ | ୨୭୪୯ |
| ସମ୍ବଲପୁର | ୧୯୬୨ | ୧୧୦୨ |

ଉପରଲିଖିତ ମୃତ୍ୟୁ ମଧ୍ୟରେ କେବଳ ପୁରୀରେ ଓଲଉଠା ମୃତ୍ୟୁ ଅଧିକ ଯଥା ୨୧୭ ଓ କଟକ ଓ ବାଲେଶ୍ୱରରେ ଅଳ୍ପ ସାମାନ୍ୟ ଥିଲା । ସମ୍ବଲପୁରରେ ଅଦୌ ଏ ରୋଗ ନ ଥିଲା ।

---

ବଙ୍ଗ ପ୍ରଦେଶର ବର୍ତ୍ତମାନ ଯେଉଁ ସରକାରୀ ଶଣର ତାଲିକା ବାହାରିଅଛି ତହିଁରୁ ଦେଖାଯାଏ ଯେ ଗତବର୍ଷ ୩୨୫୨୦୦ ଏକର ଭୂମିରେ ଅଖୁଷ ହୋଇଥିବା ସ୍ଥଳେ ଏ ବର୍ଷ ଆଖନ୍ଦର ଭୂମି ୩୫୩୭୦୦ ଏକର ଅଟେ । ଏହା ସମ୍ବଲପୁର ଓ ସାନ୍ତାଳ ପ୍ରଗନାରେ ହାରାହାରି ଫସଲରୁ ଲେଖେ ଅଧିକ ହୋଇଥିଲା । ବାଲେଶ୍ୱର, ଅନୁଗୁଳ, ରାଞ୍ଚି ଓ ପାଲାମୋର ଉପୁନ ହାରାହାରି ସଙ୍ଗେ ସମାନ, କପାଶ ହୋଇଥିବା ଭୂମିର ପରିମାଣ ଏ ବର୍ଷ ଗତବର୍ଷ ଠାରୁ ବହୁତ ଅଧିକ ହୋଇଅଛି । ଗତ ବର୍ଷ ପ୍ରଥମ ଦଫା ଫସଲ ୩୧୨୩୦ ଏକର ଭୂମିରେ ହୋଇଥିବା ସ୍ଥଳେ ଏ ବର୍ଷ ତହିଁର ପରିମାଣ ୩୪୧୯୩ ଏକର ଅଟେ । ଖାଦ୍ୟ ମଧ୍ୟରେ ଗୁଡ଼ ଏବଂ ପିନ୍ଧିବା ମଧ୍ୟରେ କପାସୂତା ପ୍ରଧାନ । ସୁତରାଂ କପା ଓ ଅଖୁଷ ଦେଶର ଉନ୍ନତି ପକ୍ଷେ ପ୍ରଧାନ ଉପାୟ ଅଟେ । ଏଥିପ୍ରତି ବିଶେଷ ମନୋଯୋଗୀ ହେବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

---

ମାନ୍ଦ୍ରାଜର ଗବର୍ଣ୍ଣର ମହୋଦୟ ଗତ ଫେବୃୟାରୀ ମାସରେ ଛତ୍ରପୁରଠାରେ ବିଜେ କରିଥିବା ସମୟରେ ସେଠା ଉତ୍କଳୀୟ ପ୍ରଜାମାନେ ଯେଉଁ ଆବେଦନ ପତ୍ର ସାହେବ ମହୋଦୟଙ୍କ ସମୀପରେ ଅର୍ପଣ କରିଥିଲେ ତହିଁରେ ମହାମାନ୍ୟ ମହୋଦୟ ଆଦେଶ ଦେଇଅଛନ୍ତି ଯେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା (Entrance) ପରୀକ୍ଷା, ମାନ୍ଦ୍ରାଜ ଅଞ୍ଚଳର ମାଟ୍ରିକୁଲେସନ (Matriculation) ପରୀକ୍ଷାର ସମାନ ବୋଲି ଗଣ୍ୟ ହେବ ଏବଂ ଉତ୍କଳୀୟମାନଙ୍କ ଇଚ୍ଛାନୁସାରେ ସରକାରୀ ଚାକିରି ଦିଆଯିବ ମଧ୍ୟ ମାନ୍ଦ୍ରାଜର ସରକାରୀ ଛାତ୍ରବୃତ୍ତି ଯେନ କୌଣସି ଓଡ଼ିଆ କଟକର ରେଭେନ୍ସା କଲେଜରେ ପଢ଼ି ପାରିବେ । ଏ ସୁଖବର ହେଲୁ ଅମ୍ଭେମାନେ ମାନ୍ଦ୍ରାଜ ଗବର୍ଣ୍ଣର ମହୋଦୟଙ୍କୁ ସର୍ବାନ୍ତଃକରଣରେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଏ ଆଦେଶଦ୍ୱାରା ଯେ ଉତ୍କଳୀୟଙ୍କର ଗୋଟିଏ ବହୁକାଳର ଦୁରାଶା ଅନ୍ତର୍ହିତ ହେଲା ବୋଲିବା ବାହୁଲ୍ୟ ।

---

ଗତ ବୁଧବାର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଏକ ଅଧିବେଶନ ହୋଇଥିଲା ଏବଂ ତହିଁରେ କଲିକତା ପୁଲିସ ଆଇନର ପାଣ୍ଡୁଲିପି ବିଚାର ଏବଂ ପାସ ହେବାର କଥା ଥିଲା । ବଡ଼ ଭୟ ଥିଲା ଯେ ଜନସାଧାରଣର ଘୋର ଆପତ୍ତିର ସତ୍ତ୍ୱେ କେବଳ ସରକାରୀ କର୍ମଚାରୀ ଦଳର ମତାନୁସାରେ ଆଇନଟା ପାସ ହୋଇଯିବ । ବଡ଼ ସୁଖର ବିଷୟ ଯେ ତାହା ହେଉ ନାହିଁ । ବ୍ୟବସ୍ଥାପକ ସଭାର ବେସରକାରୀ ସଦସ୍ୟ ଏବଂ ସାଧାରଣ ସଭା ସମିତିର ଆପତ୍ତିମାନ ବଳ ଯୋଗ ହୋଇ ସେହି ପାଣ୍ଡୁଲିପି ସିଲେକ୍ଟ କମିଟିଙ୍କୁ ପୁନର୍ବିଚାର ନିମନ୍ତେ ପଠା ଯାଇଅଛି ଏବଂ ଏଥିପାଇଁ ବଙ୍ଗର ଛୋଟଲାଟ ସାର ବେକର ବାହାଦୁରଙ୍କର ପ୍ରଶଂସା ଧ୍ୱନି ଚତୁର୍ଦ୍ଦିଗରେ ବ୍ୟାପିଅଛି । ପ୍ରକୃତରେ ତାହାଙ୍କର ନ୍ୟାୟ ବିଚାରପ୍ରିୟ ଲୋକଙ୍କର ବିଶ୍ୱାସ ଅନେକ ଗୁଣ ବଢ଼ିଅଛି । ଆଶା କରୁଅଛୁ ଏଥର କମିଟିରେ ପାଣ୍ଡୁଲିପିର ଆପତ୍ତିଜନକ ଧାରାମାନ ସଂଶୋଧିତ ହେବ ।

—*—

ସମ୍ବଲପୁର ମ୍ୟୁନିସିପାଲ କମିଟୀ ସେଠାରେ ପ୍ରଚଳିତ ଥିବା ମ୍ୟୁନିସିପାଲ ଆଇନ ଅନୁସାରେ ପଶୁବଧ ଏବଂ ମାଂସ ବିକ୍ରୟ ବିଷୟରେ ଏକ ନିୟମାବଳୀ ପ୍ରସ୍ତୁତ କରିଅଛନ୍ତି ଏବଂ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ତାହା ମଞ୍ଜୁର ହୋଇ ଗତ ତା ୩ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେହି ନିୟମାବଳୀର ମର୍ମ ଏହି କି ଛେଳି, ମେଣ୍ଢା ଓ ଏ ସମସ୍ତର ଛୁଆ କେବଳ ମ୍ୟୁନିସିପାଲିଟିର ନିର୍ମିତ କସାଇଖାନାରେ ସକାଳ ଘ ୭ ଓ ୧୦ ଘା ମଧ୍ୟରେ ସୁପ୍ରେଣ୍ଟଙ୍କ ପରୀକ୍ଷା ଉତ୍ତାରୁ ହଣାଯିବ ଓ ମାଂସ ମନୁଷ୍ୟର ଖାଦ୍ୟଯୋଗ୍ୟ ଥିବାର ସାର୍ଟିଫିକେଟ ବିନା ବିକ୍ରୟ ନିମନ୍ତେ ଛଡ଼ାଯିବ ନାହିଁ । ପ୍ରତ୍ୟେକ ପଶୁ ହାଣିବାର ଫିସ ଏକପଇସା ନିଆଯିବ । ପଟ୍ଟାଦାର ଛଡ଼ା ଅନ୍ୟ କେହି ବିକ୍ରୟ କରିପାରିବ ନାହିଁ । ବିକ୍ରିର ସ୍ଥାନ ବା ଦୋକାନ ଏବଂ ବିକ୍ରିର ଦର କମିଟୀ ସ୍ଥିର କରିବେ ଓ ନିଲାମଦ୍ୱାରା ଦୋକାନ ବନ୍ଦୋବସ୍ତ ହେବ । କେବଳ କସାଇଖାନାରୁ ଖଣ୍ଡ ହୋଇଥିବା ପଶୁର ମାଂସ ନିରୂପିତ ମୂଲ୍ୟରେ ଦୋକାନଦାର ବିକ୍ରୟ କରିବ । ଅନ୍ୟଥା ନିୟମଭଙ୍ଗର ପ୍ରତ୍ୟେକ ଅପରାଧ ନିମନ୍ତେ ଟ ୫୦ ଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ହେବ ।

—*—

ୟୁରୋପର ଅନ୍ୟାନ୍ୟ ରାଜ୍ୟ ପରି ବିଲାତରେ ମଧ୍ୟ ଅନେକ ପ୍ରକାର ବ୍ୟୋମଯାନ ନିର୍ମାଣ କରିବାରେ ରତ ହୋଇଅଛନ୍ତି । ଗତ ମାସ ତା ୧୪ ରିଖରେ କର୍ଣ୍ଣେଲ କୋଡ଼ି ବିଲାତରେ ଇଂରାଜ ସୈନିକ ବ୍ୟୋମଯାନରେ ଦୁଇଜଣ ଆରୋହୀ

ସହର ଚାରି ବୁଲି ମାଇଲ ବାଟ ଅନ୍ତରୀକ୍ଷରେ ଭ୍ରମଣ କରିଥିଲେ । ଏ ବ୍ୟୋମଯାନ କେତେଦୂର ପର୍ଯ୍ୟନ୍ତ ସଫଳ ହେବ ତାହା ଜଣା ଯାଇ ନାହିଁ । ଫରାସିସ ଦେଶର ବ୍ଲେରିୟଟ ସାହେବଙ୍କ ବ୍ୟୋମଯାନ ସମୁଦ୍ର ପାର ହୋଇ ଯେଉଁ ଆଶ୍ଚର୍ଯ୍ୟ କ୍ରିୟା ଦେଖାଇଲା ତାହା ଇତିହାସ ପୃଷ୍ଠାରେ ଚିରକାଳ ଅଙ୍କିତ ରହିବ । ଏହାଙ୍କ ବ୍ୟୋମଯାନ ଠିକ ପକ୍ଷୀ ପରି ଏବଂ ଆକାଶରେ ଗଡ଼ ବସ୍ତାର କଳା ସମୟରେ ପକ୍ଷୀ ଉଡ଼ିଲା ପ୍ରାୟ ଦେଖାଯାଏ । ଏଥିର ଢାମ ସାଦାସିଧା ଏବଂ ଏହା ଦେଖିବାକୁ ଯେମନ୍ତ ସାଦ ତେମନ୍ତ ହାଲୁକା । ଏହା ଲମ୍ବରେ ୨୬ ଫୁଟ ଏବଂ ଏକ ଡେଣାଠାରୁ ଅନ୍ୟ ଡେଣାର ଶେଷ ଯାଏ ଓସାର ୨୪ ଫୁଟ । ଏହା କାଠରେ ନିର୍ମିତ ହୋଇ ତହିଁଉପରେ ସରୁ ଚମଡ଼ା ମଢ଼ା ଯାଇଅଛି ଯେମନ୍ତ କି ପାଣିରେ ପଡ଼ିଲେ ଏହା ଭାସିଉଠିବ । ଇଞ୍ଜିନ ଏଥିରେ ମଝିରେ ଅଛି ଏବଂ ଚାଳକ ଦୁଇଡେଣାର ମଧ୍ୟସ୍ଥାନରେ ବସି ଚଳାଏ । ଏରୂପ ବ୍ୟୋମଯାନଟିଏ ନିର୍ମାଣ କରିବାକୁ ଯେ ବହୁକାଳ ଲାଗିଥିବ ସନ୍ଦେହ ନାହିଁ । ଏହାଦ୍ୱାରା ବେଦୋକ୍ତ ଋଷିମାନେ ପକ୍ଷୀରୂପ ବ୍ୟୋମଯାନ ନିର୍ମାଣ କରୁଥିବା ବେଦମନ୍ତ୍ରର ସତ୍ୟତା ସ୍ପଷ୍ଟ ଜଣାଯାଏ !।

—※—

ଅସ୍ମାନଙ୍କର ପ୍ରଧାନ ସେନାପତି ଲର୍ଡ କିଚେନର ମହୋଦୟ ଦେଶୀୟ ଲୋକଙ୍କୁ ଲାଫଟନେଣ୍ଟ ମାଜିଷ୍ଟ୍ରେଟ ସ୍ୱରୂପ ନିଯୁକ୍ତ କରିବାକାରଣ ଯେଉଁ ପ୍ରସ୍ତାବ କରିଥିଲେ ତାହା ସହାମାନ୍ୟ ବଡ଼ଲାଟ ମହୋଦୟ ମଞ୍ଜୁର କରିଥିବାର ଆନନ୍ଦସହିତ ପାଠକମାନଙ୍କୁ ଜଣାଉଅଛୁଁ । ପ୍ରସ୍ତାବଟି ଏହି ଯେ କେତେକଜଣ ଦେଶୀୟ ସୈନିକ କର୍ମଚାରୀଙ୍କି ବାଛି ପ୍ରଥମେ ଅନରେରି ଆସିଷ୍ଟାଣ୍ଟ କାଣ୍ଟନମେଣ୍ଟ ମେଜିଷ୍ଟ୍ରେଟ ପଦରେ ନିଯୁକ୍ତ କରାଯାଇ ଉପଯୁକ୍ତ ଇଂରାଜ କେଣ୍ଟନମେଣ୍ଟ ମେଜିଷ୍ଟ୍ରେଟଙ୍କ ଅଧୀନରେ ନିର୍ଦ୍ଦିଷ୍ଟ ମିଆଦରେ ଶିକ୍ଷା ଦିଆଯିବ । ତାଙ୍କର କାର୍ଯ୍ୟ ମନୋମତ ହେଲେ ପ୍ରଥମେ ଦ୍ୱିତୀୟ କେଣ୍ଟନମେଣ୍ଟ ମେଜେଷ୍ଟ୍ରେଟ ସ୍ୱରୂପ ନିଯୁକ୍ତ ହୋଇ ପରେ ସ୍ୱାଧୀନଭାବରେ ଉକ୍ତ କାର୍ଯ୍ୟ କରିବେ । ବର୍ତ୍ତମାନ୍ ସେମାନଙ୍କୁ କୌଣସି ମୋକଦ୍ଦମା ବିଚାର କରିବାର କ୍ଷମତା ଦିଆଯିବାର କଥା ପଡ଼ି ନାହିଁ ମାତ୍ର ସେମାନେ ଦେଶୀୟ ଲୋକଙ୍କର ଭାବ ଗତି ଉତ୍ତମରୂପେ ଜାଣିଥିବା ଯୋଗୁଁ କାଳକ୍ରମେ ତାଙ୍କୁ ସେ କ୍ଷମତା ଦିଆଯିବାର ଭରସା ଅଛି । ଶିକ୍ଷାଧୀନ ମିଆଦ ଶେଷ ହେଲେ ଏମାନେ ମାସିକ ଟ ୩୫୦୲ଙ୍କା ବେତନ ପାଇବେ । ଏଥିରୁ ପାଠକମାନେ ଦେଖିବେ ଯେ ଗବର୍ଣ୍ଣମେଣ୍ଟ ଦେଶୀୟ ଲୋକଙ୍କୁ ଉଚ୍ଚ ପଦ ଦେବାର ଚେଷ୍ଟା କରୁଅଛନ୍ତି ଏବଂ ଦେଶୀୟ ଲୋକେ ଉପଯୁକ୍ତ ହେଲେ ଯେ ତାଙ୍କର ଉନ୍ନତି ହେବ ଏଥିରେ ସନ୍ଦେହ ନାହିଁ । ଅମ୍ଭେମାନେ ଆଶା କରୁଁ ଗବର୍ଣ୍ଣମେଣ୍ଟଙ୍କର ଏ ଆଦେଶ ଦେଶୀୟ ସୈନିକ କର୍ମଚାରୀଙ୍କ ଯୋଗ୍ୟତା ଦେଖାଇବା କାରଣ ଚାଲ କରିବ ।

———

ଓଡ଼ିଶାର କମିଶନର ମାନ୍ୟବର ଲେଭଞ୍ଜ ସାହେବ ଗସ୍ତ ଉପଲକ୍ଷେ ବାଲେଶ୍ୱରରେ ଅବସ୍ଥାନ କାଳରେ ଗତ ତା ୧୩ ରିଖରେ ସେଠା ଖ୍ରୀଷ୍ଟିୟାନ ହାଇସ୍କୁଲର ଏବଂ ତା ୧୪ ରିଖରେ ବାଲେଶ୍ୱର ମିଉନିସିପାଲିଟି ବାଳିକା ସ୍କୁଲସମୂହର ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟ ସମାଧା କରିଥିଲେ । ଶେଷୋକ୍ତ ବିଦ୍ୟାଳୟ ସମୂହର ବିସ୍ତାରିତ ବିବରଣ ଓଡ଼ିଆ ଓ ନବସମ୍ବାଦରେ ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି । ତହିଁରେ ପ୍ରକାଶ ଯେ ମିଉନିସିପାଲିଟି ବାଳିକା ବିଦ୍ୟାଳୟସମୂହର ସଂଖ୍ୟା ୧୦ ରୁ ୧୧ କୁ ଓ ଛାତ୍ରୀ ସଂଖ୍ୟା ୩୫୪ ରୁ ୪୪୬ କୁ ଉଠିଅଛି । ସେହି ୪୪୬ ଛାତ୍ରୀ ମଧ୍ୟରେ ୫ ଜଣ ଅପରପ୍ରାଇମେରୀ ୪୮ ଜଣ ଲୋୟରପ୍ରାଇମେରୀ ଏବଂ ଅବଶିଷ୍ଟ ଶିଶୁଶ୍ରେଣୀରେ ପଢ଼ୁଅଛନ୍ତି । ଗତ ଲୋୟରପ୍ରାଇମେରୀ ପରୀକ୍ଷାରେ କେବଳ ୪ ଜଣ ଉତ୍ତୀର୍ଣ୍ଣ ଏବଂ ସେମାନଙ୍କ ମଧ୍ୟରୁ ଏକଜଣ ବୃତ୍ତି ପ୍ରାପ୍ତ ହୋଇଥିଲେ । ତହିଁ ପୂର୍ବ ବର୍ଷର ଫଳ ପ୍ରାୟ ସେହିପରି ଥିଲା । ଧର୍ମବିଭାଗ ମତେ ଛାତ୍ରୀଙ୍କ ମଧ୍ୟରେ ୪୨ ମୁସଲମାନ ୨୧ ଖ୍ରୀଷ୍ଟିୟାନ ଓ ୩୨୧ ହିନ୍ଦୁ ପୁଣି ହିନ୍ଦୁ ମଧ୍ୟରେ ୧୮ ବ୍ରାହ୍ମଣ ବାଳିକା ବିଦ୍ୟାଳୟରେ ପଢ଼ୁଥିବା ଉତ୍ସାହଜନକ ଅଟେ । ଜ ୧୪ ଣ ଶିକ୍ଷକ ମଧ୍ୟରେ ୨ ପୁରୁଷ ଓ ୧୨ ସ୍ତ୍ରୀ ଅଟନ୍ତି । ୧୨ ସ୍ତ୍ରୀ ଶିକ୍ଷକ ମଧ୍ୟରେ ଏକଜଣ ହିନ୍ଦୁ ଓ ଅବଶିଷ୍ଟ ଖ୍ରୀଷ୍ଟିୟାନ । ବ ୧୧ ବର୍ଷରୁ ଅଧିକ ବୟସରେ ହିନ୍ଦୁ ବାଳିକାମାନେ ସ୍କୁଲରେ ପଢ଼ିବାର ରୀତି ନ ଥିବା ହେତୁ ନମ୍ରପ୍ରାଇମେରୀରୁ ଅଧିକ ଉଚ୍ଚଶିକ୍ଷା ଲାଭ କରିବାର ବ୍ୟାଘାତ ଘଟିବାର ଯାହା ଲେଖାଅଛି ତାହା ସତ୍ୟ ତଥାପି ଅମ୍ଭେମାନେ ଅନୁମାନ କରୁଁ ବ ପରଦା ଅର୍ଥାତ ଗାଡ଼ିରେ ଯାତାୟାତର ବନ୍ଦୋବସ୍ତ ଓ ଉପଯୁକ୍ତ ସ୍ତ୍ରୀ ଶିକ୍ଷକ ନିଯୁକ୍ତଦ୍ୱାରା ଅନ୍ତତଃ ଗୋଟିଏ ବିଦ୍ୟାଳୟକୁ ଉଚ୍ଚଶ୍ରେଣୀକୁ ଉଠାଇ ଦେବାର ଯତ୍ନ କଲେ ତାହା ବିଫଳ ହେବ ନାହିଁ । ବାଲେଶ୍ୱରର ରାଜାବାହାଦୁରଙ୍କୁ ଏଥିର ଚେଷ୍ଟା କରିବା କାରଣ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

—※—

ଢେଙ୍କାନାଳର ଏକ ପ୍ରେରିତପତ୍ରରୁ ଅବଗତ ହେଲୁଁ ଯେ ଗଡ଼ଜାତ ସମୂହର ପୋଲିଟିକଲ ଏଜେଣ୍ଟ ମହାଶୟ ଗତ ତା ୧୯ ରିଖରେ ସେଠାରେ ପହୁଞ୍ଚି କଚେରୀ ବିଦ୍ୟାଳୟ ଆଦି ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ତା ୨୨ ରିଖ ଅପରାହ୍ନରେ ହାଇସ୍କୁଲ ଗୃହରେ ଏକ ଦରବାର କରିଥିଲେ । ଗତ ଦୁର୍ଭିକ୍ଷ ସମୟରେ ଢେଙ୍କାନାଳର ଯେଉଁ ମହାଜନମାନେ ଧାନ କରଜ ଦେଇ ବହୁତ ପ୍ରଜାବର୍ଗର ସାହାଯ୍ୟ କରିଥିଲେ ସେମାନଙ୍କୁ ସୁନା ଓ ରୂପାର ପଦକ ଓ ପ୍ରଶଂସାପତ୍ର ଦେବା ଏହି ଦରବାରର ପ୍ରଧାନ ଉଦ୍ଦେଶ୍ୟ ଥିଲା । ସେ ଦରବାର ପ୍ରାୟ ସମସ୍ତ ଗ୍ରାମର ପ୍ରଧାନମାନେ କାଗଜ ପଗଡ଼ି ପିନ୍ଧି ଆସିଥିଲେ ଏବଂ ଅନ୍ୟାନ୍ୟ ସହର ପ୍ରାୟ ୩ ହଜାର ଲୋକ ଏକତ୍ରିତ ହୋଇଥିଲେ । ପ୍ରଥମେ ରାଜା ଏକ ଅଭିନନ୍ଦନପତ୍ର ପାଠ କଲେ ଏବଂ ତାହାଙ୍କର ଦେଓ୍ୱାନ ଶ୍ରୀ ଶ୍ୟାମନନ୍ଦନ ବୋଷ ତହିଁର ମର୍ମ ଓଡ଼ିଆଭାଷାରେ ବୁଝାଇଦେଲେ ଉତ୍ତାରୁ ପୋଲିଟିକଲ ଏଜେଣ୍ଟ ମହୋଦୟ ୮ ଟି ସୁବର୍ଣ୍ଣ ଓ ୧୧ ଟି ରୌପ୍ୟ ପଦକ ଓ ତହିଁସଙ୍ଗେ ପ୍ରଶଂସାପତ୍ରମାନ ଏକ୨ କରି ଯୋଗ୍ୟବ୍ୟକ୍ତିଙ୍କୁ ପ୍ରଦାନ କରିବାର ଯେଉଁ ବକ୍ତୃତା ଦେଲେ ତହିଁର ମର୍ମ ଓଡ଼ିଆରେ ତାହାଙ୍କର ଜଣେ କର୍ମଚାରୀ ବୁଝାଇଦେଲେ । ପଦକାଦି ସଙ୍ଗେ ପ୍ରତ୍ୟେକ ବ୍ୟକ୍ତି ଶିରୋପାସ୍ୱରୂପ ୨୮ ଟଙ୍କା ମୂଲ୍ୟର ଗୋଟିଏ କୋଟ ଓ କାଗଜ ପଗଡ଼ି ପାଇଥିଲେ । କେବଳ ରାଜଗୁରୁ ଶ୍ରୀ ସଦାନନ୍ଦ ସିଦ୍ଧ ବ୍ରହ୍ମଗୁରୁ ଓ ମହନ୍ତ ବୈଷ୍ଣବଚରଣ ଦାସ ଧର୍ମନିର୍ବନ୍ଧରେ ସମ୍ମାନ ବା ପ୍ରଶଂସାପତ୍ର ଗ୍ରହଣ କରିବାକୁ ପୂର୍ବରୁ ଆପତ୍ତି କରିଥିବାରୁ ଏଜେଣ୍ଟମହୋଦୟ ସେମାନଙ୍କର ଭୂୟସୀ ପ୍ରଶଂସା ଦରବାରରେ କରିଥିଲେ । ଦରବାର ଭଙ୍ଗ ପରେ ଗଡ଼ରେ ସମାଗତ ପ୍ରଧାନ ଓ ଅନ୍ୟାନ୍ୟ ଲୋକଙ୍କୁ ରାଜା ମିଷ୍ଟାନ୍ନ ଭୋଜନ କରାଇ ବିଦାୟ ଦେଇଥିଲେ । ଏହି ଦରବାର ସମ୍ବନ୍ଧୀୟ ସକଳକାର୍ଯ୍ୟ ସୁନିପୁଣରୂପେ ନିର୍ବାହ ହେବା ଯୋଗେ ରାଜା ଏବଂ ତାହାଙ୍କର ଉଚ୍ଚକର୍ମଚାରୀମାନେ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

✱✱✱

ଓଡ଼ିଶା ଅଠଗଡ଼ ସେକ୍ରେଟରୀ ସଭାର ଜ୍ୟେଷ୍ଠ ରାଣୀ ଶ୍ରୀମତୀ ରାଣୀ ସ୍ୱଧାପ୍ରିୟା ପାଟମହାଦେଇ ଓଡ଼ିଶା ଗଡ଼ଜାତ ସମୂହ ଏବଂ କଟକ, ବାଲେଶ୍ୱର, ପୁରୀ ଓ ସମ୍ବଲପୁର ଜିଲ୍ଲା ସମୂହର ଯେଉଁସ୍ଥାନରେ ଯେତେବେଳେ ଜଳକଷ୍ଟ ହେବ ସେଠାରେ ପୁଷ୍କରଣୀ ଖୋଳିବା ସକାଶେ ବାର୍ଷିକ ଶତକଡ଼ା ଟ ୩୷ ସୁଧର ଟ ୨୮୬୦୦ ଙ୍କାର ସରକାରୀ ପ୍ରମିସରୀ ନୋଟ ଦାନ କରିବାରୁ ବଙ୍ଗପ୍ରଦେଶର ଲେଫ୍ଟନେଣ୍ଟ ଗବର୍ଣ୍ଣର ସନ ୧୮୯୦ ସାଲର ସାଧାରଣ ଦାନ ସମ୍ପତ୍ତିର ଆଇନ ଅନୁସାରେ ଆଦେଶ ପ୍ରଚାର କରିଅଛନ୍ତି ବ ସେହି

Split by PDF Splitter
Digitized by srujanika@gmail.com

ପ୍ରଭିନ୍ସି ଚୋଟମାନ ବର୍ଷାନ୍ତ ଦାଖ ସର୍ଟିଫିର ସରକାରୀ ଟ୍ରେଜରର ବା କୋଷାଧ୍ୟକ୍ଷଙ୍କ ହସ୍ତରେ ନ୍ୟସ୍ତ ହେବ ଏବଂ ସେହି ପାଣ୍ଠି ସର ଏଡ଼ବାର୍ଡ ନରମାନ ବେକର ଉଆଟରସପ୍ଲାଇ ଫଣ୍ଡ ନାମରେ ଅଭିହିତ ହେବ । ଓଡ଼ିଶା ଫିଉଡେଟରୀ ରାଜ୍ୟ ସମୂହର ପୋଲିଟିକାଲ ଏଜେଣ୍ଟ ଏହି ପାଣ୍ଠିର ସୁପରିଣ୍ଟେଣ୍ଡେଣ୍ଟ ବା ତତ୍ତ୍ୱାବଧାରକ ହେବେ ସରକାରୀ ଟ୍ରେଜରର ତାହାଙ୍କ ନିକଟକୁ ପ୍ରତି ବର୍ଷ ଯାହା ସୁଧ ହେବ ତାହା ପଠାଇଦେବେ ଏବଂ ପୋଲିଟିକାଲ ଏଜେଣ୍ଟ ତହିଁର ହିସାବ ରଖିବେ ଓ ଅଠଗଡ଼ରେ କାର୍ଯ୍ୟ ହେଲେ ନିଜେ କାର୍ଯ୍ୟ କରାଇବେ ଓ ଜିଲ୍ଲା ସମୂହରେ କାର୍ଯ୍ୟ ହେବା ବିଷୟର ପର୍ଯ୍ୟାୟକ୍ରମେ ସେ ସମସ୍ତର ଡିଷ୍ଟ୍ରିକ୍ଟବୋର୍ଡକୁ ଟଙ୍କା ପଠାଇଦେବେ । ଏକବର୍ଷ ଅନ୍ତର ଏହିସ୍ଥାନରେ ପୁଷ୍କରିଣୀ ଖୋଳା ବା ମରାମତ ଏହି ପର୍ଯ୍ୟାୟରେ ହେବ ଯଥା ଅଠଗଡ଼ ରାଜ୍ୟ, କଟକଜିଲ୍ଲା, ପୁରୀଜିଲ୍ଲା, ବାଲେଶ୍ୱର ଜିଲ୍ଲା ଓ ସମ୍ବଲପୁର ଜିଲ୍ଲା । ବିଶେଷ ଆବଶ୍ୟକ ସମୟରେ ଏହି ପର୍ଯ୍ୟାୟର ବ୍ୟତିକ୍ରମ ହୋଇପାରେ । ଏହି ପାଣ୍ଠିଦ୍ୱାରା ଖୋଳାହେବା ପୁଷ୍କରିଣୀ ସମସ୍ତର ସଂରକ୍ଷଣ ଏବଂ ସଂସ୍କାର ବିଷୟରେ ଜିଲ୍ଲା ବୋର୍ଡଙ୍କ ସହିତ ପୋଲିଟିକାଲ ଏଜେଣ୍ଟ ବନ୍ଦୋବସ୍ତ କରିବେ । ଏଥିରୁ ଦେଖାଯାଏ ଏହି ପାଣ୍ଠିର ବାର୍ଷିକ ଆୟ ଏକହଜାର ହେଲେଁ ଦୁଇବର୍ଷରେ ଦୁଇହଜାର ଟଙ୍କା ଏହି ୨ ଜିଲ୍ଲାକୁ ଦିଆଯିବ ଓ ପ୍ରତି ଅଠବର୍ଷରେ ଏହି ୨ ଜିଲ୍ଲା ପାଳି ପଡ଼ିବ । ଦୁଇହଜାର ଟଙ୍କାରେ ଗୋଟିଏ ଭଲ ଜଳାଶୟ ନିର୍ମାଣ ଅଥବା ଦୁଇ ଚାରିଟା ପୋଖରୀ ଓଝଲା ହୋଇ ପାରିବ । ସୁତରାଂ ରାଣୀ ମହୋଦୟାଙ୍କର ଏ ଦାନ ଗୋଟିଏ ମହଦାନ ଅଟେ ଏବଂ ଏଥିପାଇଁ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ।

—※—

### ଅବକାରୀ ଦୋକାନ ।

ଅବକାରୀ ଦୋକାନର ସ୍ଥାନ ନିର୍ବାଚନର ଭାର ଗବର୍ଣ୍ଣମେଣ୍ଟ ମିଉନିସିପାଲିଟି ବା ଅନ୍ୟ ସମିତି ପ୍ରଭୃତି ହସ୍ତେ ଦେବାକୁ ଅସମ୍ମତ ହେଲେ ମାତ୍ର ସରକାରୀ କର୍ମଚାରୀମାନେ ଯେବେ ଜନସ ଉପରକୁ ଦୃଷ୍ଟି କ ରଖି ମାଦକ ଦ୍ରବ୍ୟ ସେବନ ନିବାରଣ ଉପରେ ଲକ୍ଷ୍ୟ ରଖିବେ ତାହାହେଲେ ଲୋକଙ୍କର ସୁରାପାନ ବହୁ ପରିମାଣରେ ଦୂର ହେବ । ବୋମ୍ବାଇରେ ଗତ ବର୍ଷ ୧୧୬୭ ଗୋଟି ମଦର ଦୋକାନ ଥିଲା ଯେ ତହିଁ ମଧ୍ୟରୁ ଗୋ ୧୬୮ ଟି ବନ୍ଦ ହୋଇଅଛି । ମାତ୍ର ରାତି ସ ୯ ଘା ପର୍ଯ୍ୟନ୍ତ ଦୋକାନ ହେବାର ଅନୁମତି ଦିଆଯାଇଅଛି । ବଙ୍ଗ ପ୍ରଦେଶରେ ମଧ୍ୟ ରାତି ର ୯ ଘାରେ ମଦ ଦୋକାନ ବନ୍ଦ ହୁଅଇ । ମଦ ଦୋକାନମାନଙ୍କରେ ଯାହା ନମିଲପର ଲୋକ ଗହଳ ହୁଏ ଏବଂ ସେମାନେ ମଦ ଖାଇ ଦାଣ୍ଡରେ ଗଲବେଳେ ତାହା ପ୍ରକାର ଅନର୍ଥ ଦେଖାଯାଏ । ଦୋକାନମାନ ସନ୍ଧ୍ୟା ସମୟରେ ବନ୍ଦ ହେବାର ନିୟମ ହେଲେ ମଦର ପାନ ନିବାରଣର ବିଶେଷ ସୁଯୋଗ ହେବ କାରଣ ଯେଉଁମାନେ ଖାଆନ୍ତି ସେମାନେ ଆପଣା ପ୍ରୟୋଜନ ମତେ ଆଗନ୍ତୁ କିଣି ରଖିବେ । ରାତ୍ରରେ ଅଧିକ ଖୋଜିଲେ ପାଇବେ ନାହିଁ । ଲୋକଙ୍କର ଗତାୟାତ ସଡ଼କ ପାଖରେ ତାଡ଼ି ଏବଂ ମଦର ଦୋକାନମାନ ନ ବସିବାର ନିୟମ ଥିଲେହେଁ ତାହା ପାଳନ କରିବାର କେବେ ଦେଖାଯାଏ ନାହିଁ । ଯେବେ ଲୋକମାନଙ୍କୁ ସେ ବିଷୟରେ ଅଧିକାର ଦିଆଯାନ୍ତା ତେବେ ଅବଶ୍ୟ ଏଥିର ପ୍ରତିକାର ହୋଇ ପାରନ୍ତା ମାତ୍ର ରାଜସ୍ୱ ପ୍ରତି ବାଦମାନଙ୍କର ଦୃଷ୍ଟି ଥିବା ସ୍ଥଳେ ସେମାନେ ଏହା ଦେଖି ସୁଦ୍ଧା ଅଭିରୁଚି କରନ୍ତି । ଗବର୍ଣ୍ଣମେଣ୍ଟ ଯେ ଆଇନ କଲେ ତାହା ଆମ୍ଭମାନଙ୍କର ଶିରୋଧାର୍ଯ୍ୟ ମାତ୍ର ରକ୍ଷା କରୁଁ ସ୍ଥାନୀୟ ଲୋକଙ୍କୁ କର୍ତ୍ତୃତ୍ୱ ଦେବାକୁ ଗବର୍ଣ୍ଣମେଣ୍ଟ ଅସମ୍ମତ ଥିବା ସ୍ଥଳେ ଭବିଷ୍ୟତରେ ଦୋକାନମାନଙ୍କ ସ୍ଥିତି ଏବଂ ବିକ୍ରୟ ସମୟର ଏପରି କଠିନ ବନ୍ଦ ବଣା କରିବାର ନିୟମ କରି ଦେବେ ଯେମନ୍ତ ବ ଗବର୍ଣ୍ଣମେଣ୍ଟଙ୍କ ରାଜସ୍ୱ ପ୍ରତି ଦୃଷ୍ଟି ନ ଥାଇ ପ୍ରଜାପୁଞ୍ଜର ହିତ ନିମିତ୍ତ ମଦ୍ୟ ପାନ ନିବାରଣ ଏକ ମାତ୍ର ଉଦ୍ଦେଶ୍ୟ ଥିବାର ଲୋକେ ବୁଝି ପାରିବେ ।

———

### ଓଡ଼ିଶା କୃଷିସମିତି ।

ଏହି ସମିତିର ବାର୍ଷିକ ଅଧିବେଶନ ଗତ ସୋମବାର ସକାଳେ ଏ ନଗରିଅନ୍ତଃପାତୀ ବିଦ୍ୟାଧରପୁର ସରକାରୀ କୃଷି ବା ପରୀକ୍ଷା କ୍ଷେତ୍ରରେ ହୋଇଥିଲା । ସମିତିର ସ୍ଥାୟୀ ସଭାପତି ଆମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ ଲେଭିଞ୍ଜ ସାହେବ ସଭାପତିର ଆସନ ମଣ୍ଡନ କରିଥିଲେ । କଟକ ଜିଲ୍ଲାର କଲେକ୍ଟରଗଣ, ସମ୍ବଲପୁରର ଡେପୁଟିକମିଶନର, ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍ଟର ଏବଂ ସରକାରୀ ଓ ବେସରକାରୀ ପ୍ରାୟ ଜ ୧୦ ଣ ଦେଶୀୟ ସଭ୍ୟ ଉପସ୍ଥିତ ଥିଲେ । ବଙ୍ଗ କୃଷିବିଭାଗର ଡାଇରେକ୍ଟର ଅସୁସ୍ଥତା ହେତୁ ଆସି ନ ପାରି ପତ୍ରଦ୍ୱାରା ଦୁଃଖ ପ୍ରକାଶ କରିଥିଲେ ଏବଂ ତାହାଙ୍କର ସହକାରୀ ଶ୍ରୀଯୁକ୍ତ ସ୍ମିଥ ସାହେବ ଆସି ସଭାରେ ଯୋଗ ଦେଇଥିଲେ । ସେ କେତେଗୁଡ଼ିଏ କୃଷି କାର୍ଯ୍ୟୋପଯୋଗୀ ଲଙ୍ଗଳ କଦା ପ୍ରଭୃତି ଅସ୍ତ୍ର ଏବଂ ଧାନକୁଟା ସମ୍ବାଦ ଆଣି ଦେଖାଇଥିଲେ । ସଭ୍ୟମାନଙ୍କୁ ସମସ୍ତ କ୍ଷେତ ବୁଲି ଦେଖାଇ ଦାନ, ଫସଲର କଥା ବୁଝାଇଦେଲା ଉତ୍ତାରୁ ସଭାର କାର୍ଯ୍ୟାରମ୍ଭ ହେଲା । ଶ୍ରୀଯୁକ୍ତ ସ୍ମିଥ ସାହେବ ସଭାପତି ମହୋଦୟଙ୍କର ବାର୍ଷିକ ବିବରଣୀ ଏବଂ କୃଷିବିଭାଗର ବିବରଣୀ ପାଠ କଲେ । ପ୍ରଥମଲିଖିତ ବିବରଣୀରୁ ଜଣାଗଲା ଯେ କଟକ ଜିଲ୍ଲାରେ ଚିନାବାଦାମ, ଆଳୁ, ପିଆଜ, ଗହମ, ଯବ ପ୍ରଭୃତିର ପରୀକ୍ଷା ହୋଇଥିଲା । ଚିନାବାଦାମ ଲୋକଙ୍କର ମନୋନୀତ ହୋଇଅଛି । ଗହମ ପ୍ରଭୃତି ଏ ଜିଲ୍ଲାର ଉପଯୋଗୀ ନୁହେ । ବାଲେଶ୍ୱରରେ ବାଦଶାହ ଧାନ, ଝୋଟ, ଖାଉ ଆଖୁ, ଦରନଭାଲ ଆଳୁ, ଚିନାବାଦାମ, ତମାଖୁ ଓ କପା ଓ ପୁରୀରେ କେବଳ ସରକାରୀ ମାହାଲ ଖୋରଧା କୋଠଦେଶ ଓ ବାଲୁଖଣ୍ଡରେ ଚିନାବାଦାମ, ଆଳୁ ଓ ପଟଳ ଏବଂ ଅନୁଗୁଳରେ ବାଲେଶ୍ୱର ଉଲ୍ଲିଖିତ ଫସଲ ଓ ଗହମର ପରୀକ୍ଷା ହୋଇଥିଲା । ତନ୍ମଧ୍ୟରୁ କେତେକ ଫସଲ ସଫଳ ଓ କେତେ ବର୍ଷା ଅଭାବରେ ନଷ୍ଟ ହୋଇଥିଲା । ସମ୍ବଲପୁର ଜିଲ୍ଲାରେ ଝୋଟ ଓ ଅନ୍ତଫସଲ ଭଲ ହୋଇଥିଲା । ମାତ୍ର ଅନ୍ତଗହନ କେତେକ ନିକୃଷ୍ଟ ଥିଲା । କପା ସନ୍ତୋଷଜନକ ହୋଇଥିଲା । ପିଡ଼ିଆ ଛଡ଼ା ଅନ୍ୟ କୌଣସି ସାର କୌଣସିଠାରେ ବ୍ୟବହାର ହୋଇ ନ ଥିଲା । ଓଡ଼ିଶାରେ ଯେଉଁ କୃଷି ଇନସ୍ପେକ୍ଟର ନିଯୁକ୍ତ ହୋଇଅଛନ୍ତି ସେ ସକଳ ଜିଲ୍ଲାରେ ଭ୍ରମଣ କରିଥିଲେ ଏବଂ ଯେଉଁ ସଭ୍ୟମାନେ ତାହାଙ୍କର ସାହାଯ୍ୟ ଲୋଡ଼ିଥିଲେ ସେମାନଙ୍କର କ୍ଷେତ ଦେଖିଥିଲେ । ମାତ୍ର ସଭ୍ୟମାନେ ପ୍ରଚୁର ପରିମାଣରେ ତାହାଙ୍କର ସାହାଯ୍ୟ ଲୋଡ଼ ନାହାନ୍ତି । ସେ କେଉଁ ଜିଲ୍ଲାରେ କେଉଁ ସମୟରେ ଗସ୍ତ କରିବେ ଏଣିକି ତାହା ଜଣାଇଦିଆଯିବ ଯେ ସେ ଜିଲ୍ଲାର ସଭ୍ୟମାନେ ସେହି ସମୟରେ ତାହାଙ୍କୁ କ୍ଷେତ ଦେଖାଇବେ ଓ ତାହାଙ୍କର ପରାମର୍ଶ ଓ ଉପଦେଶ ନେଇ କାର୍ଯ୍ୟ କରିବେ । ଆମ୍ଭେମାନେ ଆଶାକରୁଁ କୃଷିସମିତିର ସଭ୍ୟ ଏବଂ କୃଷି କରୁଥିବା ଅପର ବ୍ୟକ୍ତିମାନେ ଏ ସୁଯୋଗ ଛାଡ଼ିବେ ନାହିଁ । ବିବରଣୀରେ ଏହି ଜିଲ୍ଲାରେ ଯେସମସ୍ତ ଫସଲର ପରୀକ୍ଷା ସଫଳ ହେବାର ଲେଖାଅଛି ତହିଁର ନିଦର୍ଶନ କିଛି ଦିଆଯାଇଥିଲେ ଭଲ ହୋଇଥାନ୍ତା । କିନ୍ତୁପକ୍ଷରେ ମାଣ ପ୍ରତି କ ପରିମାଣ ଫଳିଥିଲା ଏବଂ କେଉଁ ବ୍ୟକ୍ତି ଅଧିକ ଫଳାଇ ପାରିଥିଲା ଏହିକି ଲେଖାଯିବା ଉଚିତ ଥିଲା । ଆଶାକରୁଁ ଭବିଷ୍ୟତରେ ଏଥିର ଉତ୍କର୍ଷ ହେବ ।

———

### ବଙ୍ଗ ଜାତୀୟ କଲେଜ ।

କଲିକତାଠାରେ ପ୍ରତିଷ୍ଠିତ ବଙ୍ଗ ଜାତୀୟ କଲେଜ (Bengal National College)

Split by PDF Splitter

Digitized by srujanika@gmail.com

ର ଶୁଭ ବାର୍ଷିକ ଉତ୍ସବ ଗତ ତା ୧୪ ରିଖ ଦିନ ବିଦ୍ୟାଳୟ ଗୃହରେ ନିର୍ବିଘ୍ନେ ସମ୍ପନ୍ନ ହୋଇଥିଲା । ବିଦ୍ୟାଳୟର ବାଳକବୃନ୍ଦ ଓ ଶିକ୍ଷକମାନେ ସକାଳେ ଦଳବଦ୍ଧ ହୋଇ ଗଙ୍ଗା ସ୍ନାନ କରିବାକୁ ଯାଇଥିଲେ । ତୃତୀୟ ପ୍ରହରର ସମୟରେ ସମସ୍ତେ ବିଦ୍ୟାଳୟରେ ସମବେତ ହେଲାରୁ କଲେଜର ଅଧ୍ୟକ୍ଷ ପଣ୍ଡିତ ଚନ୍ଦ୍ରକାନ୍ତ ନ୍ୟାୟାଲଙ୍କାର ଏବଂ କଲେଜ ଅଧ୍ୟାପକ ପଣ୍ଡିତ ସଖାରାମ ଗଣେଶଦେଉସ୍କର ଜାତୀୟ ଶିକ୍ଷାର ଉଦ୍ଦେଶ୍ୟ ଏବଂ ଉପାୟ ବୁଝାଇ ଦେଇଥିଲେ । ଅପରାହ୍ଣରେ ମେମ୍ବର ସର ଗୁରୁଦାସ ବାନର୍ଜ୍ଜୀ, ଡାକ୍ତର ରାସବିହାରୀ ଘୋଷ, ବାବୁ ବ୍ରଜେନ୍ଦ୍ରକୁମାର ରାୟ ଚୌଧୁରୀ ପ୍ରଭୃତି ଏକଜିକ୍ୟୁଟିଭ କମିଟିର ମେମ୍ବରମାନେ ଉପସ୍ଥିତ ହେଲାରୁ ସଙ୍ଗୀତ ଆରମ୍ଭ ହେଲା । ସେ ଦିନ ବିଦ୍ୟାଳୟର ଛାତ୍ରଠାରୁ ଅଧ୍ୟକ୍ଷ ଏବଂ କମିଟିର ମେମ୍ବର ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଯେଉଁ ଉତ୍ସାହ ଜାଗରୂକ ଥିଲା ତାହା ଅନୁପମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସର ଗୁରୁଦାସ ବାନର୍ଜ୍ଜୀ ମହୋଦୟଙ୍କ ଅପରିମିତ ଉତ୍ସାହ ସେହି ଉତ୍ସବ ଉପଲକ୍ଷେ ସେ ଯେଉଁ ଗୀତ ରଚନା କରିଥିଲେ ତହିଁରୁ ସମ୍ୟକ୍‌ରୂପେ ଉଦ୍‌ଭାସିତ ହେଉଥିଲା । ଗୀତଟି ଛପା ହୋଇ ସଭା ସ୍ଥଳରେ ବିତରିତ ହୋଇଥିଲା ଏବଂ ତାହା ସମସ୍ତଙ୍କ ମନକୁ ମୋହିଥିଲା । ବାନର୍ଜ୍ଜୀ ମହାଶୟ ସ୍ୱୟଂ ଜାତୀୟ ଶିକ୍ଷା ସମ୍ବନ୍ଧରେ ଏକ ବକ୍ତୃତା ପ୍ରଦାନ କରି ଶୁଭ ସମ୍ବାଦରେ ଉକ୍ତ ବିଦ୍ୟାଳୟର ଛାତ୍ରମାନଙ୍କୁ ଗଣିତ ଓ ନୀତିଶାସ୍ତ୍ର ସମ୍ବନ୍ଧରେ ଶିକ୍ଷା ଦେବା କାରଣ ପ୍ରତିଶ୍ରୁତ ହେଲେ । ତାଙ୍କର ଅନୁରୋଧ କ୍ରମେ ବାବୁ ସୁରେନ୍ଦ୍ରନାଥ ଦତ୍ତ, ବାବୁ ସନେନ୍ଦ୍ରସୁନ୍ଦର ବିବେଷ, ଡାକ୍ତର ଇନ୍ଦୁମାଧବ ମଲ୍ଲିକ ଓ ରାୟ ଯୋଗେନ୍ଦ୍ରନାଥ ଚୌଧୁରୀ ଉକ୍ତ ବିଦ୍ୟାଳୟରେ ନାନା ବିଦ୍ୟା ସମ୍ବନ୍ଧରେ ବକ୍ତୃତା ଦେବା କାରଣ ସମ୍ମତ ହେଲେ । ଅବଶେଷରେ ସଙ୍ଗୀତ ହୋଇ ସେ ଦିନର କ୍ରିୟା କଳାପ ଶେଷ ହେଲା । ଏ ଦିନର କ୍ରିୟା ମଧ୍ୟରେ ଆମ୍ଭେମାନେ ସର ଗୁରୁଦାସ ବାନର୍ଜ୍ଜୀ ମହୋଦୟଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସ୍ୱଦେଶ ପ୍ରୀତି ପ୍ରତି ପାଠକମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରୁଅଛୁ । ମୁଖରେ ସ୍ୱଦେଶ ପ୍ରୀତି କହିବାକୁ ଲକ୍ଷେ ଲୋକ ବାହାରିବେ ମାତ୍ର କାର୍ଯ୍ୟ କରିବା ବେଳକୁ ଲୋକ ଖୋଜିଲେ ମିଳିବା କଠିନ । ଯେତେବେଳେ କହିବାଠାରୁ କରିବା ଲୋକ ଅଧିକ ବାହାରିବେ ସେତେବେଳେ ଦେଶର ଉନ୍ନତି ହେଲା ବୋଲି ମଣିବାକୁ ହେବ । ହାଇକୋର୍ଟର ବିଚାରାସନରେ ଦୀର୍ଘକାଳ ପ୍ରଗାଢ଼ ପରିଶ୍ରମ କରି ବୃଦ୍ଧ ବୟସରେ ଅବସର ନେଇ ଯେଉଁ ଲୋକ ଘରେ ବସି ନ ରହି ଦେଶର କାର୍ଯ୍ୟରେ ବ୍ରତୀ ହୋଇଅଛନ୍ତି ତାଙ୍କର କର୍ତ୍ତବ୍ୟ ଜ୍ଞାନ ଓ ସ୍ୱଦେଶ ପ୍ରୀତି ଅତୁଳନୀୟ ସନ୍ଦେହ ନାହିଁ । ବ୍ୟବହାର ଅଭାବେ ଯେଉଁ ଗଣିତ ଶାସ୍ତ୍ର ଭୁଲିଯିବା ସ୍ୱାଭାବିକ ସେହି ଶାସ୍ତ୍ରରେ ଯେଉଁ ବ୍ୟକ୍ତି ଏ ବୟସରେ ପୁଣି ଅଧ୍ୟାପନା କରିବାକୁ ପ୍ରସ୍ତୁତ ତାଙ୍କର ଜ୍ଞାନାର୍ଜ୍ଜନ କେମନ୍ତ ସ୍ଥାୟୀ ଓ ବଦ୍ଧମୂଳ ପାଠକେ ଅନୁମାନ କରନ୍ତୁ । ଆମ୍ଭମାନଙ୍କର ଯୁବକମାନେ ବିଦ୍ୟାଳୟ ଛାଡ଼ି ଅନ୍ୟତ୍ର ଚାକିରି କଲେ ବିଦ୍ୟାଳୟକୁ ପଚାରନ୍ତି ନାହିଁ ଏବଂ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଶିକ୍ଷା ଦେବା କାର୍ଯ୍ୟକୁ ଅବଜ୍ଞା କରନ୍ତି । ସେମାନେ ଦେଶର ଜଣେ ପ୍ରଧାନ ଲୋକ ସର ଗୁରୁଦାସ ବାନର୍ଜ୍ଜୀଙ୍କ ଦୃଷ୍ଟାନ୍ତର ଅନୁକରଣ କଲେ ଆମ୍ଭେମାନେ ପରମ ପ୍ରୀତି ଲାଭ କରିବୁଁ ।

---

## ମୟୂରଭଞ୍ଜ ।

ମୟୂରଭଞ୍ଜର ସନ ୧୯୦୭।୦୮ ସାଲର ବାର୍ଷିକ ବିବରଣୀ ମାସାଧିକ ହେଲା ଅଥବା ବର୍ଷ ଶେଷ ହେବାର ଏକବର୍ଷ ୪ ମାସ ପରେ ବାହାରିଅଛି । ଆମ୍ଭେମାନେ ତହିଁରୁ ଏକଖଣ୍ଡ ପାଇବାର କୃତଜ୍ଞତା ସହିତ ପ୍ରକାଶ କରୁଅଛୁଁ । ବିବରଣୀଟି ଆଉ କିଛି ଚଞ୍ଚଳ ବାହାରିଥିଲେ ଭଲ ହୋଇଥାନ୍ତା । ବର୍ତ୍ତିତ ବର୍ଷର ପ୍ରଧାନ ଘଟନା ଅନାଜନ୍ମା । ଏହି ଯୋଗେ ଲୋକଙ୍କର ଅବସ୍ଥା ଭଲ ନ ଥିଲା । ବିଶେଷତଃ ବାମନଘାଟି ବିଭାଗର ସମସ୍ତ ଓ ସଦର ବିଭାଗର କେତେକ ଅଂଶକୁ ବିଶେଷ ବାଧିଥିଲା । ସାମୟିକ ବର୍ଷା ଅଭାବରେ ଧାନ ଫସଲ ଯେମନ୍ତ ଊଣା ହୋଇଥିଲା ସେମନ୍ତ ବରଂ ଉଦୋଷ୍ଣ ମଣ୍ଡଳ ଓ ଜେନ୍ ଫସଲ ଊଣା ହୋଇଥିଲା । ଜଙ୍ଗଲ ଖାଦ୍ୟଦ୍ରବ୍ୟ ମଧ୍ୟରେ ଶେଷ ଲିଖିତ ତୁଳ ଫସଲ ପ୍ରଧାନ ଓ ତଦ୍ଦ୍ୱାରା ଲୋକଙ୍କର କଷ୍ଟ ବିଶେଷ ହୋଇଥିଲା । ସରକାର ଯଥାସମୟରେ ଅନାଜନ୍ମାର ପ୍ରତିକାର ସକାଶେ ତଗାବିଦାଦନ ପ୍ରଭୃତି ଋଣଦାନ, ନାନା ପ୍ରକାର କାର୍ଯ୍ୟଦ୍ୱାରା ସାହାଯ୍ୟଦାନ, ଖଏରାତ ବିତରଣ, ସୁଲଭ ମୂଲ୍ୟରେ ଚାଉଳ ବିକ୍ରୀ କରିବା ସକାଶେ ମହାଜନମାନଙ୍କୁ ଦାଦନ ଇତ୍ୟାଦି ବ୍ୟବସ୍ଥା କରିଥିଲେ ଏବଂ ସେଥି ସକାଶେ ଲକ୍ଷାଧିକ ଟଙ୍କା ବ୍ୟୟ ମଞ୍ଜୁର କରିଥିଲେ ଓ ୮୪୮୦ ଜଣ ସାହାଯ୍ୟ ପାଇଥିଲେ । ଫସଲହାନି ହେତୁ ରାଜସ୍ୱ ଆଦାୟରେ ଟ ୧୩୮୫୦୯ ଙ୍କା ଏବଂ ରେଲବେ ଆୟରେ ଟ ୧୬୯୩୯ ଙ୍କା ତ୍ରୁଟି ପଡ଼ିଥିଲା । ମାତ୍ର ଏକ ଜଙ୍ଗଲ ରାଜସ୍ୱ ଅଧିକାଧିକ ଟଙ୍କା ଆୟହେବାରୁ ସେ ତ୍ରୁଟି ପୂରି ଯାଇଥିଲା ଏବଂ ଅନ୍ୟାନ୍ୟ ସମସ୍ତ ଆୟ ମଧ୍ୟରେ ଅବକାରୀ ଆୟ ବିଶେଷ ଯଥା ଟ ୧୩୭୨୪୯ ଙ୍କା ବଢ଼ିଥିଲା । ଦୁର୍ଭିକ୍ଷ ବର୍ଷରେ ଅବକାରୀ ଆୟ ଏତେ ବଢ଼ିବା ଚମତ୍କାର ନୁହେ କି ? ଏଥିରୁ ବୁଝାଯାଉଅଛି ଯେ ମାଦକ ଦ୍ରବ୍ୟର ବାସ୍ତବିକ ଏତେ ଦୁର୍ନୀତି ଯେ ଅନ୍ନକଷ୍ଟ ମଧ୍ୟ ତାହା ହଟାଇ ପାରି ନାହିଁ । ସେଥିପାଇଁ ଲୋକେ ବାଧ୍ୟ ହୋଇ ଚୋରି ଇତ୍ୟାଦି କରିବା ହେତୁ ଦୁର୍ଭିକ୍ଷ ବର୍ଷରେ ଫୌଜଦାରୀ ମାମଲା ବଢ଼ିବା ସ୍ୱାଭାବିକ । ଫଳେ ମୋକଦ୍ଦମାର ସଂଖ୍ୟା ପ୍ରାୟ ଏକହଜାର ବଢ଼ିଅଛି ଓ ତହିଁ ମଧ୍ୟରେ ଚୋରିରେ ପ୍ରାୟ ଦୁଇଶତ, ଅବକାରୀ ଷୋହଳ ଏବଂ ପୁଲିସ ପାସ୍ ଆଇନ ପ୍ରାୟ ଦେଢ଼ଶ ହେବ । ଅବକାରୀ ଓ ପୁଲିସ ଆଇନ ଲଙ୍ଘନ ମାମଲା ଧରିବାରେ ପୁଲିସର ଅଧିକ ତତ୍ପରତା ପ୍ରକାଶ ପାଉଅଛି ଏବଂ ଅଧିକା ଚୋରିମାଲ ବରାମଦରେ ମଧ୍ୟ ପୁଲିସ ବାହାଦୁରୀ ଦେଖାଇଅଛି । ମାତ୍ର ଏ ସମସ୍ତ ସୁଶାସନ ଓ ସୁନୀତିର ଅନୁକୂଳ ବୋଲିଯାଇ ନ ପାରେ । ଉଚିତମତେ ସାହାଯ୍ୟ ନ ପାଇ ଅନେକ ଗରିବ ଲୋକ ପେଟ ପାଇଁ ଚୋରି କରିଅଛନ୍ତି ଅଥବା ନିଶାଖୋର ହୋଇଥିବାରୁ ତହିଁପାଇଁ ଚୋରି ଓ ଅବକାରୀ ଆଇନ ଲଙ୍ଘନ କରିଅଛନ୍ତି । ଅଙ୍କଦ୍ୱାରା ଶେଷ ଲିଖିତ ଅବସ୍ଥା ପ୍ରବଳ ଜଣାଯାଉଅଛି ଓ ତହିଁରୁ ପ୍ରକାଶ ପାଉଅଛି ଯେ ସରକାର ମାଦକ ନିବାରଣଦ୍ୱାରା ଲୋକଙ୍କର ସୁନୀତି ବଢ଼ାଇବା ଅପେକ୍ଷା ଅବକାରୀ ରାଜସ୍ୱ ବୃଦ୍ଧି ପ୍ରତି ଅଧିକ ମନୋଯୋଗୀ ଅଟନ୍ତି । ଏହା ବଡ଼ ଦୁଃଖର ବିଷୟ । ମାଦକ ନିବାରଣ ସକାଶେ କଠିନ ଉପାୟ ଅବଲମ୍ବନ ନ ହେଲେ ଲୋକଙ୍କର ଦରିଦ୍ରତା ଘୁଞ୍ଚିବ ନାହିଁ ଏବଂ କୃଷି ଶିଳ୍ପାଦି ବିଷୟରେ ସରକାର ଯେତେ ଯତ୍ନ ଓ ବ୍ୟୟ କରୁଅଛନ୍ତି ସେ ସମସ୍ତ ସାର୍ଥକ ହେବ ନାହିଁ । ଧର୍ମ ଓ ନୀତି ସକଳ ଉନ୍ନତିର ମୂଳ । ମୂଳକୁ ଛାଡ଼ି ଅଗରେ ଜଳ ଢାଳିବା ବିଫଳ । ସରକାର ଚେଷ୍ଟାକଲେ ମାଦକଦ୍ରବ୍ୟର ବ୍ୟବହାର ଅନାୟାସରେ ସଙ୍କୋଚ କରିପାରନ୍ତି । ଶିକ୍ଷାଦାନରେ ମଧ୍ୟ ବିଶେଷ ଉନ୍ନତି ଦେଖାଯାଉ ନାହିଁ । ବର୍ତ୍ତିତ ବର୍ଷରେ ସମସ୍ତ ପ୍ରକାର ସ୍କୁଲ ସଂଖ୍ୟା ୩୮୬ ଏବଂ ଛାତ୍ରସଂଖ୍ୟା ୮୨୩୫ ଅଥବା ଗତ ବର୍ଷଠାରୁ ୮ଟି ସ୍କୁଲ ଓ ୬୦୬ ଛାତ୍ର ବଢ଼ିଥିଲା । ଶିକ୍ଷାବିଭାଗର ବ୍ୟୟ ୨୬ ହଜାରରୁ ୩୫ ହଜାର ଟଙ୍କାକୁ ବଢ଼ିବା ଅବଶ୍ୟ ଭଲ ବୋଲିବାକୁ ହେବ । ମାତ୍ର ଏହା ଯଥେଷ୍ଟ ନୁହେ । ରାଜ୍ୟର ଆୟ ଏବଂ ଅବସ୍ଥା

Split by PDF Splitter
Digitized by srujanika@gmail.com

ଦୃଷ୍ଟିରେ ଶିକ୍ଷା ବିସ୍ତାରରେ ଅଧିକ ବ୍ୟୟ କରିବା ଏକାନ୍ତ ବାଞ୍ଛନୀୟ । କିନ୍ତୁ ଅନ୍ୟାନ୍ୟ ବ୍ୟୟ କମ ହେଲେ ମଧ୍ୟ ଅଧିକ ଉପକାର ହେବ । ମାଦକଦ୍ରବ୍ୟ ନିବାରଣ ଓ ଶିକ୍ଷାବିସ୍ତାର ଛଡ଼ା ଅନ୍ୟାନ୍ୟ ସକଳ ବିଷୟରେ ରାଜସରକାର ଆପଣା କର୍ତ୍ତବ୍ୟ ଉତ୍ସାହଜନକରୂପେ ପ୍ରତିପାଳନ କରିବାର ବିବରଣୀରୁ ଜଣାଯାଏ ।

NOTICE.

Model text books for the Infant Section and Standards I and II which have been written at Government expense are kept in the office of the Inspector of Schools, Orissa Division, for inspection. The books are available for inspection during office hours and intending authors and publishers may inspect them within one month from this date.

Cuttack 23—8—1909 — John MacLean, Inspector of schools, Orissa Division.

## ମାଫସ୍ସିଲ ସମ୍ବାଦ ।

### କଲିକତା ଗେଜେଟ ।

ଛୁଟିରେ ଥିବା ଡେ: ମା: ଓ ଡେ: କଲେକ୍ଟର ବାବୁ ଅକ୍ଷୟପ୍ରସାଦ ଦାସ ବର୍ତ୍ତମାନ ବଙ୍ଗ ମେଦିନୀପୁର ଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ପିପିଲିର ସବ୍‌ଡେପୁଟି ବାବୁ ଭୁବନେଶ୍ୱର ମହାନ୍ତି ଖୋର୍ଦ୍ଧା ଓ ଖୋର୍ଦ୍ଧାର ସବ୍‌ଡେପୁଟି ବାବୁ ବୈକୁଣ୍ଠନାଥ ମହାନ୍ତି ପିପିଲିକୁ ବଦଳି ହେଲେ ।

କଟକ ସଦର ଡେଭେନ୍ସମ୍ୟାନ ସାହିବଙ୍କ ହେଡ କ୍ଲର୍କ ମନସି ସେଖ ଏଜାଜ ବକ୍ସ ଜଣ୍ଟ ସାଲେପୁରର ସବ୍-ରେଜିଷ୍ଟ୍ରାର ହେଲେ ।

କଟକରେ ଥିବା ସମ୍ବଲପୁରର ଡେ: ମ: ବାବୁ ନିର୍ମଳ ଚନ୍ଦ୍ର ମିତ୍ର ଚତୁର୍ଥ ଶ୍ରେଣୀର ଶିକ୍ଷାନବିଶ ରୂପେ ନିଯୁକ୍ତ ହେଲେ ।

କଟକର ଡେ: ମାଜିଷ୍ଟ୍ରେଟ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଫୌଜଦାରୀ ମୋକଦ୍ଦମାରେ ତୃତୀୟ ଶ୍ରେଣୀର ସାକ୍ଷୀ ନେବାର କ୍ଷମତା ପାଇଲେ ।

ଓଡ଼ିଶା ବିଭାଗର ସବ୍ ଡେ: କଲେକ୍ଟର ବାବୁ ରାଜକିଶୋର ଦାସ କଟକ ସଦର ମହକୁମାରେ ଅବସ୍ଥାପିତ ହେଲେ ।

କଟକ ରେଭିନ୍ୟୁ କଲେକ୍ଟରୀର ଅଫିସ ଓ ପାଣ୍ଡି ଲେଖକ ମୌଲବୀ ମହମ୍ମଦ ଇସ୍ମାଇଲ ଏକବର୍ଷ ଛୁଟି ପାଇଲେ ଓ ସେହି କାର୍ଯ୍ୟରେ ସେହି କଲେକ୍ଟରୀର ମୌଲବୀ ମୌଲବୀ ମହମ୍ମଦ ମୋଶିନ ନିଯୁକ୍ତ ହେଲେ ।

ଗତ ତା: ୨୦ ଦିନ ଶେଷ ହେବା ସପ୍ତାହରେ କଟକରେ ୩.୩୦, ବାଲେଶ୍ୱରରେ ୪.୦୪, ଅନୁଗୁଳରେ ୧.୨୮, ପୁରୀରେ ୧.୭୪ ଓ ସମ୍ବଲପୁରରେ ୩.୪୪ ଇଞ୍ଚ ବର୍ଷା ହୋଇଅଛି ।

ଗତ ତା ୨୦ ଦିନ ଶେଷ ହେବା ସପ୍ତାହରେ ଚାଉଳର ଦର ଟଙ୍କାରେ ସେ ୧୧୩/, ବାଲେଶ୍ୱରରେ ସେ ୧୨, ଅନୁଗୁଳରେ ସେ ୧୪, ପୁରୀରେ ସେ ୧୮ ଓ 'ସମ୍ବଲପୁର'ରେ ସେ ୧୩ ।

ରାଜ ପ୍ରତିନିଧି ପରିଷଦରେ ବାମଣ୍ଡା ରାଜାଙ୍କ ସ୍ଥାନରେ ବାବୁ ଭୂପେନ୍ଦ୍ର ମୋହନ ଗଙ୍ଗୋପାଧ୍ୟାୟ ମନୋନୀତ ଓ ବାବୁ ନିରଞ୍ଜନ ସେନ ସ୍ଥାୟୀରୂପେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

### ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରାୟ ପ୍ରତିଦିନ ଏକାଧିକ ବର୍ଷା ଏକ ଘଡ଼ି ଲୁଥନାରଠାରୁ ଝଡ଼ବର୍ଷା ହୋଇଅଛି । ଏ କାରଣରୁ ଚତୁର୍ଦ୍ଦିଗ ଏକ ସମୟରେ ଜଳର ପ୍ରବାହ ବଢ଼ି ଯାଇଅଛି ।

ସାମାନ୍ୟ ଜ୍ୱର ଓ କାଶ ଛଡ଼ା ସାଧାରଣ ସ୍ୱାସ୍ଥ୍ୟ ଭଲ ।

ନୟାପାଟଣା ମହଲ୍ଲା ନାମରେ ସୁପରିଚିତ ସେହି ପୋଷ୍ଟଅଫିସ ବିଲଡ୍‌ଗେଟର ନାଲୀ ବଦଳରେ ବାବୁ ଦୁ: ହୂ: ହାଜରା ଓ ମାଇନ୍ସ କ୍ଲର୍କ ଗୃହରେ ଅପ୍ରମାଣ ହେବାରେ ମହଲ୍ଲା ଖଳାସ ପାଇଅଛନ୍ତି ।

ଶ୍ରୀ ଉମେଶ ମିଶ୍ର ହୋମିଓପ୍ୟାଥିକ ଗ୍ରନ୍ଥ ପ୍ରମାଣ ଦେଇ ଲେଖିଅଛନ୍ତି ଯେ ଗତ ଅଗଷ୍ଟ କୃଷ୍ଣପକ୍ଷ ଦ୍ୱାଦଶୀ ଠାରୁ ଉଣା ହୋଇଛି ଏବଂ ଅଷ୍ଟମ ସୂର୍ଯ୍ୟଗ୍ରହଣ ପରେ ମେଘ ଯୋଗହୋଇଥିବାରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଉତ୍ତମ ବୃଷ୍ଟି ଏବଂ ପ୍ରଚୁର ଶସ୍ୟ ହେବ ।—ଗଃ ବାଃ

ମୋଗଲବନ୍ଦୀର ଅନେକ ସ୍ଥଳରେ ପଲ୍ଲୀଏଠ ଶ୍ରେଣୀର ବିଧାନ ପ୍ରଚଳିତ ହୋଇଅଛି । ଗ୍ରାମର ସରବରାହକାରମାନଙ୍କ ପ୍ରମାଣ ଅଭାବ ସନ୍ଦେହରେ ଦେଓ୍ୱାନୀର କ୍ଷମତା ପାଇଅଛନ୍ତି ।—ପ୍ରଃ ବାଃ

ବଡ଼ଶେଠ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ନାମରେ ଟ ୨୦୵ ଦେବା ସମ୍ପର୍କରେ ଡାକଘର ଓ ପାଠାଗାରର କାର୍ଯ୍ୟ ଚଳାଇବା ସକାଶେ ଗୋଟିଏ କମିଟି ଗଠିତ ହୋଇଅଛି । ତହିଁର କାର୍ଯ୍ୟାଧ୍ୟକ୍ଷ ଶ୍ରୀ କାଳୀଚରଣ ବହୁଁ ଓ ସମ୍ପାଦକ ଶ୍ରୀ ଜନମାଳୀ ମିଶ୍ର ଓ କୈଳାସ ବନ୍ଦ୍ୟୋପାଧ୍ୟାୟ ହୋଇଅଛନ୍ତି ଶ୍ରୀ କାଳୀଚରଣ ବହୁଁ ସଦସ୍ୟ ଟ ୧୮ (ଟ) ଓ ବନ୍ଦ୍ୟୋପାଧ୍ୟାୟ ଟ ୨୦ (ଟ) ସାହାଯ୍ୟ ଦେଇଅଛନ୍ତି ।

ଗଃ ଟ୍ରିଃ ପଃ

ଜେଲପୁରର ଜଣେ ମାଇକେଲ ନାମକ ନଉରା ଡାଲର ସାହୁ ସଂସାର ଧରିବା ଉଦ୍ଦେଶ୍ୟରେ ସେଠା ସେହିଠାରେ ବନ୍ଦରରେ ନଆ ଶ ଜାହାଜ ଲଗିଅଛି । ହାଇକୋର୍ଟରେ ଅପିଲ ହେବ ବୋଲି ଶୁଣାଯାଏ ।—ମେ: ବା:

ମହୁମ୍ମଦ ନଗର ପାଣ୍ଡା ଉଦାସୀ ମୁକୁନ୍ଦ ସାହୁ ସ୍ତ୍ରୀ ଏମନ୍ତ ଦୁର୍ବଳ ଯେ ତାହାର ଗୋଟିଏ ୧ ବର୍ଷର ଶିଶୁ ଦୁଧ ଖାଇବାରୁ ଜଣେ କଞ୍ଚା ନିବାରଣ ସକାଶେ ଗାଈ ଦୁଧ ଗୁଣ୍ଡ ପକାଇଦିଏ । ପ୍ରତିବାସୀମାନେ ପରୀକ୍ଷାରେ ତାହାର ଶାଶୁ ସ୍ୱେଚ୍ଛା ଦୁଧ ଅଣ୍ଟାଇ ଦୁଇ ବେଳ ଅଦାଳତ ଦିନ ସମୟ କରଅଛି । ସ୍ୱା ବା:

ମେଦିନୀପୁର ଟାଉନ ଥାନାର ସବଇନସପେକ୍ଟର ମହେନ୍ଦ୍ରନାଥ ଦାସ ଗୁରୁତର ଜ୍ୱରରେ ପ୍ରାଣ ହରାଇଅଛନ୍ତି । ଜ୍ୱରରେ ଏପରି ହଠାତ୍ ମୃତ୍ୟୁ ସମ୍ଭବପର ।—ମେ: ବା:

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଯମନଗରରେ ସବ ରେଜିଷ୍ଟ୍ରାର ମୌଲବୀ ମହମ୍ମଦ ଜେନ୍ ସଜ୍ଞାନ ଦଦା ହେବାରେ ତାହାଙ୍କର କାର୍ଯ୍ୟ ଉପଲକ୍ଷରେ ଗତ ତା ୧୭ ର ଶୁକ୍ରବାର ଗୋଟିଏ ସଭା ହୋଇଥିଲା । ସୁଦକ୍ଷ ସାଧୁ ସ୍ୱଭାବ ଉପସ୍ଥିତ ହୋଇଥିଲେ ଏବଂ ପାଠକମାନେ ଜନ ମଣ୍ଡଳୀମାନେ ବହୁ ତାହାଙ୍କ ଗୁଣକୀର୍ତ୍ତନ କରିଥିଲେ । ମୌଲବୀ ସାହେବ ନ୍ୟାୟ ପରାୟଣତା ସହିତ କାର୍ଯ୍ୟ କରି ସକଳ ଶ୍ରେଣୀର ଲୋକଙ୍କ ସନ୍ତୁଷ୍ଟ କରିଥିଲେ ପୁଣି ହୋମିଓପ୍ୟାଥି ଚିକିତ୍ସା ଦ୍ୱାରା ସାଧାରଣ ଲୋକଙ୍କ ବିଶେଷ ଉପକାର କରିଥିଲେ ।

ମେଦିନୀପୁର ଜଣେ ଉକ୍ତ ଗ୍ରାମରେ ଗୋଟିଏ ଇଂରାଜୀ ସ୍କୁଲ ସ୍ଥାପନ ନିମନ୍ତେ ସାଧାରଣ ସାହାଯ୍ୟ ପ୍ରାର୍ଥନା ହେବାରେ ବଡ଼ପଣ ଷ୍ଟେଟର ରାଜା ପରମପୂଜ୍ୟ ଶ୍ରୀମତୀ ରାଣୀ ଲକ୍ଷ୍ମୀକୁମାରୀ ଦେବୀ ଦେବା ଉଦ୍ଦେଶ୍ୟରେ ୫୦୦ ଟଙ୍କା ସାହାଯ୍ୟ କରିବା ପଠାଇ ଦେଇଥିବାରୁ ଉକ୍ତ ସ୍କୁଲ କମିଟିର ସମ୍ପାଦକ କୃତଜ୍ଞତା ସହିତ ସ୍ୱୀକାର କରିଅଛନ୍ତି ।

### ଯାଜପୁର ସମ୍ବାଦ ।

ଏହି ଟାଉନ ଅନ୍ତର୍ଗତ ଦେଉଳବାର ମୌଜାର ଏକ ବ୍ରାହ୍ମଣର ୭ ୧୨ ବର୍ଷ ବୟସ୍କା ସ୍ତ୍ରୀ ଶ୍ୱଶୁର ଗୃହ ପ୍ରାପ୍ତ ହେବାରୁ ଏକ ପୃଥକ ଘରେ ରହୁଥିଲା । ଗତ ରବିବାର ସନ୍ଧ୍ୟା ପରେ ତାହାର ସ୍ୱାମୀ ଅସ୍ତ ସାମାନ୍ୟ ଅପରାଧରେ ତାହାକୁ ପିଟିବାରୁ ବଡ଼ ଜାମକୁବାରେ ପ୍ରହାର କରିବାରୁ ସ୍ୱାମୀଙ୍କ ବେହୁଁସ ଅବସ୍ଥା ଘଟିବାରୁ ସେ ଶଯ୍ୟାଗତ ହୋଇ ଓ ସେ ରହୁନ ପାଇ ଗୋଲ ଉଠିଲା । ସେହି ସମୟରେ ବେଶ୍ୟା ବେଳ ନ ଥିବା ପଡ଼ିଲା । ଏହାକୁ ବାହାର ସର୍ପ ଦଂଶନ କରିଥିବାର ଜଣାଯାଏ ।

ଏଠାରେ ସୁପରିଚିତ ଜଣେ ସିବିଲ ସବ୍ ସର୍ଜନ ଦୋଷରେ କେବଳ ଟାଉନର ତତ୍ତ୍ୱାବଧାନ ରହି ଥିଲେ । ତାହାଙ୍କ କାର୍ଯ୍ୟରେ ଟାଉନବାସୀ ସମସ୍ତେ ସନ୍ତୁଷ୍ଟ । ତାହାଙ୍କୁ ପଦଚ୍ୟୁତ ମୁଣ୍ଡରୁ ବଦଳି କରିବାର କଥା ଶୁଣି ସମସ୍ତେ ଦୁଃଖିତ ଅଛନ୍ତି । ବଦଳି ନ କରିବା ନିମିତ୍ତ ସୋସାଇଟି ଉପରେ ଶ୍ରେଷ୍ଠ ମହାଶୟ ସୁବିଚାର କରିବେ ।

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କେଶୁଆ ଗ୍ରାମର ଜନୈକ ଚୌକିଦାର ମଦ୍ୟପାନ ମତ୍ତ ହେଲା ସମୟରେ ଗ୍ରାମବାସୀଙ୍କର ବଳପୂର୍ବକ ଆଦାୟ କରି ନେଉଥିବାର ଦେଖି ସେଠାରେ ଅପରାଧ ବଳ ଲାଞ୍ଛନାରେ ଲୁଟ ଦଳ କରିଥିଲେ । ତତ୍ପରେ ୧ ଦଶ ଘଣ୍ଟାରେ ସେହି ଗ୍ରାମର ସ୍ତ୍ରୀଲୋକ ମଦ୍ୟ ମତ୍ତ ହୋଇ ଓ ଅନ୍ୟ ମଦ୍ୟ ପାନମାନେ ଯାଇ ଧାନ କାଟିବା ସମୟେ ଗୋଳମାଳରେ ସେମାନେ ପଳାଇଲେ ଏବଂ ସେଠାରେ ମଦ୍ୟ ଭାଣ୍ଡ ପକାଇ ନ ପାଇ ଏକ କଣ୍ଟାବଣ ନିକଟ ଲୁଚ ଯିବା ସମୟେ ତାହାଙ୍କୁ କାଳେବି ଏହିଠାରେ ସେ ସେହିଠାରେ ଦେହୋପ ହୋଇଗଲା ତହିଁ ପ୍ରଚାର କାରଣ ସେ ମଦ୍ୟପାନ କରିବାରେ ବାଧାପ୍ରଦ ପଳାୟନ କଲେ ଅଛି ତହିଁ ତାହାଙ୍କ ସ୍ତ୍ରୀ ଓ କେତେକ ପଡ଼ୋଶୀ ତାକୁ ହୋଇ କରିଲେ ପୁଲିସ ଏହି ବିଷୟରେ ସବ୍ ଇ: ବାବୁ ଘଟନା ସ୍ଥାନକୁ ଯାଇ ସ୍ତ୍ରୀଲୋକ ମଦ୍ୟର ମୃତ୍ୟୁକାଳୀନ ଉକ୍ତି ଲେଖି ନେଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପରେ ସେ ମଜଲିସ । ମକଦ୍ଦମାର ତଦାରଖ ଚାଲିଅଛି ।

ଜେଲରେ ଦିନ ଦିନ ଛାତ୍ରସଂଖ୍ୟା ବୃଦ୍ଧି ହେବାରୁ ସ୍କୁଲର ଦେବସ୍ଥାନ କାର୍ଯ୍ୟ ବନ୍ଦ ଥିଲା ଗତ ସୋମବାରଠାରୁ ପୁନର୍ବାର ଜଳ ବରଷା ହେଉ ଏ ଦେବସ୍ଥାନ କାର୍ଯ୍ୟର ସୁବିଧା ହୋଇଅଛି ।

### ଶୋକ ସମ୍ବାଦ ।

ସତିମତ ଦଶା ହେଉଥିବାରୁ ଧାନ ଗଛ ଭଲ ହୋଇଅଛି ଏବର୍ଷ ଫସଲ ଭଲ ହେବାର ସମ୍ଭବ ।

କୁଜିବାର ପାଟନାୟକ ପ୍ରଭୃତି ଛ ଜଣ ସରବରାହକାର ସ: ଡ: ଆ: ମହାଶୟଙ୍କ ଇଜଲାସ ବାଉଣ୍ଡରେ ଉପଗାଉଥିବା ମୋକଦ୍ଦମାର ତହିଁ ଉକ୍ତ ହାକିମ ମହୋଦୟଙ୍କ ବିଚାରରେ ଦ୍ୟାପାଦ କରାଇବା ଅପରାଧରେ ଅଭିଯୁକ୍ତ ହୋଇ ପ୍ରତ୍ୟେକ ଟ ୧୦ ଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି ।

ଏଠାରେ ଜ ୨ ଣ ଡାକ୍ତର ଅଛନ୍ତି । ଜଣେ ସବ୍‌ହାସ୍ପିଟାଲ ଓ ସବ ଏଲିଷ୍ଟାଣ୍ଟ ସର୍ଜନଙ୍କର ତଳର ଗୋଟିଏ ଡାକ୍ତରଖାନା ଅଛି ଏବଂ ସେ ଏଠାର ହେଲଥ ଅଫିସର ଏବଂ ଡ: ବୋର୍ଡର ମେମ୍ବର ଅଛନ୍ତି । ଏ କଟକର ଅମର ଚନ୍ଦ୍ର ମଣି ମହାପାତ୍ର ଉକ୍ତ ପ୍ରାଇଭେଟ ଡାକ୍ତରଙ୍କର ତତ୍ତ୍ୱାବଧାନରେ ଥାଇ ତାହାଙ୍କ ସାର୍ଟିଫିକେଟ ସହ ଛୁଟି ସକାଶେ ଦରଖାସ୍ତ କରିଥିଲେ । ଅତ୍ୟର୍ଥିର ଜରୁ ଏହି ସେ ସ: ଡ: ହାକିମ ମହୋଦୟ ସେ ସାର୍ଟିଫିକେଟ ଅଗ୍ରାହ୍ୟ କରି ସରକାରୀ ମେଡିକେଲ ଅଫିସରଙ୍କର ସାର୍ଟିଫିକେଟ ଅଦେଖ ହେଉ ତାହା ଗ୍ରହଣ କରିବାବାର ଛୁଟି ଦେବାକୁ କହିଅଛନ୍ତି ।

### ସାଧାରଣ ସମ୍ବାଦ

କଲିକତା ମିଉନିସିପାଲିଟିର ଜଣେ ସରକାରୀ ମିଉନିସିପାଲିଟିର ଗାଡ଼ିଏ ଉଚ୍ଚ ଅସ୍ୱାସ୍ଥ୍ୟକରଣା ଅପରାଧରେ ଦଣ୍ଡ ହୋଇଅଛି । ବିଚାର ସମୟରେ ଅପରାଧ ସ୍ୱୀକାର କରି ଦୟା ଭିକ୍ଷା କରିବାରୁ ତାହାକୁ ତ୍ରଣମାନ କଟି ଟଙ୍କା ଜରିମାନା କରି ଛାଡ଼ିଦେଇ ସେହିପରି ଅଭଦ୍ର ଦଣ୍ଡ କରିଅଛନ୍ତି ।—ମିଉନିସିପାଲିଟିରେ ଏହି କେବେଠୁ ଏମନ୍ତ ବର୍ତ୍ତମାନ ଅଛନ୍ତି ?

Digitized by srujanika@gmail.com

ଜାପାନରେ ଭୂମିକମ୍ପଦ୍ୱାରା ୫ ୩୦ ଶ ହତ ଏବ ୫୮୨୩ ଆହତ ହୋଇଅଛନ୍ତି । ଏହା ବ୍ୟତୀତ ଅଧିକାଂଶ ଗ୍ରାମ ହେବାରୁ ସେ ୩୬୨ ଟି ଘର ସମୂଳେ ୧୨ ୧୦୨୭ ଘର ଆଂଶିକ ନଷ୍ଟ ହୋଇଅଛି ।

ଫରାସୀର ଇଶାନ ପ୍ରଦେଶ ବଙ୍ଗୀୟସ୍ଥ ଦ୍ରବ୍ୟ ମାତ୍ର ବଙ୍ଗଦେଶୀ ବର୍ଜନ ଦ୍ୱାରା ବାଳକମାନଙ୍କ ସେନ ବର୍ଜନ କାର୍ଯ୍ୟରେ ବ୍ରତ ହୋଇଥିବା ଅପରାଧରେ ବର୍ମକ୍ଷ୍ୟତ ହୋଇଅଛନ୍ତି ।

ଭାରତ ଗଭର୍ଣ୍ଣମେଣ୍ଟ ପ୍ରିଭି କାଉନ୍ସିଲରେ ଯେଉଁ ପାର୍ଟି ଫସଲଜାତ ହେଉଅଛି ତହିଁର ଗତି ଗବର୍ଣ୍ଣମେଣ୍ଟ ବେଦଖଲ ଟଙ୍କା ଦେଉଅଛନ୍ତି । ଏ ପାର୍ଟିରେ ଏପର୍ଯ୍ୟନ୍ତ ୧୧୮୦୦ ଟଙ୍କା ଗଚ୍ଛିତ ହୋଇଅଛି । ଦେଶର ଉନ୍ନତିକର କୌଣସି କାର୍ଯ୍ୟଦ୍ୱାରା ସ୍ମୃତି ରକ୍ଷାର ବ୍ୟୟ ହେଲେ ଅନେକମାନେ ପରମାହ୍ଲାଦିତ ହେବେ ।

ପାଟନା କଲେଜର ଛାତ୍ରମାନେ ମେଡ଼ିକାଲ କଲେଜରେ ନିଯୁକ୍ତ ହେବାର ସୁବିଧା ପାଇବେ । ଏଥିର କାରଣ ଜଣା ଯାଉ ନାହିଁ । ମେଡିକାଲ ବିଭାଗ ମଧ୍ୟରୁ ନ ୬୦ ଶ କଲେଜର ଅଧ୍ୟକ୍ଷ ସାହେବଙ୍କ ସହ ସାକ୍ଷାତ କରିବା କାରଣ ପ୍ରାର୍ଥୀ ହୋଇଥିଲେ ମାତ୍ର ସେମାନଙ୍କର ପ୍ରାର୍ଥନା ଅଗ୍ରାହ୍ୟ ହୋଇ ସେମାନଙ୍କ କଲେଜ ବନ୍ଦ ହୋଇଗଲା ମାତ୍ରବା କାରଣ ନିଷେଧ କରାଯାଉଅଛି । ବ୍ୟାପାର ଗୁରୁତର ବୋଧହୁଏ ।

ଅଲସ୍ପଟରେ ମୃତ ହରୁଥିବା ପଞ୍ଚରମ ଦାସ ନାମକ ଜଣେ ଓଡ଼ିଆ ବାଳକର ଭୁଲ୍ ଯିବାରୁ ବେଙ୍ଗଲେ ପତ୍ର ଦେଇ ଅପହରଣ କରିବାର ସମ୍ବାଦ ମିଳଇ ।—ସଦ ଶ୍ରୀ କେହେ ଜଣାଅ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ବ୍ରଜାନନ୍ଦ ମହାନ୍ତି—ଧାମନଗର ସବରେଜିଷ୍ଟ୍ରରଙ୍କ ବଦଳି ସମ୍ବାଦ ଖବରେ ପ୍ରକାଶ ହୋଇଅଛି । ସେ ସମ୍ବନ୍ଧୀୟ ପତ୍ର ପ୍ରକାଶର ପ୍ରୟୋଜନ ନାହିଁ ।

ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ—ବିଶେଷ ଅବଶ୍ୟକ ଦେଖା ନ ଯିବାରେ ଉପେକ୍ଷିତ ହେଲା କ୍ଷମା କରିବେ ।

ହକିମ ସେଖ ଇଅଜେଦୁଲ ସେନାପତି ସମ୍ବାଦ—ଫଳସା ହୃତ୍ୟ ସମ୍ବନ୍ଧୀୟ ପରାମର୍ଶ ସମ୍ପାଦକଙ୍କୁ ଜଣାଇଲେ ଯଥେଷ୍ଟ ହେବ । ଅତଏବ ଆପଣଙ୍କର ସାର୍ଟିଫିକେଟ ଉପସ୍ଥିତ ହେଲା ।

---

# ନୀଲାମୀ ଇସ୍ତାହାର ।

ଡି ୧୪୪ ମର ଡିକ୍ରିଜାରୀ ସନ ୧୯୦୯ ମସିହା କଟକ । ମୁ । ସବ ଜଜସାହେବଙ୍କ ଅଦାଲତ

ଜଗନ୍ନାଥ ପଣ୍ଡା ନାବାଳଗ ଉକ୍ତ ନାବାଳଗର ସାର୍ଟିଫିକେଟ ପ୍ରାପ୍ତ ମାତାପିତା ମାତା ସୀତା ଦାଇ ଓ ଗୋପାଳ ସୁମିତ୍ରା ଦେଈ । ସା । ସାଲିପୁର । ପ୍ର । ସୋରୋ ବାଦୀ ଡିକ୍ରିଦାର

ବନାମ

୧ ଅହଲ୍ୟା ଦେଈ ଓ ୨ ଜାଲୁଦେଈ ସ୍ତ୍ରୀ ଓ ୬ ନିଜସ ଜଗୁସିଂହ ଦାସ ନ ୨ ମର ପୁତ୍ରବଧୂ । ୮ । ଓ ୩ ଦର୍ଶନା ଦାସ । ସା । ଗାଶିପୁର । ପ୍ର । ବାସ୍ତାସ ପ୍ରତିବାଦୀ ଦେଣଦାରମାନେ ।

ସନ ୧୯୦୯ ମସିହା ସେପ୍ଟେମ୍ବରମାସ ତା. ୧୫ ରଖ ଦିବା ଘ ୧୨ ଟା ସମୟେ ଉପରୋକ୍ତ ମକଦ୍ଦମାରେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି ନିଲାମ ହେବ

## ତପସିଲ ସମ୍ପତ୍ତି

ସବଡିଭିଜନ ଓ ସବରେଜିଷ୍ଟ୍ରର ବାଲେଶ୍ୱର ଓ ପୁଲିସଷ୍ଟେସନ ସୋରୋ । ତ । ଅମ୍ବହଟା । ମୌ । କେମାଦେଇ ପଟଣାରେଥିବା ଶ୍ରୀ କପିଳେଶ୍ୱର ଜୀଉ । ମା । ଖାସ ପ୍ରତିମାଦେଈଙ୍କ ନାମରେ ବନ୍ଦୋବସ୍ତ ହସ୍ତର ବାହେଲ ନ ୩୬୬-୩୬ ମର ଜଃ ବାଃ ଏ୧୦୨—୩୩୨ଡଃ ଭୂଇଁରୁ ଦେଣଦାରମାନଙ୍କର ମୌରସି ଖରିଦ ଦଖଲ ଅଧି-କାର ନାମ ବନ୍ଦୋବସ୍ତ କାଗଜାତରେ ଦରଜ କରିଅଛି ଦଖଲକାର ଥିଲେ, ତାଙ୍କ ଅନ୍ତେ ଦେଣ-ଦାରମାନେ ଉକ୍ତ ସମ୍ପତ୍ତିରେ ଦଖଲକାର ଅଛନ୍ତି ତାହା ଏ ମୋକଦ୍ଦମାରେ ନିଲାମ ହେବ ଏଥିର ଅନୁମାନିକ ମୂଲ୍ୟ ଟ ୫୦୦୦୧ ଙ୍କା ଅଟେ ।

※୦※

ନ ୧୫୫ ମର ଡିଃ ସନ ୧୯୦୯ ମସିହା ।

ଇଃ ସବାଡିଭେଟଜଜ କଟକ ।

ଶ୍ରୀ ରଘୁନାଥ ଘୋଷ । ସା । ଗଉର ଚରଣ ଘୋଷପଟଣା ସାମିଲ ଖଣ୍ଡୁଆଡ଼ି । ପ୍ର । ଭେଗ୍-ଡ଼ିଆ ବାଦୀଡିକ୍ରିଦାର

( ବନାମ )

୧ । ଦୁର୍ଗାପ୍ରସାଦ ଦାସ । ସା । କୋଣିଆପାଳ । ପ୍ର । ଅସୁରେଶ୍ୱର ୨ । ଉପେନ୍ଦ୍ର ଜଗତି ୩ । ବନମାଳୀ ଜଗତି ୪ । ମୋହନୀ ଜଗତି ନାବାଳଗ ଓ ଉକ୍ତ ନାବାଳଗମାନଙ୍କର ବଳ-ଶୀଏ ଅଭିଭାବକ ଉକ୍ତ ଉପେନ୍ଦ୍ର ଜଗତି । ସା । ଫକିରବାଦଅମୃତନମଶୋହପଟଣା । ପ୍ର । ଅସୁରେ-ଶ୍ୱର ୬ । ମଦନୀ ସାହୁ ପୁତ୍ର ଓୟାରସ ମଣିବେଓ୍ୟା । ମୃ ୭ । ଦଇତ୍ୟାରି ସାହୁ ପୁତ୍ର ଓୟାରସ ଚକ୍ରଧର ସାହୁ । ମୃ । ୮ । ପର ସାହୁ ୮ । (କ) ଗୋବିନ୍ଦ ସାହୁ ପୁତ୍ର ଓୟାରସମାନେ ମହାଦେବ ସାହୁ । ମୃ । ୧୨ । ରାମ ପଣ୍ଡା ୧୨ । (କ) ବାମ ପଣ୍ଡା ଓରଫ କାହ୍ନାଇ ପଣ୍ଡା ପୁତ୍ର ଓୟାରସ-ମାନେ ବାଇଧର ପଣ୍ଡା । ମୃ । ୧୩ । ମଣି ପଣ୍ଡା ୧୪ । କଣେଇ ସାହୁ ୧୬ । ବାଇଧର ସାହୁ । ସା । କୋଣିଆପାଳ । ପ୍ର । ଅସୁରେଶ୍ୱର ପ୍ରତିବାଦୀଦେଣଦାରମାନେ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୪୨୬୧ଙ୍କା ଆଦାୟ ସକାଶେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି ମାନ ସନ ୧୯୦୯ ମସିହା ମାସ ତା ରଖେ ଅତ୍ର କଟକ । ମୁ । ସବାର୍ଡିନେଟଜଜଙ୍କ ଅଦାଲତରେ ନିଲାମ ହେବ ତହିଁର ଅ: ମୂଲ୍ୟ ଟ ୨୨୫୧ଙ୍କା ଅଟେ ।

୧ । କଟକ ଜିଲ୍ଲା ସଃ ଡ଼ଃ ପୁ: ସ: ରେଜେଷ୍ଟ୍ରର କେନ୍ଦ୍ରାପଡ଼ା ଇଲାକାଧୀନ । ପ୍ର । ଅସୁରେଶ୍ୱର । ତା । ଚନ୍ଦ୍ରସେଡ଼ା । ମୌ । ଫକିରବାଦ ରଜବାରେ ଥିବା ଖ ୨।୩।୪ ମର ପ୍ରତିବାଦମାନଙ୍କର ଖୋସ ଦଖଲ ନ ୨୩୮୭ ମର ଇ: ବାବତ ଲ: ବାହେଲ ଚଉହଦ ଓ ଖସଡ଼ା ନମ୍ବର ଅନୁ-ସାରେ ଏ ୦—୭୯୪ ଡ: ଜମି ଅଟେ ତହିଁ ମଧ୍ୟରୁ ନ ୨।୩।୪ମର ପ୍ରତିବାଦମାନଙ୍କର । ତ । ଟ ୦୧ ରୁ ଏ ୦ ୧ ରୁ ଏ ୦—୩୯୭ ଡ: ଜମି ଓ ତହିଁ ଉପରେ ଥିବା ପ୍ରତିବାଦମାନ-ଙ୍କର ସକଳ ପ୍ରକାର ସତ୍ୱ ସହିତ ଏ ମୋକଦ-ମାରେ ନିଲାମ ହେବ ତହିଁର ଅ: ମୂ: ଟ ୩୦୧ ଙ୍କା ଅଟେ ।

୨ । କଟକ ଜିଲ୍ଲା ସ: ଡ: ପୁ: କେନ୍ଦ୍ରାପଡ଼ା ସ: ରେଜେଷ୍ଟ୍ରର କେନ୍ଦ୍ରାପଡା ଇଲାକାଧୀନ । ପ୍ର । ଅସୁରେଶ୍ୱର । ତା । ଚକସେଡା । ମୌ । ମଣି-ପଡା ରଜବାରେ ଥିବା ନ ୨।୩।୪ ମର ପ୍ରତି-ବାଦମାନଙ୍କର ଖୋସଦଖଲ ନ ୧୩୦୯୯ ମର ଇ: ବାବତ ଲ: ବାହେଲ ଜମି ଚଉହଦ ଓ ଖସଡା ନମ୍ବର ଅନୁସାରେ ଏ ୦ — ୩୫୫ ଡ: ଜମି ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅ: ମୂ: ଟ ୨୫୧ଙ୍କା ଅଟେ ।

୩ । କଟକ ଜିଲ୍ଲା ଝ: ଡ: ପୁ: ସ: ରେଜେଷ୍ଟ୍ରର କେନ୍ଦ୍ରାପଡା ଇଲାକାଧୀନ । ପ୍ର । ଅସୁରେଶ୍ୱର ନ ୧୧୦୨ ମର ତ: ଭୁକ୍ତ । ତା । ଗୋପାଳ-ପୁର । ମୌ । ଓଲତଡ଼ ରଜବାରେ ଥିବା ନ ୨।୩।୪ ମର ପ୍ରତିବାଦମାନଙ୍କର ଖୋସଦଖଲ ଲ: ବାଯ୍ୟାପ୍ତି ଚଉହଦ ଓ ଖସଡା ନମ୍ବରଦର୍ଜେ ଏ ୦— ୩୧୮ ଡି: ଜମିରୁ ଜମା ଟ ୦ ।୵ ଅଟେ ଉକ୍ତ ଜମି ଓ ତହିଁ ଉପରେ ଥିବା ପ୍ରତିବାଦମାନଙ୍କର ସକଳ ପ୍ରକାର ସତ୍ୱ ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅ: ମୂ: ଟ ୧୦୧ଙ୍କା ଅଟେ ।

୪ । କଟକ ଜିଲ୍ଲା ସ: ଡି: ପୁ: ସ: ରେଜେଷ୍ଟ୍ରର କେନ୍ଦ୍ରାପଡା ଇଲାକାଧୀନ ! ତ । ସାଗରଡାମର ନ ୨୯୨୩ ମର ତ: ଭୁକ୍ତ । ମୌ । ମଙ୍ଗଳପୁର ରଜବାରେ ଅନ୍ୟ ସରିକଦାରଙ୍କ ନାମ ସାମିଲ ନ ୨।୩।୪ ମର ପ୍ରତିବାଦମାନଙ୍କର ଖୋସ ଦଖଲ ଖରିଦାଜମାବନ୍ଦି ମଧ୍ୟସତ୍ୱାଧିକାରୀ ଚଉହଦ ଓ ଖସଡା ନମ୍ବର ଅନୁସାରେ ଏ୩—୧—୩ ଡଭିରୁ ଜମା ଟ ୭।୵ ଅଟେ ଉକ୍ତ ଜମି ଓ ତହିଁ ଉପରେଥିବା ପ୍ରତିବାଦମାନଙ୍କର ସକଳ ପ୍ରକାର ସତ୍ୱ ସହିତ ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅ: ମୂ: ଟ ୭୦୧ଙ୍କା ଅଟେ ।

---

Split by PDF Splitter

4-9-09

REGISTERED No. C 31

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଖଣ୍ଡ ୪୪ ଶ
ସଂ ୩୬ ଶ୍ୟ

CUTTACK SATURDAY THE 4th September 1909.

ଭାଦ୍ର ୨୦ ଜ ସନ ୧୩୧୬ ସାଲ ଶନିବାର

ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରୀମ ଟ ୩୧

ଉତ୍କଳଦୀପିକାର ବିଜ୍ଞାପନ ଦେବାଦେବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା:—
[illegible]

(FOLK TALES OF ORISSA)

## କଥାଲହରୀ ।

ବା

ଉତ୍କଳ କାହାଣୀ ସଂଗ୍ରହ ।

ପ୍ରଥମ ସଂସ୍କରଣ ଅନେକ ଦିନ ହେଲା ଶେଷ ହୋଇଥିଲା । ଏବେ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ଏହି କଟକ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟ ସଂଲଗ୍ନ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଟ ୦ ୵ ମାତ୍ର

## NOTICE.

Model text books for the Infant Section and Standards I and II which have been written at Government expense are kept in the office of the Inspector of Schools, Orissa Division, for inspection. The books are available for inspection during office hours and intending authors and publishers may inspect them within one month from this date.

Cuttack
23—8—1909

John MacLean
Inspector of schools,
Orissa Division.

## ବିଜ୍ଞାପନ ।

ଅଷ୍ଟାଦଶ ପୁରାଣ ମଧ୍ୟରେ ଭାରତ ପବିତ୍ର ପୌରାଣିକ ପ୍ରଧାନ ପୁରାଣ । ଏଥିରେ ଶ୍ରୀ ଶ୍ରୀ ମହାଦେବ ପରମ ଭକ୍ତ ଦେବର୍ଷି ନାରଦଙ୍କୁ ପରମ ତତ୍ତ୍ୱଜ୍ଞାନ ଓ ଭକ୍ତିରସ ଶିକ୍ଷା ଦେଇଅଛନ୍ତି । ହିନ୍ଦୁମାନଙ୍କର ପୂଜା, ଜପଅଧର କଥା; ତ୍ରୈଲୋକ୍ୟମଙ୍ଗଳ କବଚମାନ । ଶ୍ରୀକୃଷ୍ଣ, ଶ୍ରୀଗୋପାଳ ଓ ଶ୍ରୀରାଧିକାଙ୍କର ସହସ୍ରନାମ, ଯାହା ହିନ୍ଦୁମାନଙ୍କର ନିତ୍ୟପାଠ, ତାହା ଏଥିରେ ସନ୍ନିବେଶିତ ଅଛି । ଆମ୍ଭେ ବହୁ ଅଧ୍ୟାୟ ଓ ଅର୍ଥ ବ୍ୟୟରେ ମୂଳ ସଂସ୍କୃତରୁ ସାଧାରଣଙ୍କ ବୋଧଗମ୍ୟ ସହଜବୋଧ ସରଳ ପଦ୍ୟରେ ଅନୁବାଦ କରି ଏହା ସ୍ୱଳ୍ପ ମୂଲ୍ୟରେ ପ୍ରକାଶ କଲୁଁ । ଗ୍ରନ୍ଥ ଖଣ୍ଡି ପୃ ୨୨୮ ପୃଷ୍ଠାରେ ସମାପ୍ତ ହୋଇଅଛି । ମୂଲ୍ୟ ଟ ୧୵ ଣା ମାତ୍ର ।

ଏ ଗ୍ରନ୍ଥ ଓଡ଼ିଶା ପ୍ରେଅର୍ଣ୍ଣିଂ, ପ୍ରିଣ୍ଟିଂକୋମ୍ପାନୀଙ୍କର ଓ ଅରୁଣୋଦୟ ଯନ୍ତ୍ରାଳୟମାନଙ୍କରେ ଏବଂ ପ୍ରକାଶକଙ୍କ ନିକଟରେ ପ୍ରାପ୍ତବ୍ୟ ।

କଟକ
ନାଜିବଜାର
୧।୮।୦୯

ଶ୍ରୀ କାର୍ତ୍ତିକ ଚନ୍ଦ୍ର ଗସ୍ତ ବୈଦ୍ୟ
ପ୍ରକାଶକ ।

## ବିଜ୍ଞାପନ ।

## ଓରିଏଣ୍ଟାଲ ଗଭର୍ଣ୍ଣମେଣ୍ଟ ସିକିଉରିଟି ଲାଇଫ୍ ଏସିଓରେନ୍ସ କୋମ୍ପାନି ଲେମିଟେଡ

ହେଡଅଫିସ ବମ୍ବେ, ୧୮୭୪ ସାଲରେ ସ୍ଥାପିତ

ଏହି ଜୀବନ ବୀମା କୋମ୍ପାନୀ ଅତୁଳନୀୟ, ଏହି କୋମ୍ପାନୀ ପରି ଯାନିକରେ ଅତି ସୁଲଭରେ ଏବଂ ସକଳ ପ୍ରକାର ସୁବିଧାରେ ଦେବାକୁ ପ୍ରସ୍ତୁତ ।

ଭାରତବର୍ଷର ପୁରାତନ ଏସୁରେନ୍ସ କମ୍ପାନୀ

କଲିକତା ବ୍ରାଞ୍ଚ ଅଫିସ
ନ ୧୮ ନମ୍ବର ଡେଲହାଉସି ସ୍କୋୟାର
ଡବଲିଉ୍ ସେଷ କାନିଙ୍ଗ
ସେକ୍ରେଟେରୀ

କଟକ ଅଫିସ, ଲାଲବାଗ
ଏଜେଣ୍ଟ, ଶ୍ରୀ ପ୍ରବୋଧ କୁମାର ଘୋଷ

Digitized by srujanika@gmail.com

Split by PDF Splitter



ରଣପୁର ରାଜାଙ୍କ ଦରବାର ଓ ଲଭଙ୍ଗଗଡ଼ ମହାପାତ୍ରଙ୍କର ବାରମ୍ବାର ପ୍ରଶଂସାପତ୍ର

# ଅପୂର୍ବ ଔଷଧ ।

ବହୁକାଳ ଓ ନୂତନରେ ସାଧାରଣ ଏକମାତ୍ର ମହୌଷଧ ନିର୍ଦ୍ଦୋଷ [illegible] ଏହି ଔଷଧ ସେବନ କଲେ ଏକ ସପ୍ତାହ [illegible] ଏକାଦଶରେ ପ୍ରମାଣ ଔଷଧ [illegible] ରୋଗରୁ ମୁକ୍ତି ଲଭିବାକୁ [illegible] ଏହି ଔଷଧ [illegible] ତାହାର ପ୍ରମାଣସ୍ୱରୂପ [illegible] ମାନଙ୍କର ପ୍ରଶଂସାପତ୍ର [illegible] ଔଷଧ [illegible] ଅମୃତ ତୁଲ୍ୟ ଔଷଧ ସଙ୍ଗେ ପ୍ରସ୍ତୁତ ।

ଔଷଧର ମୂଲ୍ୟ ।

୧ ଶିଶି [illegible] ।

ଡାଃ ମାଃ [illegible] ।

[illegible] ମୂଲ୍ୟ [illegible] ।

ପ୍ରାପ୍ତିସ୍ଥାନ—ଢେଙ୍କାନାଳ ଶ୍ରୀ ଲଡୁକେଶ୍ୱର ମହାପାତ୍ର

ଅଶ୍ୱିନୀକୁମାର ଦାସ ।

ପଟ୍ଟନାୟକ ଗଡ଼, କଟକ

ପ୍ରଶଂସାପତ୍ରର ନକଲ

ମୋର [illegible] ଏକ [illegible] ବର୍ଷ [illegible] ଔଷଧ [illegible] ମୋର ସମ୍ପୂର୍ଣ୍ଣ ଦୋଷ ।

Sd. Sudam Chandra Naik,
Asst. Supdt. of Tributary Mahals
Orissa.

[illegible] ମହାପାତ୍ରଙ୍କର [illegible] ଔଷଧ [illegible] ଶୁଭକର୍ମରେ ଲାଗୁଥାଏ ।

କଟକ ଶ୍ରୀ [illegible] ଦାସ ।
୨ । ୧୧ । ୦୪ [illegible]

[illegible] ମହାପାତ୍ର [illegible] ଔଷଧ [illegible] ଆଶ୍ଚର୍ଯ୍ୟ ଜନକ [illegible] ।

ତା ୧୨ ଦିନ [illegible] ଶ୍ରୀ [illegible]
ସନ ୧୯୦୪ ମସିହା } ଓଡ଼ିଶା

[illegible] ଔଷଧ ସେବନ କଲେ [illegible] ପାଉଥିବାର ଦେଖାଯାଇଅଛି ।

Sd. Gour Shyam Mahnty.
Govt. Agent Nayagar.




କେଶରଞ୍ଜନ ତୈଳ ଅଥବା ଆନନ୍ଦଜନକ, କେଶରଞ୍ଜନ !

କେଶରଞ୍ଜନ [illegible] କେବଳ କରେ, ଏହା କେଶକୁ [illegible] ସୁଗନ୍ଧ ଓ [illegible] ଲୋକମାନଙ୍କ ଅତ୍ୟନ୍ତ ଆଦରଣୀୟ ଔଷଧ ।

[illegible] ଏହା ଏକମାତ୍ର [illegible] ।

ଏକ ଶିଶିର ମୂଲ୍ୟ ୧ ଟଙ୍କା । ପ୍ୟାକିଂ ଓ ଡାଃ ମାଃ ।୶୵

[illegible] ଏଥିରେ [illegible] ଔଷଧ [illegible] ।

[illegible] ୫୲ ୦

[illegible] ।୶୵

[illegible]

[illegible] ।

[illegible]

KAVIRAJ NAGENDRA NATH SEN,
Govt. Medical Diploma-Holder,
Member of the Chemical Society, Paris; Society of Chemical industry, London; Surgical Aid Society, London; &c, &c.
18-1&19, Lower Chitpur road Calcutta
Telegraphic address—"Keshranjan Calcutta".

ପୁସ୍ତକର ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକର ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍ ଓ ଅରୁଣୋଦୟ ପ୍ରେସର ଏବଂ ଉତ୍କଳୋଣୀ ସମିତିର ପୁସ୍ତକଦୋକାନ ସମୂହରେ ଅଳ୍ପ ମୂଲ୍ୟରେ ବିକ୍ରୀ ହେଉଅଛି ।

| | |
|---|---|
| ରାମାୟଣ ... ... ... | ଏକଅଣା |
| ଗୀତପରିଚୟ ୧ ମ ... ... | ଏକଅଣା |
| [illegible] ୨ ୟ ... ... | ଏକଅଣା |
| [illegible] ... ... | ଏକଅଣା |
| ପ୍ରାଣକୃଷ୍ଣ ... ... ... | ଏକଅଣା |
| ପଦ୍ମଲି ... ... ... | ଏକଅଣା |
| ବ୍ରହ୍ମବାର ଏକାଦଶୀ ... ... | ଏକଅଣା |
| ପଦ୍ମନାଭ ପ୍ରଦୀପ ... ... | ଏକଅଣା |
| ମନ୍ତ୍ର ଉପଚାର ... ... | ଏକଅଣା |
| [illegible] ... ... ... | ଏକଅଣା |
| ଚିତ୍ରକଳା ଚନ୍ଦ୍ରିକା ... ... | ଏକଅଣା |
| [illegible] ... ... | ଏକଅଣା |
| ସୁବର୍ଣ୍ଣରେଖା ... ... | ଏକଅଣା |
| [illegible] ମୁକ୍ତାବଳୀ ... ... | ଏକଅଣା |
| [illegible] ୧ ମ ସ୍ତର ... | ଏକଅଣା |
| [illegible] ... ... ... | ଏକଅଣା |
| [illegible] ... ... ... | ଏକଅଣା |
| ପଦ୍ମମାଳା ୧ ମ ... ... | ଏକଅଣା |
| ପଦ୍ମମାଳା ୨ ୟ ... ... | ଏକଅଣା |
| [illegible] ... ... | ଦୁଇପଇସା |
| [illegible] ବାଲିକା ... ... | ଦୁଇପଇସା |
| [illegible] ... ... ... | ଦୁଇପଇସା |
| [illegible] ... ... ... | ଦୁଇପଇସା |
| [illegible] ... ... | ଦୁଇପଇସା |
| [illegible] ... | ଦୁଇପଇସା |
| [illegible] ... ... | ତିନିପଇସା |
| [illegible] ଉପଚାର ... | ତିନିପଇସା |
| [illegible] ... ... | ତିନିପଇସା |
| [illegible] ... ... ... | ତିନିପଇସା |
| [illegible] ... ... | ତିନିପଇସା |
| [illegible] ... ... ... | ଛଅପଇସା |
| [illegible] ... ... ... | ଛଅପଇସା |
| [illegible] ... ... ... | ଛଅପଇସା |
| [illegible] ... ... | ଛଅପଇସା |
| [illegible] ... ... ... | ଛଅପଇସା |
| [illegible] ... ... ... | ଛଅପଇସା |
| ଲିପିପ୍ରଣାଳୀ ... ... ... | ଛଅପଇସା |
| ଧ୍ୟାନମାଳା ... ... ... | ଛଅପଇସା |
| ଇନ୍ଦ୍ରଜାଲ କୌତୁକ ... ... | ଛଅପଇସା |
| [illegible] ... ... | ଛଅପଇସା |
| ଗୀତଚନ୍ଦ୍ରିକା ... ... ... | ଛଅପଇସା |
| ମୁକ୍ତିଶ୍ୱର ଜଣାଣ ... ... | ଛଅପଇସା |
| [illegible] ... ... ... | ଦୁଇଅଣା |
| [illegible] ... ... | ତିନିଅଣା |
| [illegible] ୨ୟ ... ... | ଦୁଇଅଣା |
| [illegible] ... ... ... | ଦୁଇଅଣା |
| ଧର୍ମ୍ମାବଳି ( ତାବଂ ) ... ... | ତିନିଅଣା |
| ସଙ୍ଗୀତ ରତ୍ନାକର ... ... | ଛଅଅଣା |
| [illegible] ... ... ... | ଦୁଇଅଣା |
| [illegible] ... ... | ତିନିଅଣା |

Digitized by srujanika@gmail.com

RARE OPPORTUNITY!!
SPLENDID OFFER.!!!

Newly imported superior seeds for flowers and vegetables; just arrived per. S. S. Collegian and Merion. Huge stock of every kind of ornamental flowers, fruits, Mango and Lichi Grafts etc.

Catalogues free on application.

P. C. Deb. Manager
Medical Nursery
28/3 Beadon Row Calcutta.

## ବିଜ୍ଞାପନ ।

ହିନ୍ଦୋଳ ରାଜ୍ୟର ଡାକ୍ତରଖାନା ପାଇଁ ମାସିକ ଟ ୨୦ ଟଙ୍କା ବେତନରେ ଜଣେ ହସ୍ପିଟାଲ-ଆସିଷ୍ଟାଣ୍ଟ ଆବଶ୍ୟକ । ଯେଉଁମାନେ ଉମ୍ମେଦ୍‌ବାରରେ ଇଚ୍ଛା କରିବେ । ଆସନ୍ତା ମାସ ତା ୨୫ ରିଖ ମଧ୍ୟରେ ଅବେଦନ କରିବାକୁ ହେବ ।

Supdt's Office
Hindol
25—8—1909

Syamsunder Nand
Superintendent
Hindol

## WANTED.

A Sub-Inspector of Vaccination on a pay of Rs. 25 and a fixed allowance of Rs. 5 per month. None need apply who has not duly passed from the Medical school, Cuttack. Applications with copies of testimonials will be received up to 7th September. Candidates must state their age and past services.

Nayagarh
Supdt's office.
23-8-09.

G. Mahanti.
Superintendent
Nayagarh.

Wanted an Assistant Head-Master on Rs. 30-P. M. for the Middle English School at Bhawanipatna, Kalahandi state. None need apply who has not passed the Matriculation Examination of the Calcutta University and does not possess good knowledge of Uriya literature and ability to manage a Middle English School and Guru Training Classes. Preference will be given to those who have passed the mastership Examination in English according to the Bengal system. Applications with copies of testimonials will be received by the undersigned till 10th September 1909.

J. K. Tripathi.
Superintendent
Kalahandi state
Bhawanipatna
Via- Sambalpur

## NOTICE.

" Wanted for the 3rd teachership of the Kendrapara H. E. school, an F. A. or a plucked B. A. on Rs. 32. The selected candidate is to stick to the post for two years. "

Head master.
Kendrapara school.

## NOTICE.

In supersession of the notice of 20-8 09 appearing in the issue of the 21st instant, the public are hereby informed that Ismail Haji Mohamed Attas, administrator to the estate of late Haji Mohamed Attas Haji Cassim, had contracted with Haji Tar Mohamed Ayub through his agent Abdulla Issa to sell the Bungalow No. 22 situate in Cuttack Cantonment ground near Sadar Post Office in front of the Cantonment Musjed together with the right to the land on which the house stands, belonging to the above Haji Mohamed Attas Haji Cassim deceased for Rs 4050. But the above named Haji Tar Mohamed Ayub having, without sufficient and good reasons, refused to purchase the same a letter was sent to the said Haji Tar Mohamed Ayub on 16-6-09 to the effect that the said property would be sold by public auction and deficit, if any would be realized from him accordingly. I am authorized by the above mentioned Ismail Haji Mohamed Attas to sell the property to the highest bidder by public auction at the risk of the above named Haji Tar Mohamed Ayub. The auction would take place in the said premises at 10. A. M. on sunday the 5th September 1909. The purchaser shall have to deposit 10. P. C. immediately the bid is knocked down, the balance payable within 8 days.

CUTTACK
25—8- 09

Hashim Alymohamed
Commission Agent.

# ଉତ୍କଳ ଦୀପିକା ।

## PRIZE QUESTIONS.

A prize of Rs. 50 has been promised by a gentleman for the best answer by a Magistrate or Dy. Magistrate ( in service ) to the following questions:—

" Is an officer exercising Magisterial powers, who infringes the provisions of law and of rules made by competent authorities, for reasons other than ignorance, a loyal subject of the British Government or not " ?

" If he is loyal, what is the right defenition of loyalty ? "

The prize winner's reply will be published in these columns, and the prize will be forwarded to him by the Manager of this paper.

## THE STUDENT COMMUNITY.

The Second Anniversary of the Central Utkal Young Men's Association was celebrated on Saturday last in the Town Library Hall under the presidency of Mr. Shaw the Principal of the Ravenshaw College. The meeting was attended by young men mostly with a few gentlemen and ladies.

The President's speech which we publish in another column contains very sound advice to the student community. The remarks made by some of the speakers at the meeting pointed to the success with which Mr. Shaw has been using his influence and persuasive control over the students of the College.

His advice that the aim and object of the student community should be "rather educative than active" is worthy of the serious deliberation of students as well as of their parents and guardians. It ought to strike a root in every student's mind, so as to be fruitful of good results to the community, if the lessons of the recent doings of some students have not been lost on the public.

The report read by the secretary and some of the speakers referred to the laudable manner in which the students of the

Digitized by srujanika@gmail.com

Split by PDF Splitter



Ravenshaw College took an active part in relief works after the floods of 1907. The students are deserving of admiration and praise, but this is in detraction ( by implication ) of the philanthropic spirit of the community whereof they constitute the future generation. There is a tendency in India to burden the students with a share of the responsibilities, which in other civilized countries belong to active members of a community or the citizens of an empire. An active part in the social and political problems of the day, before experience has taught the students how to calculate the consequences of their actions and utterances is injurious alike to the community as well as to them. It does not by any means help the development of a careful and judicious frame of mind necessary for success in all social and political movements. Neglect or misuse of the opportunities and facilities for the development of this frame of mind among young-men, who are destined, at no distant date, to lead a community in all important matters, is an irreparable loss to the country. A custom or practice, which cripples the future intellectual, social and moral forces, should be modified or done away with. The use of an object before it has attained its maturity is a loss to the national wealth. The cutting down of unripe timbers, the gathering of unripe ears of corn, and the working of mines before the metal or precious stone has been formed may be cited as instances. The loss is incalculable when this improvident procedure is applied to the intellectual resources which nature has reserved for the future progress of a country.

The student community might be likened to a cadet corps preparing to continue a war in which the veteran soldiers of a country are now engaged. They should not be allowed to join in the war till their powers are fully developed by exercise and drill. If they take an interest in the war, that interest should be like that of the newspaper correspondent or the historian, who views the two opposing armies, from a distance, in order to benefit by their blunders and skill in the field.

During their period of education students should consider themselves actors on the stage. They should act all the scenes of life without exposing themselves to the consequences which attend those scenes in active life. In England students make their own House of Lords and House of Commons, in which they discuss, not unfrequently with all the vehemence of party politics, but their discussions do not influence the national mind or injure national interest.

Students should be saved the cares, anxieties, sorrows, worries, disappointments and bitter feelings of rivalry which are, more or less, the share of every grown up member of society. These will come to them in time: it is not prudent to anticipate them at a period of life when they are more likely to retard than further progress. Sufficient unto the day is the evil thereof.

We are very thankful to Mr. Shaw for holding up to his pupils an ideal of student life which has proved a successful guide in England and other civilized countries of Europe. Both the students and the public should not forget the sad results of associating undergraduates and school boys in political movements. It is often difficult to prevent matters purely philanthropic from becoming political by a slow process of transformation. It is in the interests of the students themselves and of the community that we wish students to be under the guidance of age and experience in the selection of the objects of their associations and their modus operandi.

---

ମାନ୍ୟବର ବଙ୍ଗେଶ୍ୱର ଗତ ବୁଧବାର କଲିକତାରୁ ଯାତ୍ରା କରି ତହିଁ ଅପରଦିନ ଦାର୍ଜିଲିଂରେ ପହୁଞ୍ଚି ଅଛନ୍ତି । ପ୍ରାୟ ଦୁଇମାସ ସେଠାରେ ବାସ କରିବେ ।

—※—

ତୋଟଲ, ଧୂଲୁଗ ଔଷଧ ପ୍ରଭୃତି ଦ୍ରବ୍ୟ ବିକ୍ରୟ ସମ୍ବନ୍ଧରେ ବଙ୍ଗ ଗବର୍ଣ୍ଣମେଣ୍ଟରେ ଗତବର୍ଷ ଫେବୃଆରୀ ମାସର ବିଜ୍ଞାପନ ରହିତ କରି ନୂତନ ନିୟମାବଳୀ ପ୍ରଚଳିତ ହେବାର ଗତ କଲିକତା ଗେଜେଟରେ ବିଜ୍ଞାପନ ହୋଇଅଛନ୍ତି ।

—※—

ଗତ ତା ୨୧ ତାରିଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୧୩୭୬ ଜଣ ମରି ପଡିଥିଲେ । ତହିଁ ପୂର୍ବ ସପ୍ତାହର ଅଙ୍କ ୧୨୫୧ ଥିଲା । ବୃଦ୍ଧି ସାମାନ୍ୟ ଓ ତାହା ବମ୍ବେ ଓ ଯୁକ୍ତ ପ୍ରଦେଶରେ ଘଟିଥିଲା ।

—※—

ଗତ ତା ୨୧ ତାରିଖରେ ଶେଷହେବା ସପ୍ତାହରେ ଯୁକ୍ତ ପ୍ରଦେଶରେ ୧୫୧୪୭ ଓ ବମ୍ବେରେ ୭୭ ଗାଏ ୧୨୨୩ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ପୂର୍ବ ସପ୍ତାହର ଅଙ୍କ ଥିଲା ୧୮୧୨୪ ।

—※※—

ଗତ ଉତ୍ତାଏଣ ମୋକଦ୍ଦମାର ଅସାମୀ ଲକ୍ଷ୍ମୀକାନ୍ତ ସରକାର ମୁକ୍ତିଲାଭ କରି ବର୍ତ୍ତମାନ ଢାକାର ସବଜଜଙ୍କ ଅଦାଲତରେ ଅନ୍ୟାୟ ଅବରୋଧ ପ୍ରଭୃତି ହେତୁ କ୍ଷତି ପୂରଣ ଦାବୀରେ ନାଲିସ ଅଗତ କରିଅଛନ୍ତି ।—ପ୍ରତି ସ୍ତମ୍ଭର ରାଣ୍ଡ ଘଣ୍ଟାବନ୍ଧା ହେବ ।

---

ଯାଜପୁର ମୁନସଫି କଚେରୀର ନୂତନ ଘର ଉଠାଇବା ସକାଶେ ନେଉଳ ଘାଟରୁ ବଜାରକୁ ପଡିଥିବା ସଡ଼କ ଦକ୍ଷିଣ ନନ୍ଦପୁର ମୌଜାର ପ୍ରାୟ ଅଢ଼େଇ ଏକର ଜମି ସରକାରୀ ଖରଚରେ ଖରିଦ ହେବାର ବିଜ୍ଞାପନ ଗତ ତା ୨୬ ରିଖର କଲିକତା ଗେଜେଟରେ ବାହାରିଅଛି । ସେହି ଗେଜେଟରେ ସମ୍ବଲପୁର ଯୁଗମାଗ ଗ୍ରାମରେ ଗୋଟିଏ ପରଦର୍ଶକ ବଙ୍ଗଳା ନିମନ୍ତେ ୩ ଏକର ଜମି ଖରିଦ ହେବାର ଘୋଷଣା ଦିଆଯାଇଅଛି ।

---

ଭାରତ ଜାତୀୟ ମହାସମିତି ବା କଂଗ୍ରେସର ଆଗାମୀ ଅଧିବେଶନ ଲାହୋରଠାରେ ହେବାର ପାଠକମାନଙ୍କ ଜଣାଅଛି । ତହିଁରେ ସର ଫିରୋଜସାମେଟା ଓ ସେ ଅସମ୍ମତ ହେଲେ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ମହାଶୟ ସଭାପତି ହେବାର ପ୍ରସ୍ତାବ ହୋଇଅଛି । ଉଭୟେ ଯେ ଉପଯୁକ୍ତ ଲୋକ ଏଥିରେ ସନ୍ଦେହ ନାହିଁ । ମାତ୍ର ସୁରେନ୍ଦ୍ର ବାବୁ ସଭାପତି ହେଲେ ନରମପନ୍ଥୀ ଓ ଗରମପନ୍ଥୀଙ୍କ ମଧ୍ୟରେ ଗୋଟିଏ ରଫା ହେବା ସମ୍ଭବ । ଏଣୁ ଆମ୍ଭେମାନେ ତାଙ୍କୁ ଯୋଗ୍ୟତର ବୋଲି ଜ୍ଞାନ କରୁଅଛୁଁ ।

---

Digitized by srujanika@gmail.com

ଏ ବର୍ଷ ଝୁଲଣ ପର୍ବ ନିର୍ବିଘ୍ନରେ ସମ୍ପନ୍ନ ହୋଇଅଛି । ଏହା ପାଞ୍ଚଦିନ ଆକାଶ ନିର୍ମଳ ଥିଲା ଓ ବୃଷ୍ଟି ଅଦୌ ନ ଥିଲା କେବଳ ପୂର୍ଣ୍ଣିମା ଦିବସ ରାତ୍ର ସମୟରେ ସାମାନ୍ୟ ବୃଷ୍ଟି ହୋଇଥିଲା କିନ୍ତୁ ତଦ୍ୱାରା କୌଣସି ବ୍ୟାଘାତ ହୋଇ ନାହିଁ । ପାଗ ଉତ୍ତମ ଥିବାରୁ ଦର୍ଶକ ସଂଖ୍ୟା ଅତ୍ୟଧିକ ହେଲୁ ଭୀଷଣ ଭିଡ଼ ହୋଇଥିଲା । ଏମନ୍ତ କି ଏ ଋତୁରେ ଗୋପାଳଜୀଉ ମନ୍ଦିରର ମଝି ଦୁଆରରେ ଯିବା ଆସିବା କଠିନ ହୋଇ ପଡ଼ିଥିଲା । ଦର୍ଶକ ମଧ୍ୟରେ ସ୍ତ୍ରୀ ସଂଖ୍ୟା ବେଶୀ ସୁତରାଂ ଏପରି ସ୍ଥଳରେ ଦ୍ୱାର ଦେଇ ପ୍ରବେଶ କରିବା ଅଥବା ବାହାରିବା ପାଇଁ ଦୁଇଗୋଟି ଦ୍ୱାର କରିବା ଉଚିତ ହେଉଅଛି । ଆମ୍ଭେମାନେ ଏ ସମ୍ବନ୍ଧରେ ଗୋପାଳଜୀଉ ମଠ ମହନ୍ତଙ୍କ ମନୋଯୋଗ ଆକର୍ଷଣ କରୁଅଛୁଁ । ଦେବ ମନ୍ଦିରକୁ ଗମନ କରିବା ସମ୍ବନ୍ଧରେ ସୁବିଧା କରିବାଦ୍ୱାରା ଦର୍ଶକ ମଣ୍ଡଳୀଙ୍କ ସଂଖ୍ୟା ବୃଦ୍ଧି କରିବା ମୋହନ୍ତଙ୍କ କର୍ତ୍ତବ୍ୟ ଅଟେ ।

—*—

କପା ଅଭାବରେ ବୋମ୍ବାଇର ଲୁଗା ତିଆରି କାରଖାନାଙ୍କର କାର୍ଯ୍ୟ ବନ୍ଦ ହେବାର ଉପକ୍ରମ ଘଟିଥିବାର ଅବଗତ ହୋଇ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ଦେଶୀ ଲୁଗା କଳରେ ହେଉ ବା ତନ୍ତରେ ହେଉ ପ୍ରସ୍ତୁତ ହେବା ହେତୁରୁ ଅଧିକା କପା ପ୍ରୟୋଜନୀୟ ଏବଂ ଦେଶ ଲୋକେ କପା ଚାଷରେ ମନୋଯୋଗୀ ନ ହେଲେ ସମସ୍ତ ଆନ୍ଦୋଳନ ବୃଥା ହେବ । ଆଗେ ସ୍ତ୍ରୀମାନେ କପା ସୂତାର ବିଶେଷ ଯତ୍ନବାନ୍ ଥିଲେ ମଧ୍ୟ ସ୍ଥାନରେ ବିଷବାନ୍ଧନ ସୂତା କାଟି ବେଶ ପାଉଥିଲେ । ଏବଂ ତାହା ଉଠିଯିବା ସଙ୍ଗେ ସୂତା କାଟିବା ମିଛ କଥା ବୋଲି ସବୁ ଜାଣିଅଛି । ଅନ୍ୟ ପକ୍ଷରେ ବିଧବା ମାନେ ଖାଇବାର ଅମ୍ଭେମାନେ ସ୍ୱ ଚକ୍ଷୁରେ ଦେଖୁଅଛୁଁ । ଏହା ମାଗିବାଠାରୁ ଯେ ସୂତା କାଟି ଉଦର ପୋଷିବା ଭଲ ଏହା ବୁଝାଇବାର ପ୍ରୟୋଜନ ନାହିଁ । ଫଳତଃ ସେହି ଅଞ୍ଚଳ ଦୃଷ୍ଟିପାତ କର ଅମ୍ଭମାନଙ୍କର ଅମନୋଯୋଗ ଓ ଅଧୋଗତି ଜାଜ୍ୱଲ୍ୟମାନ ହୋଇ ରହିଅଛି । ଦେଶ ଲୋକେ ଏ ବିଷୟ ବିଚକ୍ଷଣ ଦେଖିବେ ନାହିଁ ? ଥରେ ଏକ ସମ୍ବାଦପତ୍ର ପ୍ରତ୍ୟେକ ଗୃହସ୍ଥକୁ ସଲ୍ଲିଷ୍ଟ ସୂତା କପା ଉତ୍ପନ୍ନ କରିବାର ପରାମର୍ଶ ଦେଇଥିଲେ । ଅମ୍ଭେମାନେ ଦେଶବାସିଙ୍କର ଦୃଷ୍ଟି ତତ୍ପ୍ରତି ଆକର୍ଷଣ କରୁଅଛୁଁ । କାର୍ଯ୍ୟରେ ପରିଣତ ହେଲେ ବହୁ ଫଳ ନାହିଁ ।

———

ଭାରତବର୍ଷରେ ମେଲେରିଆ ଜ୍ୱରର ପ୍ରାଦୁର୍ଭାବ ଅଧିକ ହୋଇଥିବାରୁ ତାହା ନିବାରଣ ଉପାୟରେ ବିଚାର କରିବା ନିମିତ୍ତ ସିମଲାଠାରେ ଆଗାମୀ ଅକ୍ଟୋବର ମାସ ତା ୧୧ ରଖଠାରୁ ସପ୍ତାହ କାଳବ୍ୟାପୀ ଗୋଟିଏ ବୈଠକ ହେବ । ସେଥିର ଅନୁଷ୍ଠାନ ପତ୍ରରେ ସ୍ୱାସ୍ଥ୍ୟ ଗବର୍ଣ୍ଣମେଣ୍ଟଙ୍କ କମିଶନର ମହୋଦୟ ଲେଖିଅଛନ୍ତି ଯେ ଗତବର୍ଷ ଜ୍ୱରରେ ଭାରତବର୍ଷରେ ୪୫ ଲକ୍ଷ ଲୋକେ କାଳକବଳରେ ପଡ଼ିଥିଲେ । ସୁତରାଂ ଏଥିରୁ ପ୍ରତିବର୍ଷରେ କ ୨୦ ଲକ୍ଷ ମରି ପଡ଼ୁଥିବାର ଦେଖାଯାଏ । ଗବର୍ଣ୍ଣମେଣ୍ଟ ଅନୁସନ୍ଧାନଦ୍ୱାରା ବୁଝିଅଛନ୍ତି ଯେ କେବଳ ମେଲେରିଆ ଜ୍ୱରରେ ଏଥିର ପ୍ରାୟ ଚତୁର୍ଥାଂଶ ଲୋକେ ମରିଥିଲେ । ଏହା ଜଣାନ୍ତ ଅଧିକ ନ ଥିବାରୁ ଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି ଯେ ଉପାୟ ବିଧାନ କଲେ ମେଲେରିଆକୁ ବହୁତ ବଶୀଭୂତ କରାଯାଇପାରେ । ସେଥିପାଇଁ ସେ ଗବର୍ଣ୍ଣମେଣ୍ଟ ବଡ଼ ଡାକ୍ତର ଏବଂ ସ୍ୱାସ୍ଥ୍ୟ ଉପଯୁକ୍ତ କାରବାରିଙ୍କୁ ନେଇ ଗୋଟିଏ ବୈଠକ କରିବେ । ଉକ୍ତ ଅନୁଷ୍ଠାନ ପତ୍ରରୁ ଅନ୍ୟାନ୍ୟ କଥା ଯେପରି ମଶା ମାରିବା ଏବଂ କୁଇନାଇନର ବହୁଳ ପ୍ରଚଳନ ଏଥିର ଉପାୟ ବୋଲି ଲେଖାଅଛି । ଯେପରି ବ୍ୟବସ୍ଥାର ଉଣା କରିବାକୁ ସାଧାରଣ ସହଯୋଗ ଦରକାର ହେବ ତେଣୁ କେତେଗୋଟି ଗସ୍ତ କରିବାର ପ୍ରସ୍ତାବ କରନ୍ତି ମଶା ମାରିବା କଥା ମଧ୍ୟ ଅମ୍ଭମାନଙ୍କୁ ସେହିପରି ଜଣା ନାହିଁ ଅଛି । ବୈଠକରେ କପର ବିଚାର ସିଦ୍ଧ ହେବ କ୍ରମେ ଦେଖାଯିବ ।

———

ଗତ ବର୍ଷର ଜନ୍ମ ମୃତ୍ୟୁ ବିବରଣୀରୁ ଗତ ବର୍ଷ ଅପେକ୍ଷା ସାଧାରଣ ପିଲାଙ୍କ ମୃତ୍ୟୁ ଅଧିକ ହୋଇଥିବାର ପ୍ରକାଶ ପାଏ । ସ୍ୱାସ୍ଥ୍ୟ କମିଶନର ଦୁର୍ଭିକ୍ଷ ଏବଂ ସାଧାରଣ ଅସ୍ୱାସ୍ଥ୍ୟ ଏଥିର କାରଣ ବୋଲି ନିର୍ଦ୍ଦେଶ କରିଅଛନ୍ତି । ହଜାରେ ପିଛା ଜନ୍ମ ମୃତ୍ୟୁ ହାରବଙ୍ଗରେ ହାରାହାରି ୧୧.୬ ଘଟିଥିଲା । ମାତ୍ର ଉତ୍କଳରେ ପିଲାଙ୍କ ମୃତ୍ୟୁର ପରିମାଣ ତହିଁର ଦ୍ୱିଗୁଣ ଅଟେ । ଏଥିମଧ୍ୟରେ ସମ୍ବଲପୁରରେ ହାରାହାରି ୩୦.୪୪ ହଜାରେ ପିଛା ଓ ଏବଂ ବାଲେଶ୍ୱରରେ ୨୬.୩୬ ହଜାରେ ପିଛା ଥିଲା । ପିଲାଙ୍କ ମୃତ୍ୟୁ ଅଧିକାଂଶ ମାତାର ସ୍ୱାସ୍ଥ୍ୟ ଏବଂ ଜୀବନ ଉପରେ ନିର୍ଭର କରେ । ଦୁର୍ଭିକ୍ଷରେ ମାତା ମରିଗଲେ ପିଲାଙ୍କ ଦଶା ସେତ ମଧ୍ୟ ମାତା ଖାଇବାକୁ ନ ପାଇବାରୁ ପିଲାଙ୍କୁ ବଞ୍ଚାଇ ରଖିବା କଷ୍ଟକର । ଅନ୍ୟପକ୍ଷରେ ପ୍ରଚୁର ଗୋ ଦୁଗ୍ଧ ନ ମିଳିବା ପିଲାଙ୍କ ସ୍ୱାସ୍ଥ୍ୟ ହାନିର ଗୁରୁତର କାରଣ ଅଟେ । ବଜାରର ଦୁଧ ଧଳା ପାଣି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏବେ ଦେଶରେ ଗୋ ହତ୍ୟା ଅତ୍ୟଧିକରେ ଗୋଚର ଭୂମିର ସଙ୍କୀର୍ଣ୍ଣତା ଗୋଜାତିର ହାନି ହୋଇଅଛି । ଗୋଚରଭୂମି ସମ୍ବନ୍ଧରେ ଅବଶ୍ୟ ସରକାର ବନ୍ଦୋବସ୍ତ କରିପାରନ୍ତି ମାତ୍ର ଯୋବଧଟି ଗୋଖାଦକମାନଙ୍କ ହାତରେ ଏବଂ ସେମାନେ ଗୋମାଂସ ତ୍ୟାଗ କରିବାକୁ ସମ୍ମତ ନ ହେଲେ ଏଥି ସମ୍ବନ୍ଧେ କୌଣସି ପ୍ରତିକାର ଉପାୟ ଅଛି ନାହିଁ ।

———

ପଞ୍ଜାବ ଗବର୍ଣ୍ଣମେଣ୍ଟଙ୍କ ବଡ଼ ଲାଟଙ୍କ ସମୀପକୁ ପୁଲିସର ବଡ଼ପ ଦାଣ୍ଡ ସମ୍ବନ୍ଧରେ ଏକ ପତ୍ର ଆସିଅଛି । ତହିଁରୁ ପ୍ରକାଶ ଯେ ଟିଙ୍ଗଗପୁର ଜିଲ୍ଲାର ପ୍ରେମଚ ଲାଲ ନାମ୍ନୀ ଏକ ବାଲ୍ୟବିଧବା ପତିରେ ସ୍ୱାମୀରୁ ଅନ୍ତର୍ଦ୍ଧାନ ହୋଇଯିବା ପରେ ପୁଲିସ ତତ୍ସମ୍ବନ୍ଧରେ ଏକ ବେନାମୀ ପତ୍ର ପାଇ ତଦନ୍ତରେ ଦଶଜଣ ଲୋକଙ୍କ, ଉକ୍ତ ବାଲ୍ୟବିଧବା ମାର ପକାଇଥିବା ସନ୍ଦେହରେ ଧରିଲେ । ଦୁଇଜଣ ଆସାମୀ ଅପରାଧ ସ୍ୱୀକାର କଲେ ଏବଂ ଅନ୍ୟ ନଅଜଣ ଘାତ କରିବା ସମୟରେ ଥିବାରୁ ଗୋଟିଏ ବାଲ୍ୟବିଧବା ଅତି ପୁଲିସ କଟକରେ ଉପସ୍ଥିତ କଲା । ପୁଲିସ ଅନେକ କାଗଜ ପ୍ରସ୍ତୁତ କରି ଯାଇଥିଲେ ବର୍ତ୍ତମାନ ଜେଲରେ ଦେଖି ଯେଉଁମାନେ ହତ୍ୟା ସମ୍ବନ୍ଧରେ ସାକ୍ଷୀ ହୋଇଥିଲେ ତାଙ୍କୁ ମିଥ୍ୟା ସାକ୍ଷ୍ୟ ଦେଇଥିବା ଅପରାଧରେ ଚାଲାଣ ଦେଲେ । ଦୌରା ଅଦାଲତରେ ଏମାନଙ୍କର ଦଣ୍ଡ ହେଲା ମାତ୍ର ଅପିଲରେ ପଞ୍ଜାବର ପ୍ରଧାନ ଅଦାଲତ ପୁଲିସ ଅବଶ୍ୟ ଆସାମୀଙ୍କି ଏକଥର ଦରକାର ଥିବା ବିଷୟରେ ଚେଷ୍ଟା କରିଥିଲା ତେଣୁ ଏମାନଙ୍କ ମିଥ୍ୟା କଥା କହିବା ସମ୍ବନ୍ଧରେ ମଧ୍ୟ ସନ୍ଦେହ ଉପୁଜିବ ଏଥିରୁ ପ୍ରକାଶ କରେ ତଦନ୍ତ କରି ଆସାମୀଙ୍କି ମୁକ୍ତି ପ୍ରଦାନ କଲେ ଏବଂ ସ୍ୱପ୍ନରେ ପୁଲିସ କରୁଥିବାରେ ଜଣେ ଜନ୍ତୁବୀ ପ୍ରକାଶ କଲା ।—ଯାହାହେଉ ଏଥିରୁ ଦେଖିବା ଯେ ପୁଲିସର ଅବାଧ ନିୟମ ନାହିଁ । ସେହି ବେନାମୀ ପତ୍ର ଉପରେ ନିର୍ଭର କରି ପୁଲିସ ତଦନ୍ତ କାର୍ଯ୍ୟ ଆରମ୍ଭ କଲେ ତାହାକୁ ପୁଲିସ ନଷ୍ଟ କର ପକାଇଅଛନ୍ତି । ସୁତରାଂ ବର୍ତ୍ତମାନ ବେନାମୀ ପତ୍ରର ପ୍ରକୃତତା ପ୍ରତି ସନ୍ଦେହ ଉପସ୍ଥିତ ହେବା ଅସ୍ୱାଭାବିକ ନୁହେ । ଫଳତଃ ପୁଲିସର ଏ ଭଳ କପଟ କର୍ମ ଦେଖି ଲୋକେ ଶାସନ କର୍ତ୍ତାଙ୍କର ଅଧିକାର ବୃଦ୍ଧି କରିବା ବିଷୟରେ ଅନ୍ତଃସ୍ଥ ହେବେ ?

———

ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ଗତ ସେପ୍ଟେମ୍ବର ମାସରେ ବନ୍ଧ୍ୟାମ ଜିଲ୍ଲା ଛତ୍ରପୁରରେ ପରିଦର୍ଶନ ଉପଲକ୍ଷେ ବିରାଜମାନ କରିଥିବା ସମୟରେ ସେ ଜିଲ୍ଲାର ଓଡ଼ିଆଙ୍କର ପ୍ରତିନିଧିମାନେ

ତାହାଙ୍କୁ ଉକ୍ତୋକ୍ତ ପ୍ରାର୍ଥନା କରିଥିଲେ ଯଥା: ୧—ଉକ୍ତ ବାଳିକା ବିଦ୍ୟାଳୟର ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ମାଟ୍ରିକ୍ୟୁଲେସନ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ସଙ୍ଗେ ସରକାରୀ କାର୍ଯ୍ୟ ପାଇବା ବିଷୟର ସମଯୋଗ୍ୟ ଜ୍ଞାନ ହେବା; ୨—ଓଡ଼ିଆଙ୍କ ସକାଶେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟରେ ଛାତ୍ରବୃତ୍ତି ମାନ ଦେଇ ରେଭେନ୍ସା କଲେଜରେ ପ୍ରାପ୍ତ ହେବା ଏବଂ ୩—ଗଞ୍ଜାମ ଜିଲ୍ଲା ସରକାରୀ କଚେରି ସମୂହରେ କାର୍ଯ୍ୟ କରିବାର ଯୋଗ୍ୟତା ସକାଶେ ଓଡ଼ିଆ ଭାଷାର ଗୋଟିଏ ପରୀକ୍ଷା ନିର୍ଣ୍ଣୟ କରିଦେବା । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହି ତିନି ପ୍ରାର୍ଥନା ମଧ୍ୟରୁ ୧ମ ଓ ୨ୟ ଗ୍ରହଣ କରି ଉପଯୁକ୍ତ ଆଦେଶ ପ୍ରଦାନ କରିଥିବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ୩ୟ ପ୍ରାର୍ଥନା ସମ୍ବନ୍ଧରେ ମହାମାନ୍ୟ ମହୋଦୟ ଗଞ୍ଜାମ କଲେକ୍ଟରଙ୍କ ନିକଟରୁ ଲେଖି ଅଛନ୍ତି ଯେ ସମସ୍ତ ଜିଲ୍ଲା ଅଥବା ତହିଁର ନିରୂପିତ କୌଣସି ଅଂଶର କେଉଁ ସରକାରୀ କାର୍ଯ୍ୟ ସକାଶେ ଓଡ଼ିଆ ପରୀକ୍ଷା ଗ୍ରହଣ କରିବା ଆବଶ୍ୟକ ଏବଂ କି ପରିମାଣ ଯୋଗ୍ୟତା ଧାର୍ଯ୍ୟ କଲେ ଉଚିତ ହେବ ସେ ସମସ୍ତ ସେ ବିଷୟ ରିପୋର୍ଟ କରିବେ । ଆଶାକରୁଁ କଲେକ୍ଟର ମହୋଦୟ ଓଡ଼ିଆଙ୍କ ପ୍ରତିନିଧି ବର୍ଗ ସଙ୍ଗେ ପରାମର୍ଶ କରି ଯେପରି ଉଚିତ ବିବେଚନା କରିବେ ସେପରି ରିପୋର୍ଟ ପଠାଇବେ । ଗଞ୍ଜାମ ପ୍ରକୃତରେ ଓଡ଼ିଆ ରାଜ୍ୟ ହେତୁରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳିତ ହେବା ଏବଂ ଓଡ଼ିଆ ଜାଣିବା କର୍ମଚାରୀ ରହିବା ଆବଶ୍ୟକ । କଲେକ୍ଟର ମହୋଦୟ ଏ କଥା ହୃଦୟଙ୍ଗମ କରି ରିପୋର୍ଟ ପଠାଇଲେ ଗବର୍ଣ୍ଣମେଣ୍ଟ ଉଚିତ ଆଦେଶ ପ୍ରଦାନ କରିବେ ସନ୍ଦେହ ନାହିଁ । ଗଞ୍ଜାମ ଓଡ଼ିଆଙ୍କ ପ୍ରତି ଅନୁକୂଳ ଭାବ ଦେଖି ଆମ୍ଭେମାନେ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣରଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ।

---

(୧) କଲେକ୍ଟରୀ ବିଭାଗରେ କାର୍ଯ୍ୟ କରିବାକୁ ଇଚ୍ଛା ଥିଲେ ।

To The Collector of Ganjam
P. O. Chhatrapur

(୨) ପୋଲିସ ବିଭାଗରେ କାର୍ଯ୍ୟ କରିବାକୁ ଇଚ୍ଛା ଥିଲେ ।

To The Superintendent of Police
District Ganjam
P. O. Chatrapur.

(୩) ଅଦାଲତରେ କାର୍ଯ୍ୟ ପ୍ରାର୍ଥୀ ହେଲେ ।

To
The District Judge Ganjam
P. O. Berhampore
The District Munsiff Aska
The District Munsiff Berhampore

(୪) ବୋର୍ଡ ଅଫିସରେ କାର୍ଯ୍ୟ ପ୍ରାର୍ଥୀ ହେଲେ

The President District Board
Ganjam, Chhatrapur
The President Taluq Board
Berhampore
Do Russelkonda

(୫) ଶିକ୍ଷା ବିଭାଗରେ କାର୍ଯ୍ୟ ପ୍ରାର୍ଥୀ ହେଲେ

Assistant Inspector of Schools
Ganjam, Berhampore
Inspector of Schools
Circle Waltair
Inspector of European & Training Schools
Madras.

ଆପଣଙ୍କ
ଶ୍ରୀ ବୈଦ୍ୟନାଥ ମିଶ୍ର
ଓକିଲ, ଅସ୍କା

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ବନମାଳୀ ସାମନ୍ତ | ଉଦୟପୁର | ୫ ॥ |
| ,, ମଦନ ସାହୁ | ବୈତରଣୀ | ୫ ॥ |
| ,, ଗଙ୍ଗାଧରପ୍ରସାଦ ମହାପାତ୍ର | କଟକ | ୫ ॥ |
| ମାନେଜର ଦଣ୍ଡସୀ କଚେରୀ | | ୨ ॥ |
| ବାବୁ ଶ୍ରୀ ରାମଚନ୍ଦ୍ର ଘୋଷ | ଜଗତସିଂହପୁର | ୫ ୨ |
| ,, ଚନ୍ଦ୍ରମଣି ଦାସ | କଟକ | ୫ ୨ |
| ,, ଚନ୍ଦ୍ର ସାହୁ | ମଡ଼ି | ୨ ॥ |
| ,, ବ, ନାୟକ | ସତ୍ୟବାଦୀ | ୫ ॥ |
| ,, ଯଦୁନାଥପ୍ରସାଦ ମହାନ୍ତି | ତରଙ୍ଗ | ୫ ॥ |
| ,, ମୋହନ ସୁରୁଚି | ଗୋପୀନାଥପୁର | ୫ ॥ |
| ,, ଶ୍ରୀନାଥ ମହାନ୍ତି | କନିକା | ୫ ୨ |
| ,, ରାଧାକୃଷ୍ଣ ମହାନ୍ତି | ପିପିଲି | ୫ ॥ |
| ,, ଜନାର୍ଦ୍ଦନ ସାହୁ | ମଡ଼ିଆଳ | ୫ ୨ |
| ,, କୃଷ୍ଣପ୍ରସାଦ ଦାସ | ବଲାଙ୍ଗିର | ୫ ॥ |
| ,, ଗୋପାଳ ବେହେରା | ବଡ଼ମ୍ବା | ୫ ॥ |
| ,, ନାରାୟଣ ମିଶ୍ର | ଖୁଣ୍ଟା | ୫ ୨ |
| ,, ଗୋବର୍ଦ୍ଧନ | ବାଲେଶ୍ୱର | ୫ ୨ |
| ମୁନସି ସେଖ ଜମାଲ ମହମ୍ମଦ | ମୁରାଦପୁର | ୨ |

Digitized by srujanika@gmail.com

Split by PDF Splitter




# THE BHARAT INSURANCE COMPANY, LIMITED.

HEAD OFFICE :—

Bharat Buildings, Lahore.

( THE PIONEER SWADESHI OFFICE )

Branches :—Lahore, Rawalpindi, Sukkur, Nagpore, Ajmere Ahmedabad, Madras, Hyderabad Deccan.
Chief Agencies :—Calcutta & Bombay.
Chairman :—The Honourable Mr. Harkishna Lal Bar-at-law Lahore.
Yearly Income :—Over 400,000.
Issues all kinds of Life, Endowment, Industrial, Marriage and Education, Annuity and Pension and Rupee policies without Medical Examination.

1. Policies non-forfeitable.
2. Surrender Values fixed.
3. Policy holders may participate in the profits of the Co.
4. Prompt Payment of claims.
5. All kinds of facilities are offered.

RATES LOWEST COMPATIBLE WITH SECURITY.

Patronised by all classes in India *Canvassers & Introducers of business always encouraged.*

For full particulars apply to:—
Lajpat Rai Sahni,
Manager.






ଭାବନ୍ତୁ ଦେଖି, ଏହି କି ନା ?

ଡାକ୍ତର ଚାଟୁର୍ଯ୍ୟାଙ୍କ କୃତ

# ଅବସାନ ।

ଯେ କୌଣସି ପ୍ରକାର ନୂତନ ପୁରାତନ ମେହ, ପ୍ରମେହ, ମଧୁମେହ, ଧାତୁଦୌର୍ବଲ୍ୟ, ସ୍ନାୟବିକ ଦୌର୍ବଲ୍ୟ ପ୍ରଭୃତି ରୋଗରେ ଯେଉଁମାନେ ଅନେକ ଔଷଧ ବ୍ୟବହାର କରି ନିରାଶ ହୋଇଅଛନ୍ତି, ସେମାନେ ଏହି ଔଷଧ ଏକ ଥର ମାତ୍ର ପରୀକ୍ଷା କରନ୍ତୁ । [illegible] ଯେଉଁମାନେ ଏହି ''ଅବସାନ'' ବ୍ୟବହାର କରନ୍ତୁ । ଶୀଘ୍ର ରୋଗରୁ ମୁକ୍ତି ଲାଭ କରିବେ । ଏଥିରେ ପ୍ରସ୍ରାବ ସମୟରେ ଜ୍ୱାଳା, ମୂତ୍ର ପଥ କ୍ଷତ ହେବା, ଲଗାତାର ଦାହ ଲଗିବା, ଖଣ୍ଡପାଣି ପରି ଅପରିଷ୍କାର ପରିସ୍ରା, ପୂଜ ଓ ରକ୍ତ ପଡ଼ିବା, କୋଷ୍ଠ ବଦ୍ଧ, ହସ୍ତ ପାଦ ତଳ ଜ୍ୱାଳା, ମସ୍ତକ ଘୂରିବା ଓ ଭ୍ରମ, କାର୍ଯ୍ୟେ ଅମନୋଯୋଗୀ, ସ୍ମରଣ ଶକ୍ତି ହ୍ରାସ, ଶାରୀରିକ ଦୁର୍ବଳ, କ୍ଷୁଧା ନ ହେବା, ହାତ ଓ ଗୋଡ଼ର ଗଣ୍ଠିମାନଙ୍କରେ ବେଦନା, [illegible] ପ୍ରଭୃତି ଓ ଉକ୍ତ ରୋଗ ଜନିତ ଅନ୍ୟାନ୍ୟ ଉପସର୍ଗ ଶୀଘ୍ର ଆରୋଗ୍ୟ ହେବ । [illegible] ''ଅବସାନ'' [illegible] । ଖାଇବାକୁ ମିଷ୍ଟ ଓ ସୁଗନ୍ଧଯୁକ୍ତ ।

ମୂଲ୍ୟ ବଡ଼ ଶିଶି ୧ ଏକଟଙ୍କା ଓ ଡାକମାଶୁଲ ପାଞ୍ଚଅଣା ।

ସୋଲ୍ ଏଜେଣ୍ଟ—ମେସାର୍ସ ଏମ୍, ଏଲ୍, ଦାସ୍ ଏଣ୍ଡ କୋ: ।
ପଥରର ଠିକଣା ବଦଳିଛି ।
ନଂ ୨ ନୂଆ [illegible], କଲିକତା ।


## NOTICE

Wanted a Peskar- pay Rs. 40 rising to Rs 60. by biennial increment of Rs. 2 for the District Magistrate's Court, Puri. None need apply who has not sufficient knowledge of a Criminal Peskar's duties and also of Criminal accounts.

Applications with testimonials will be received by the undersigned up to the 8th October next.

16—9—09 { Sd. John Clark
District Magistrate,
Puri.

# ଉତ୍କଳ ଦୀପିକା ।

## INDUSTRIAL GROWTH.

—o—

In our last issue we showed how desirable it was in the interests of the poor ryots, first to relieve the present pressure on land, and secondly to invite capital to agriculture. The last few years have witnessed the growth of a commercial spirit in India. This is noticeable among the educated men. We have no faith in swadeshism which hopes to secure success in industrial undertakings by an appeal to feelings of patriotism and boycott of foreign goods. The mass of the population of a poor province like Orissa will not buy swadeshi articles though they be dearer than imported articles. We do not believe it is true patriotism to do this or advise people to do it. In all our industrial undertakings we have to compete with Europe and we should not expect success unless we can work on the line in which the countries of Europe manage their industrial undertakings. We must learn to manufacture articles necessary for use and should be able to sell them cheaper than imported articles similar in quality. The cheap price and better finish of articles made in Europe are due to division of labour. Division of labour means specialized labour, which in its turn produces better skill, saves time and ensures finish. Division of labour is the initial step towards the introduction of machinery. Division of labour between man and man leads to division of labour between man and machine. One of the benefits of division of labour is that it saves time, but the time saved must be used, in order to ensure cheapness of the products. Time is money, and time wasted is money lost. Every school boy knows that time is money, but the application of it in projects meant to further the country's prosperity, has yet to be learnt by our most influential men and especially by your capitalists. To ensure cheapness we must learn to run our industrial undertakings on factory lines, which practically means large outlay of capital. We do not believe that there is any chance of our competeing successfully with Europe unless we work on factory lines.

Capital is forthcoming for purposes of trade but not for purposes of manufacture. The reason for this we fear is to be sought in our ignorance. The difference in the position of a manufacturer and a trader ought to be borne in mind. Both the manufacturer and the trader work for gain, but while the manufacturer adds to the country's wealth the trader swells his individual income. The manufacturer is a patriot, the

Digitized by srujanika@gmail.com

trader a commercial man. The trader is engaged in a selfish pursuit of life. He imports things and sells them for individual gain. The value of an article is estimated by the quality and quantity of material used and the labour and skill bestowed in converting it to a useful article. When a country buys imported articles it pays for the natural product of the country of export and for the intelligence and manual skill of its population. To the extent that a country pays for the intelligence and manual labour of another people it is paralyzing the functions of the brain and hand of its own population. Brain and physical energy are the most valuable assets in the reckoning of a country's wealth. Where these are allowed to lie as useless castaways in a country's lumber-room there is no reasonable prospect of rise in national prosperity.

The manufacturer utilizes these assets in a nation's wealth and when he successfully exports his goods to other countries or areas he lays the latter under tribute for the intelligence and manual labour of his country or community. One of the means to relieve the present pressure on land is the installation of manufacturing factories. The outlay of large capital is not within the command of a single individual. In Europe this difficulty has been overcome by the co-operation of a large number of men. This initial lesson has yet to be learnt in this country.

---

We give below the letter of the Grand Old Man of India Mr. Dadabhai Naoroji in reply to the innumerable congratulations received by him on the occasion of the celebration of his eighty-fifth birth-day. The letter speaks for itself and should be the guide of all patriots young or old.

'I offer my most heartfelt thanks to all friends in India and England who have sent me their kind congratulations on my birthday. On a similar occasion last year I entreated my countrymen 'That all resort to violence should be avoided.' Since then a most deplorable outrage has taken place in the assassination of Colonel Sir Curzon Wyllie, who was, moreover, a friend to Indians, and that when we were already beginning to obtain reforms. It is only a sad consolation that another Indian, Dr. Lalkaka, redeemed the Indian character with his life. Those who resort to violence inflict the greatest possible injury to the Indian cause. I can only repeat, with the greatest possible earnestness, my words of last year, 'That all resort to violence should be avoided.' Our grievances are many, and they are just. Maintain the struggle for essential reforms with unceasing endeavour and self-sacrifice, Peacefully, patiently, and perseveringly, and appeal, without fear or faltering, to the conscience and righteousness of the British nation. I repeat these words with greater confidence that we may reap the fruits of such a course in the reforms already made by Lords Morley and Minto, and we may quite fairly hope for further progress in our just aspirations."

---

ଗତ ତା ୪ ରିଖର ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୧୯୫୬ ମୃତ୍ୟୁ ହୋଇଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୧୮୧୧ ଥିଲା । ବୃଦ୍ଧି ସାମାନ୍ୟ ଓ ତାହା ଯୁକ୍ତ ପ୍ରଦେଶ ଓ ମଧ୍ୟପ୍ରଦେଶରେ ଅଧିକ ଘଟିଥିବାର ଦେଖାଯାଏ ।

---

ଗତ ତା ୪ ରିଖରେ ଶେଷହେବା ସପ୍ତାହରେ କେବଳ ଯୁକ୍ତପ୍ରଦେଶରେ ୬୨୫୦ ଓ ବମ୍ବେଇରେ ୨୦ ଗାଏ ୬୮୬୦ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ତହିଁ ପୂର୍ବ ସପ୍ତାହର ଅଙ୍କ ୬୬୩୨୮ ଥିଲା । ସୁପାଳନ ଏହାର କାରଣ ଅଟେ । କେବଳ ଅକ୍ଷମମାନଙ୍କୁ ଏବେ ସାହାଯ୍ୟ ଦିଆଯାଉଅଛି ।

---

ଗତ ତା ୯ ରିଖରେ ଶେଷହେବା ସପ୍ତାହରେ ଭାରତର ଦକ୍ଷିଣ ଏବଂ ଉତ୍ତର ପଶ୍ଚିମ ଭାଗରେ ବର୍ଷା ହୋଇଥିଲା । ଅନ୍ୟାନ୍ୟ ସ୍ଥଳରେ ପ୍ରାୟ ବର୍ଷା ନ ଥିଲା । ମାତ୍ର ଏହା ବେଲୁଚିସ୍ଥାନଛଡ଼ା ଏ ବର୍ଷର ମୌସୁମି ବର୍ଷା ଭାରତର ସର୍ବତ୍ର ପ୍ରଚୁର ଏବଂ ଶତକଡ଼ା ପ୍ରାୟ ୬୦ ଅଧିକ ହୋଇଅଛି ।

---

ଆଗାମୀ ଥରର ପ୍ରବେଶିକା ପରୀକ୍ଷା ଅସନ୍ତା ଡିସେମ୍ବର ମାସ ତା ୧୩ ନ ଓ ତହିଁର ପରଦିନମାନଙ୍କରେ ଗୃହୀତ ହେବ । ପରୀକ୍ଷାର୍ଥିମାନେ ଅସନ୍ତା ଅକ୍ଟୋବର ମାସ ତା ୧୬ ରଣ ଅଥବା ତହିଁ ପୂର୍ବେ ଆବେଦନ ପତ୍ର ଓ ଫିସ ଟଙ୍କା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ଅଫିସକୁ ପଠାଇବେ ଯେପରି ତାହା ସେ ସମସ୍ତ ସେହି ତା ୧୬ ରଣ ମଧ୍ୟରେ ସେଠାରେ ପହୁଞ୍ଚିବ । ପରୀକ୍ଷାର୍ଥୀମାନେ ସାବଧାନ ହେଉନ୍ତୁ ।

---

ବଙ୍ଗ ଗବର୍ଣ୍ଣମେଣ୍ଟ ଗତ ମାସ ତା ୩ ରିଖରେ ଘୋଷଣା ପ୍ରଚାର କରିଅଛନ୍ତି ଯେ ପୁରୀ ଜିଲ୍ଲା ନ ୧୬୮୯୧୪ ନମ୍ବର ଜାଜିର ମହାଲ ଅନ୍ତର୍ଗତ ଛତିଶ ପାରକୁଦ, ମାଲୁଦ, ବଜ୍ରକୋଟ, ଅନ୍ଧାରି ଓ ମାଣିକପାଟଣା ପ୍ରଭୃତି ସମୂହର ଅନ୍ତର୍ଗତ ମୌଜାମାନଙ୍କର ସ୍ୱତ୍ୱଲିପିମାନ ସନ ୧୮୮୫ ସାଲର ୮ ଆଇନ ( ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନ )ର ଧା ୧୦୩ ଖ ୬ ପ୍ରକରଣ ଅନୁସାରେ ଶେଷଥର ପ୍ରସ୍ତୁତ ହୋଇଅଛି ।

---

ଅବକାରୀ ବା ମାଦକ ଦ୍ରବ୍ୟ ସମ୍ବନ୍ଧରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଯେଉଁ ଆଇନକୁ ମାନ୍ୟବର ବଙ୍ଗେଶ୍ୱର ଗତ ଜୁଲାଇ ମାସ ତା ୩୧ ରିଖରେ ମଞ୍ଜୁର କରିଥିଲେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ଗତ ଅଗଷ୍ଟ ମାସ ତା ୨୮ ରିଖରେ ତାହା ମଞ୍ଜୁର କରିଅଛନ୍ତି । ସେହି ଆଇନ ସନ ୧୯୦୯ ସାଲର ବଙ୍ଗୀୟ ୫ ଆଇନ ବୋଲି ପ୍ରଚଳିତ ହୋଇଅଛି ଓ ତହିଁର ସଂକ୍ଷେପ ନାମ ସନ ୧୯୦୯ ସାଲର ବଙ୍ଗୀୟ ଏକସାଇଜ ଆଇନ ହୋଇଅଛି ।

---

ଭାରତର ନୂତନ ଜଙ୍ଗିଲାଟ ବା ପ୍ରଧାନ ସୈନ୍ୟାଧ୍ୟକ୍ଷ ମହାମାନ୍ୟ ଲର୍ଡ କିଚନର ବାହାଦୂର ଗତ ତା ୧୬ ରଣରେ ନୂତନ ସୈନ୍ୟାଧ୍ୟକ୍ଷ ସର ଓମୁରକ୍ରିଗଙ୍କୁ ବମ୍ବେଇରେ କାର୍ଯ୍ୟଭାର-ଅର୍ପଣ କରି ଜାପାନ ପ୍ରସ୍ଥାନ କଲେ ସେଠାରୁ ଅଷ୍ଟ୍ରେଲିଆକୁ ଯାଇ ସେଠାର ସୈନିକ ବନ୍ଦୋବସ୍ତ କରି ବିଲାତ ଯାତ୍ରା କରିବେ । ଲର୍ଡ କିଚନରଙ୍କ ବୟସ ପ୍ରାୟ ୬୦ ବର୍ଷ । ନୂତନ ସୈନ୍ୟାଧ୍ୟକ୍ଷ ମହାମାନ୍ୟ ସର ଓମୁରକ୍ରିଗ ବାହାଦୂର ସିମଲାରେ ପହୁଞ୍ଚି ଅଛନ୍ତି ।

—※—

ମୁସଲମାନ ପ୍ରାଦେଶିକ ଶିକ୍ଷା ସମିତିର ଅଧିବେଶନ ଅସନ୍ତା ଅକ୍ଟୋବର ମାସ ତା ୨୧ ରଣ ଓ ତହିଁ ପର ଦିନମାନଙ୍କରେ ବର୍ଦ୍ଧମାନରେ ହେବ । ଖାନ ବାହାଦୂର ମୌଲବୀ ଅବଦୁଲ ଜବର ସି: ଆଇ: ଇ ଏହି ଅଧିବେଶନର ସଭାପତି ମନୋନୀତ ହୋଇଅଛନ୍ତି । ମୌଲବୀ ସାହେବ ମୁସଲମାନ ସମ୍ପ୍ରଦାୟର ଜଣେ ବିଶ୍ୱାସୀ ପ୍ରତିନିଧି ଓ ତାହାଙ୍କର ସ୍ୱାଧୀନ ଚରିତ୍ର ଓ ଧର୍ମଜ୍ଞାନ ପ୍ରଶଂସନୀୟ । ସାଧାରଣ ବିଷୟରେ ତାହାଙ୍କର ଯଥେଷ୍ଟ ଉତ୍ସାହ ଅଛି ଏବଂ କୌଣସି ଜାତି ବା ସମାଜ ପ୍ରତି ତାହାଙ୍କର ସଙ୍କୀର୍ଣ୍ଣ ଭାବ ନାହିଁ । ଏପରି ବ୍ୟକ୍ତି ସଭାପତିର ଯୋଗ୍ୟ ।

---

ମେଦନୀପୁରର ବାବୁ ପ୍ୟାରୀମୋହନ ଦାସ ସେ ଜିଲ୍ଲାର ବୋମା ଓ ଷଡ଼ଯନ୍ତ୍ର ଘଟିତ ମୋକଦ୍ଦମାରେ ମିଥ୍ୟାରେ ଗ୍ରେପ୍ତାର ହୋଇଥିବା ହେତୁ ଦେବାନୀ ଅଦାଲତରେ ଦଶହଜାର ଟଙ୍କା କ୍ଷେସାରତ ଦାବିରେ ନାଲିସ କରିବା କାରଣ ମେଦନୀପୁରର ଭୂତପୂର୍ବ ମାଜିଷ୍ଟ୍ରେଟ ଶ୍ରୀ ଯୁକ୍ତ ଓଷ୍ଟେନ ସାହେବ, ଡେପୁଟୀ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମୌଲବୀ ମଜହରୁଲ ହକ ଏବଂ ପୁଲିସ ଇନ୍ସପେକ୍ଟର ବାବୁ ଲାଲମୋହନ ଗୁହ ନାମରେ ନୋଟିସ ଦେଇଅଛନ୍ତି । ସେ କହନ୍ତି ଯେ ମହାଶୟମାନେ ତାହାଙ୍କୁ ନିର୍ଦ୍ଦୋଷୀ ଜାଣି ସୁଦ୍ଧା କେବଳ ତାହାଙ୍କର ପୁତ୍ର ସନ୍ତୋଷ ଦାସଙ୍କ ଏକଥର

Digitized by srujanika@gmail.com

କରିବାକୁ ବାଧ୍ୟ କରିବା ନିମନ୍ତେ ତାହାକୁ ଧରି ରଖିଥିଲେ । ମେଦନୀବାନ୍ଧବରେ ଜୋଟସଷ୍ଟ ଛାପା ହୋଇଅଛି ।

———

ଜର୍ମାନୀର ବ୍ୟୋମଯାନ କର୍ମୀତା ପଣ୍ଡିତ ଜେ ପେଲନ ମହୋଦୟ ସେଠା ଦରବାରର ନ ୨୦୦ ଣ ସଭ୍ୟଙ୍କୁ ଆମନ୍ତ୍ରଣ କରି କନଷ୍ଟାନ୍ସ ହ୍ରଦର ଏକ ପାଖରୁ ଅପରପାଖଯାଏ ଅରଦେ ନ ୧୫ ଣ ସଭ୍ୟଙ୍କୁ ଆପଣା ବ୍ୟୋମଯାନରେ ଉଡ଼ାଇ ନେଇଯାଇଥିବାର ସମ୍ବାଦ ମିଳଇ । ପଣ୍ଡିତ ମହାଶୟ ଏହି ବର୍ଷ ଶୀତରେ ଗୋଟିଏ ବ୍ୟୋମଯାନ ଶିକ୍ଷାର ବିଦ୍ୟାଳୟ ସ୍ଥାପିତ କରୁଅଛନ୍ତି ଏବଂ ଉକ୍ତ ନିୟମ ସଂ ବିଦ୍ୟାରେ ବ୍ୟୁତ୍ପନ୍ନ ଛାତ୍ରମାନେ ତହିଁରେ ଭର୍ତ୍ତି ହୋଇ ପାରିବେ । ଭର୍ତ୍ତି ହୋଇ ପାରିବା ଯୁବକଙ୍କର ବୟସର ଉର୍ଦ୍ଧ୍ୱସୀମା ବ ୧୮ ର୍ଷ ହୋଇଅଛି । ଏଥିରୁ ଜର୍ମାନୀ ଏ ବିଦ୍ୟାରେ ଭୂମଣ୍ଡଳର ଅନ୍ୟ ସମସ୍ତ ଦେଶକୁ ପଛରୁ ପକାଇ ଦେଇଥିବାର ସ୍ପଷ୍ଟ ଦେଖାଯାଏ ।

———

ଗତ ରବିବାର ସନ୍ଧ୍ୟା ସମୟରେ ଏଠା ଡାକ୍ତରମାନେ ରାୟ ଅନନ୍ତଲାଲବସୁ ବାହାଦୁରଙ୍କୁ ତାଙ୍କର କୃପାଧି ପ୍ରାପ୍ତି ହେବୁ ଅଭିବାଦନ କରିବା କାରଣ ଏଠା ମେଡିକାଲସ୍କୁଲ ଗୃହରେ ଏକ ସାନ୍ଧ୍ୟ ମିଳନ କରିଥିଲେ ; ନଗରବାସୀ ଅନେକ ଭଦ୍ରଲୋକ ନିମନ୍ତ୍ରିତ ହୋଇଥିଲେ, ନିର୍ଦ୍ଦିଷ୍ଟ ସମୟରେ ବର୍ଷା ହେଲେ ସୁଦ୍ଧା ଅନେକ ଯୋଗ ଦେଇଥିଲେ । ଏତଦୁପଲକ୍ଷେ ସ୍କୁଲ ଗୃହଟି ଉତ୍ତମରୂପେ ସଜ୍ଜିତ ହୋଇଥିଲା ଏବଂ ଡାକ୍ତର ସାହେବ ସ୍ୱୟଂ ଉପସ୍ଥିତ ଥାଇ ସଭାଗୃହ ଅଲଙ୍କୃତ କରିଥିଲେ । କେତେକ ସ୍କୁଲର ଛାତ୍ର ସୁଲଳିତ ଗୀତ ଗାଇ ଭଦ୍ରମଣ୍ଡଳିଙ୍କି ପରିତୃପ୍ତ କଲେ । ସମୟୋଚିତ ଜଳଯୋଗାନ୍ତେ ସଭା ଭଙ୍ଗ ହୋଇଥିଲା । ଡାକ୍ତର ଖାନାର ସ୍ତ୍ରୀ ଡାକ୍ତରମାନେ ସାନ୍ଧ୍ୟ ମିଳନରେ ଯୋଗ ଦେବାଦ୍ୱାରା ଏ ଦିନର ମିଳନର ମର୍ଯ୍ୟାଦା ବୃଦ୍ଧି ହୋଇଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

—*—

ବୋମ୍ବାଇର ସୁବିଖ୍ୟାତ ଦାଦାଭାଇ ନଉରୋଜି ମହୋଦୟ ବ ୮୫ ର୍ଷ ବୟସ ଅତିକ୍ରମ କରି ବ ୮୬ ର୍ଷ ବୟସରେ ପଦାର୍ପଣ କରିବା ଉପଲକ୍ଷରେ ସେ ଭାରତସ୍ଥାନରୁ ଯେଉଁ ଅଭିବାଦନ ପତ୍ରମାନ ପାଇଥିଲେ ତହିଁର ଉତ୍ତରରେ ଗୋଟିଏ ଅତୀବ ଉତ୍ସାହପୂର୍ଣ୍ଣ ପତ୍ର ପ୍ରକାଶିତ କରିଅଛନ୍ତି । ବିଦ୍ୟାଳୟର ଯୁବକମାନେ ଦେଶ ହିତୈଷୀ ବୋଲି ପରିଚିତ ହେବା ଆଶାରେ ନରହତ୍ୟାରୂପ ପାପକାଣ୍ଡ କରି ଆପଣା ଦେଶର ଉନ୍ନତି ବଦଳରେ ଅବନତି ସାଧନ କରୁଥିବାରୁ ସେମାନଙ୍କୁ ସଚେତ କରିବା କାରଣ ପତ୍ର ଖଣ୍ଡିକ ଅବିକଳ ଇଂରାଜୀ ସ୍ତମ୍ଭରେ ପ୍ରକାଶିତ କଲୁଁ । ଯୁବକମାନଙ୍କର କର୍ତ୍ତବ୍ୟ ଅମ୍ଭେମାନେ ଇତି ପୂର୍ବେ ବିଷଦଭାବେ ରେଭେନ୍ସା କଲେଜର ଅଧ୍ୟକ୍ଷ ସ ସାହେବଙ୍କ ବକ୍ତୃତା ସମାଲୋଚନା ସମୟରେ ପ୍ରକାଶ କରିଅଛୁଁ । ବୃଦ୍ଧ ନାଉରୋଜୀ ମହୋଦୟ ଶାସନ ସଂସ୍କାର ଲାଭ ସମୟରେ ଧୈର୍ଯ୍ୟ, ଶାନ୍ତି, ଅଦମ୍ୟ ଉତ୍ସାହ ଏବଂ ଆତ୍ମତ୍ୟାଗ ସହକାରେ କାର୍ଯ୍ୟ କରିବାର ଯେ ପରାମର୍ଶ ଦେଇଅଛନ୍ତି ତାହା ସମସ୍ତଙ୍କର ସ୍ମରଣ ରଖିବା ଉଚିତ ।

———

ବୋମ୍ବାଇର ଭିକ୍ଟୋରିୟା ଯୁବିଲି ଶ୍ରମ ଶିଳ୍ପ ବିଦ୍ୟାଳୟର ଜଣେ ଛାତ୍ର କୃଷ୍ଣାଜି ଦତ୍ତାତ୍ରେୟ ଭିସର ନିକଟରେ ବିସ୍ଫୋଟକ ଦ୍ରବ୍ୟ ରଖିଥିବା ଅପରାଧରେ ପୁଲିଶ କର୍ତ୍ତୃକ ଧୃତ ହୋଇ ବୋମ୍ବାଇ ହାଇକୋର୍ଟରେ ନୂତନ ବିସ୍ଫୋଟକ ଆଇନାନୁଯାୟୀ ବିଚାରିତ ହୋଇଥିଲା । ନ ୯ ଣ ସଭ୍ୟ ଜୁରିରେ ଆସନ ପାଇଥିଲେ । ତାଙ୍କ ମଧ୍ୟରୁ ନ ୬ ଣ ଆସାମୀଙ୍କି ନିର୍ଦ୍ଦୋଷୀ ଏବଂ କେବଳ ନ ୩ ଣ ଦୋଷୀ ବୋଲି କହିଲେ । ପ୍ରମାଣ ଅଗତ ହେବା ସମୟରୁ ବିଚାରପତିଙ୍କ ମନରେ ସନ୍ଦେହ ଜାତ ହୋଇଥିବାରୁ ସେ ଅଧିକାଂଶ ସଭ୍ୟଙ୍କ ମତକୁ ଅନୁମୋଦନ କରି ଆସାମୀଙ୍କି ଖଲାସ ଦେଇଅଛନ୍ତି । ଏକେସର ଅଥବା ଅଧିକାଂଶ ଜୁରିଙ୍କ ମତରୁ ବିଚାରପତିମାନେ ସମୟରେ ନ ଘେନିବା ବଡ଼ ଦୁଃଖର ବିଷୟ ଏବଂ ତତ୍ସମ୍ବନ୍ଧରେ ଅବଶ୍ୟକ ମତେ ଆଇନ ପରିବର୍ତ୍ତିତ ହେବା ମଧ୍ୟ ବାଞ୍ଛନୀୟ ହୋଇ ପଡ଼ିଅଛି । ଅବଶ୍ୟ ନିତାନ୍ତ ଗୁରୁତର କାରଣ ଥିଲେ ବିଚାରପତି ସେ ମତର ଅନ୍ୟଥା କରିପାରନ୍ତି ମାତ୍ର ତଦ୍ଭିନ୍ନେ ତହିଁର ବିପରୀତ କାର୍ଯ୍ୟ କରିବା ବଡ଼ ଅସୁନ୍ଦର ଦିଶେ । ଅମ୍ଭେମାନେ ବୋମ୍ବାଇ ହାଇକୋର୍ଟର ବିଚାରପତିଙ୍କ ସୁବିଚାରରେ ସନ୍ତୋଷ ଲାଭ କରିଅଛୁଁ

———

ଦୁର୍ଗାପୂଜା ସମୟରେ ବଳିଦାନ କରିବା ପ୍ରଥା ହିନ୍ଦୁମାନଙ୍କ ମଧ୍ୟରେ ଚଳିଆସୁଅଛି ଏମନ୍ତ କି ଅନେକ ସ୍ଥାନରେ ଛେଳି ମେଣ୍ଢା ଛଡ଼ା ମହିଷ ମଧ୍ୟ ବଳି ଦିଆଯାଏ । ଏ କୁପ୍ରଥା ନିବାରଣ କରିବା ସହଜ ସାଧ୍ୟ ନ ହେଲେହେଁ ତତ୍ସମ୍ବନ୍ଧରେ ଆନ୍ଦୋଳନ ଲାଗିଥିଲେ କାଳକ୍ରମେ ସୁଫଳ ଜାତ ହୋଇପାରେ । ଗତ ମାସ ତା ୫ ରିଖରେ ସାହିତ୍ୟ ସଭା ଓ ପଣ୍ଡିତ ସଭାଙ୍କ ଉଦ୍ୟମରେ କଲିକତାର ସୁବିଖ୍ୟାତ ରାଜା ବିନୟକୃଷ୍ଣ ଦେବଙ୍କ ଆବାସରେ ଗୋଟିଏ ସଭା ହୋଇଥିଲା ଏବଂ ତହିଁରେ ମହାମହୋପାଧ୍ୟାୟ ପଣ୍ଡିତ କାମାଖ୍ୟାନାଥ ତର୍କବାଗୀଶ ସଭାପତିର ଆସନ ଗ୍ରହଣ କରିଥିଲେ । କୁମାର ଅନାଥକୃଷ୍ଣ ଦେବ ମହାଶୟ ଉକ୍ତ ପୂଜାରେ ଜୀବ ବଳିଦାନ ସମ୍ବନ୍ଧରେ ଏକ ପ୍ରବନ୍ଧ ପାଠ କରିଥିଲେ । ହିନ୍ଦୁମାନେ ଏମନ୍ତ ରକ୍ଷଣଶୀଳ ଯେ ଜୀବ ବଳିଦାନ ନିନ୍ଦନୀୟ ଥିବାର ଜାଣି ସୁଦ୍ଧା ତାହା ରହିତ କରିବାକୁ କୁଣ୍ଠିତ ହୁଅନ୍ତି । ବେଦରେ ଜୀବ ହିଂସା ଏବଂ ମାଂସ ଭୋଜନ ନିଷିଦ୍ଧ ଏବଂ ତନ୍ତ୍ରର ପ୍ରକୃତ ମର୍ମ ବେଦର ବିପରୀତ ନୁହେ । ମାତ୍ର ଜିହ୍ୱା ଲାଳସା ଛାଡ଼ିବାକୁ ସହଜରେ ସମ୍ମତ ନ ହୋଇ କେତେ ଲୋକ ତାହିଁକି ମତର ଛଳ କରନ୍ତି । ସୁଖର ବିଷୟ ଏହିକି ଯେ କେତେକ ସ୍ଥାନରେ ବଳିଦାନ ରହିତ ହୋଇଅଛି ମାତ୍ର ତହିଁର ସଂଖ୍ୟା ନିତାନ୍ତ ଊଣା ।

—*—

କଟକରୁ ଢେଙ୍କାନାଳ ଓ ତାଳଚେର ବାଟେ ଅନୁଗୁଳକୁ ସରକାରୀ ଡାକ ଯାଏ । ଏଥିରେ ଡାକବିଭାଗର ପ୍ରାୟ ବାର୍ଷିକ ୩ ହଜାର ଟଙ୍କା ବ୍ୟୟ ପଡ଼େ ଡାକ ଯିବାକୁ ଘ ୨୨ ଣ୍ଟା ଲାଗେ । ଶୁଣାଯାଉଅଛି ଜାତବାସିନୀ କହନ୍ତି କି ଯେପରି ସଡ଼କର ସୁବିଧା ଅଛି ମଟର ଗାଡ଼ିରେ ଡାକ ଯିବାର ବନ୍ଦୋବସ୍ତ ହେଲେ ଘ ୮ ଣ୍ଟାରେ କ ଯିବ ଓ ଡାକ ସଙ୍ଗେ ପ୍ରତିଦିନ ଦଶଜଣ ଯାତ୍ରୀ ଯିବା ଆସିବା କରିପାରିବେ ଓ ଯାତ୍ରୀ ଭଡ଼ାଦ୍ୱାରା ସମସ୍ତ ବ୍ୟୟ ନିର୍ବାହ ହୋଇ ଅଧିକା ଲାଭ ହେବ । ଯେବେ ଡାକବିଭାଗ ଏହା ନ କରିବେ ତେବେ ଡାକବିଭାଗ ବାର୍ଷିକ ୨୫ ହଜାର ଟଙ୍କା ଦେବାକୁ ସମ୍ମତ ହେଲେ ବାହାର ଲୋକ କମ୍ପାନୀ କରି ତାହା ଚଳାଇ ପାରନ୍ତି । ଆଗେ କମ୍ପାନୀ ହୋଇ କାର୍ଯ୍ୟ ଦେଖାଇଲେ ଡାକବିଭାଗ ଉଚିତ ବ୍ୟୟ ଦେବାକୁ କଦାଚ କୁଣ୍ଠିତ ହେବେ ନାହିଁ ବରଂ ସାହାଯ୍ୟ କରିବେ । ଆଉ ଯେବେ ଢେଙ୍କାନାଳ ଓ ତାଳଚେରର ରାଜାମାନେ ଏଥିନ୍ତ ଯତ୍ନବାନ୍ ହେବେ ଓ ଅଗ୍ରଣୀ ହୋଇ କମ୍ପାନୀଟିଏ ପ୍ରତିଷ୍ଠା କରିବେ ତେବେ ମଟରଗାଡ଼ି ଚଳାଇବା ସାମାନ୍ୟ କଥା ବରଂ ଟାଙ୍ଗିରୁ କପିଲାସ ବାଟେ ଅନୁଗୁଳ ପର୍ଯ୍ୟନ୍ତ ମୟୂରଭଞ୍ଜ ରେଲପରି ଗୋଟିଏ ହାଲୁକା ରେଲବାଟ ପଡ଼ିଗଲେ ଏବଂ ତହିଁରେ ଅନେକ ସୁବିଧା ଓ ଲାଭ ହେବ ସନ୍ଦେହ ନାହିଁ । ଏହା ଯାତ୍ରୀ ଗମନାଗମନର ସୁବିଧା କରିବା ଲାଭକର ବ୍ୟବସାୟ ନୁହେ । ଯାତ୍ରୀ ଓ ମାଲ ଉଭୟ ତୋଲାଇର ବ୍ୟବସ୍ଥା ହେବା ବାଞ୍ଛନୀୟ । ଦେଶର ଉନ୍ନତି ସର୍ବାଗ୍ରେ ତାହା କର୍ତ୍ତବ୍ୟ ।

———

Split by PDF Splitter

Digitized by srujanika@gmail.com

ଲୁଧିଆନାଠାରେ ଯେଉଁ ସ୍ୱଦେଶୀ ଧୂଆଁ କଳକାରଖାନା ଚଳାଇବାର କମ୍ପାନି ହୋଇଥିଲା ସେ କମ୍ପାନୀର ପ୍ରାୟ ୫ ଲକ୍ଷ ଟଙ୍କା ଦେଣା ହୋଇଯାଇଥିବା ବିଷୟ ଆମ୍ଭେମାନେ ଅତ୍ୟନ୍ତ ଦୁଃଖ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ । କମ୍ପାନି ୭୫ ଲକ୍ଷ ଟଙ୍କା ଅଂଶ ବିକ୍ରୟଦ୍ୱାରା ସ୍ଥାପିତ ହୋଇଥିଲା ମାତ୍ର ଗୋଟିଏ ଅକର୍ମଣ୍ୟ ଜାହାଜ କିଣିବା ହେତୁ ଏ ବିପଦ ଘଟିଅଛି । ବିପଦରୁ ଉଦ୍ଧାର ପାଇବା କାରଣ କମ୍ପାନୀର ଡାଇରେକ୍ଟରମାନେ ଅଂଶୀଦାରମାନଙ୍କୁ ଆପଣା ଅଂଶର ଅର୍ଦ୍ଧେକ ଟଙ୍କା ଦେଇ ମୂଳଧନ ବଢ଼ାଇବା ମର୍ମରେ ପତ୍ର ଲେଖିଅଛନ୍ତି ମାତ୍ର ଅଂଶୀଦାରମାନେ ଆଉ ଟଙ୍କା ଦେଲାପରି ଲାଗୁ ନାହିଁ । ଏମନ୍ତସ୍ଥଳେ ଡାଇରେକ୍ଟରମାନେ ଦେଖାବ ନୋଟିସ କରି କାରଖାନା ବନ୍ଦ କରିବେ ଏବଂ ତାହା ହେଲେ ବିସ୍ତର ଲୋକଙ୍କୁ କ୍ଷତି ସହିବାକୁ ହେବ । ସ୍ୱଦେଶିର ଉଦ୍‌ଯୋଗର ପ୍ରଥମ କାଳ ବଳରେ ଏପରି ଫଳ ଦେଖି ଲୋକେ ଉତ୍ସାହଶୂନ୍ୟ ହେବା ସାହସ କରିବେ ନାହିଁ । ଅକର୍ମଣ୍ୟ ଜାହାଜ କିଣିବା ଡାଇରେକ୍ଟରମାନଙ୍କର ପ୍ରଧାନ ଭୁଲ ଅଟେ । ମାତ୍ର ଯେଉଁସ୍ଥଳେ ତାହା ହୋଇଯାଇଅଛି ଓ ଡାଇରେକ୍ଟରମାନେ ଠେକି ଶିଖିଅଛନ୍ତି ସେସ୍ଥଳେ ଭରସା ହୁଏ ଭବିଷ୍ୟତରେ ଭଲ କାର୍ଯ୍ୟ ହେବ । ଅଂଶୀମାନେ ଏ କଥା ବିଚାର କରି ଅଧିକା ମୂଳଧନ ଯୋଗାଇବାକୁ ଓ ନୂତନ ଅଂଶୀ କରିବାକୁ ଚେଷ୍ଟା କରନ୍ତୁ । ସାହସ ଓ ଅଧ୍ୟବସାୟ ବ୍ୟବସାୟର ମୂଳ ପାଟ । ଯଉ ପଡ଼ିଲା ବେଳେ ଖଞ୍ଜେଦେଇ ସମୂଳେ ହତାଶ ହେବା ଯୁକ୍ତିସଙ୍ଗତ ନୁହେ ।

—※—

ବାବୁ ଶଶାଙ୍କଚନ୍ଦ୍ର ଗୁପ୍ତ ଓ ବାବୁ ଅମିୟଚରଣ ଘୋଷ ଜାପାନରେ ଶିଳ୍ପ ଶିକ୍ଷା କରି ସମ୍ପ୍ରତି ସ୍ୱଦେଶକୁ ଫେରି ଆସିଅଛନ୍ତି । ଶଶାଙ୍କ ବାବୁ ଜାପାନ ଟୋକିଓ ନଗରର ସୁବୃହତ୍ ଶିଳ୍ପ ଫ୍ୟାକ୍ଟୋରି ଏବଂ ଓସାକା ଫ୍ୟାକ୍ଟୋରିରେ ବର୍ଷେ ଶିକ୍ଷା କରି ସୂତାକଟା ଓ ଲୁଗାବୁଣା କଳକାର୍ଯ୍ୟରେ ବିଶେଷ ଦକ୍ଷତା ଲାଭକରି ସେ ବିଷୟର ଜଣେ ଶ୍ରେଷ୍ଠ ଇଞ୍ଜିନିୟର ବା ଶିଳ୍ପୀ ହୋଇଅଛନ୍ତି । ବଙ୍ଗଳା ଟାଙ୍ଗାଇଲ ଅନ୍ତର୍ଗତ କରଟିଆର ଜମିଦାର ଶ୍ରୀଯୁକ୍ତ ଓ୍ୱାଜେଦଲିଖାଁ ପାନି ଶଶାଙ୍କ ବାବୁଙ୍କୁ ଜାପାନ ପଠାଇଥିଲେ । ତାହାଙ୍କର ବଦାନ୍ୟତା ଓ ଚେଷ୍ଟା ସଫଳ ହୋଇଅଛି । ଅମିୟଚରଣ ଘୋଷ ଶିଳ୍ପବିଜ୍ଞାନ ଶିକ୍ଷା ଦାନ ସଭାର ବୃତ୍ତି ନେଇ ଜାପାନରେ ନ ଆଁ ଶି ବହି ଚିତ୍ରକୁ ମୁଦ୍ରିତ ପ୍ରଣାଳୀ ଶିଖି ଆସିଅଛନ୍ତି । ସେ ଟୋକିଓର ସରକାରୀ ଛପାଖାନା କାରଖାନାରେ କାର୍ଯ୍ୟ ଶିକ୍ଷାକର ପ୍ରଶଂସା ଲାଭ କରି-ଅଛନ୍ତି । ଦେଶର ଧନାଢ୍ୟ ମଙ୍ଗଳକାମୀ ବ୍ୟକ୍ତିମାନେ ଶୀଘ୍ର କାରଖାନା ସ୍ଥାପନ କରି ଏମାନଙ୍କୁ କାର୍ଯ୍ୟରେ ଲଗାଇ ଦେଉନ୍ତୁ ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥନା । ବସ୍ତ୍ରବୟନ ଏବଂ ଚିତ୍ରକୁଟ ପ୍ରସ୍ତୁତ ଏହି ଦୁଇ ବ୍ୟବସାୟ ଅତ୍ୟନ୍ତ ପ୍ରୟୋଜନୀୟ । ଏ ସବୁର କାରଖାନା ଯେତେ ବୃଦ୍ଧି ହେବ ଦେଶର ଅଭାବ ହେବ ନାହିଁ ଏବଂ କାରଖାନା ଚଳାଇବାର ଯୋଗ୍ୟ ବ୍ୟକ୍ତି ମିଳିବାସ୍ଥଳେ ବିଳମ୍ବ କରିବା ଉଚିତ ହେବା ଅଚିନ୍ତ୍ୟ ନୁହେ ।

———

ଗତବର୍ଷର ରୋଡ଼ସେସ ସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟଙ୍କ ବିବରଣୀରୁ ପ୍ରକାଶ ଯେ ସେବର୍ଷର ଜମା ପୂର୍ବ ବର୍ଷାପେକ୍ଷା ୨୭୧୩୨୫ ଟଙ୍କା ବଢ଼ିଥିଲା ଏବଂ ତହିଁର ଅଧିକାଂଶ ଟଙ୍କା ବର୍ଦ୍ଧମାନ ଓ ମାନଭୂମର ଜମିମାନଙ୍କ ଉପରେ ଧାର୍ଯ୍ୟ ହୋଇଥିବା ରୋଡ଼ସେସ ବାବଦ ଥିଲା । ଉସୁଲ ମଧ୍ୟ ପୂର୍ବ ବର୍ଷାପେକ୍ଷା ୧୨୦୨୫୦ ଟଙ୍କା ଅଧିକ ହୋଇଥିଲା । ତଥାପି ପୂର୍ବ ବର୍ଷ ହେତୁ ବାକିଥିବା ଟଙ୍କା ବଢ଼ିଥିଲା ଏବଂ ପୂର୍ବବର୍ଷ ଶତକଡ଼ା ୧୦୧.୭ ଅସୁଲ ହୋଇଥିବାସ୍ଥଳେ କଥିତ ବର୍ଷର ଅସୁଲର ପରିମାଣ ୯୮.୯ ହୋଇଥିଲା । ବର୍ଦ୍ଧମାନ, ହୁଗୁଳୀ, ବାଙ୍କୁଡ଼ା, ମାନଭୂମ ଏବଂ ଗୟାଠାରେ ଅନେକ ଟଙ୍କା ଛାଡ଼ ଦିଆଯାଇଅଛି । ବାକି ଟଙ୍କା ଅସୁଲ କରିବା କାରଣ ପୂର୍ବବର୍ଷ ୮୦୬୦୫ ସ୍ଥଳେ ଗତବର୍ଷ ୮୩୨୩୦ ନମ୍ବର ସାର୍ଟିଫିକେଟ୍ ହୋଇଥିଲା ଏବଂ ପୂର୍ବବର୍ଷ ବାକି ୨୦୮୨୯ ମିଶାଇଲେ କଥିତବର୍ଷ ଜାରି ହେବା କାରଣ ଏକଲକ୍ଷରୁ ଅଧିକ ସର୍ଟିଫିକେଟ ପ୍ରସ୍ତୁତ ଥିଲା । କଥିତ ବର୍ଷରେ ୮୩୫୨୮ ସାର୍ଟିଫିକେଟ ଜାରି ହୋଇ ବର୍ଷଶେଷକୁ ୨୧୦୫୧ ବାକି ଥିଲା । ପୂର୍ବବର୍ଷ ୯୮୧ ସାର୍ଟିଫିକେଟ ଖାରଜ ହୋଇଥିବା ସ୍ଥଳେ କଥିତ ବର୍ଷରେ ୧୩୮୦ ନମ୍ବର ସାର୍ଟିଫିକେଟ ଖାରଜ ହୋଇଥିଲା ଏବଂ ଏହା ଦେଣଦାରମାନଙ୍କ ମୃତ୍ୟୁ ବା ପଳାୟନ, ବେଆଇନ ନମ୍ବରୀ, ମିଉନିସିପାଲିଟି ଅନ୍ତର୍ଗତ ଜମି ଉପରେ ଜମାବନ୍ଦୀ ହେବା ଇତ୍ୟାଦି ହେତୁ ଘଟିଅଛି । ଏଥିରୁ ପାଠକମାନେ ଦେଖିବେ ଯେ କଲେକ୍ଟରମାନେ ଜମାବନ୍ଦୀ କରିବାକୁ ଯେମନ୍ତ ଅସୁଲ କରିବାକୁ ମଧ୍ୟ ତେମନ୍ତ ତତ୍ପର ଅଟନ୍ତି । ସରକାରଙ୍କ ଧାରଣା ପୂର୍ବବର୍ଷରେ ସୁବା ନାନା ପ୍ରକାରେ ବଢ଼ିଛି ମାତ୍ର ଏଥିଦ୍ୱାରା ଲୋକଙ୍କର ବାଟ ଘାଟ ଇତ୍ୟାଦି ନିର୍ମାଣରେ କେତେଦୂର ଅଧିକା ସୁବିଧା ହୋଇଅଛି ତାହା ବିବରଣୀରେ ପ୍ରକାଶିତ ହୋଇଥିଲେ ତୁଳନା କରିବାକୁ ସୁବିଧା ହୋଇଥାନ୍ତା । ଅବଶ୍ୟ ରୋଡ଼ସେସ ମଧ୍ୟରୁ ମାତ୍ର କେବଳ ଟଙ୍କା ଅସୁଲ ସମ୍ବନ୍ଧୀୟ ଏବଂ ବାଟ ଘାଟ ଆଦିର କାର୍ଯ୍ୟ ଡିଷ୍ଟ୍ରିକ୍ଟବୋର୍ଡ଼ମାନଙ୍କ ହାତରେ ଥିବାରୁ ଏତସ୍ପର୍କୀୟ ବିଷୟମାନ ଡିଷ୍ଟ୍ରିକ୍ଟବୋର୍ଡ଼ମାନଙ୍କ ନିକଟରୁ ନେଇ ବିବରଣୀରେ ଦେଖାଇଥିଲେ ଲୋକଙ୍କର ମନ ଶାନ୍ତ ଥାନ୍ତା । ବାଟ ଘାଟରେ ଲୋକଙ୍କର ଅସୁବିଧାର କଥା ପରିମାଣରେ ଅଦ୍ୟାପି ବିଦ୍ୟମାନ ଥିବା ଏବଂ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ତହିଁପ୍ରତି ବିଶେଷ ପଡ଼ି ନ ଥିବାରୁ ଆମ୍ଭେମାନେ ଏହିକ ବାଧ ହୋଇ କହିଲୁଁ ।

———

## ପୂର୍ବବଙ୍ଗଳାର ସ୍ୱଦେଶ ।

ପୂର୍ବବଙ୍ଗ ଓ ଆସାମ ଗବର୍ଣ୍ଣମେଣ୍ଟଙ୍କ ଅଧୀନସ୍ଥ ପୋଲିସ ଶାସନ ସମ୍ବନ୍ଧରେ ସେଠା ଗବର୍ଣ୍ଣମେଣ୍ଟରୁ ଗତ ବର୍ଷର ଯେଉଁ ବିବରଣୀ ବାହାରିଅଛି ତହିଁରେ ଲେଖା ଅଛି ଯେ କଥିତ ବର୍ଷରେ ଅନେକ ଧନୀ ଯୁବକ ଦଳବଦ୍ଧ ହୋଇ ଗୁରୁତର ଅପରାଧମାନ ସଂଘଟନ କରିଅଛନ୍ତି । ସେହି ଅପରାଧମାନଙ୍କ ମଧ୍ୟରେ ଗୋଟିଏ ନରହତ୍ୟା ଏବଂ ଗୋ ୪ ଟି ଡକାଏତି ଅଟେ । ରାଜନୈତିକ ଆନ୍ଦୋଳନରୁ ଏପରି ଫଳ ଜାତ ହେବା ଅବଶ୍ୟ ଦୁଃଖର ବିଷୟ ଅଟେ ଏବଂ ସେଥି ଯୋଗୁ ଯୁବକମାନଙ୍କ ପିତା ମାତା ଅଭିଭାବକ ଏବଂ ବନ୍ଧୁମାନଙ୍କ୍ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଗେଜେଟ ସନ୍ଦେହ ଦେଖାଇ ଦେଇଅଛନ୍ତି । ସେଠା ଗବର୍ଣ୍ଣମେଣ୍ଟଙ୍କ ସହିତ ଆମ୍ଭେମାନେ ଏ ବିଷୟରେ ଏକମତ ଅଟୁଁ ! ମାତ୍ର ଯେଉଁ ବଙ୍ଗାଳିମାନେ ଛୁରୀ ଏବଂ ଅସ୍ତ୍ର ଦେଖିଲେ ଭୟ ପାଆନ୍ତି ବୋଲି ବଡ଼ ଇଂରେଜ ଲେଖକମାନେ ସ୍ୱୀକାର କରିଯାଇଅଛନ୍ତି ସେମାନେ ରାଜନୈତିକ ଆନ୍ଦୋଳନରୁ ହଠାତ୍ ଇତ୍ୟାଦି କାଣ୍ଡରେ ଲିପ୍ତ ହେବାର କାରଣ ଅବଶ୍ୟ ଗୁରୁତର ଅଟେ । ଯୁବକମାନେ ଉନ୍ନତି ମାର୍ଗର ପ୍ରଶସ୍ତ ବାଟ ଛାଡ଼ି ଏମନ୍ତ ଅଧମ କାର୍ଯ୍ୟରେ ଲିପ୍ତ ହେବା କାରଣ ପରତାପର ବିଷୟ ସନ୍ଦେହ ନାହିଁ ମାତ୍ର ସେଥି ସକାଶେ ଆମ୍ଭେମାନେ କ ଗବର୍ଣ୍ଣମେଣ୍ଟଙ୍କୁ ଦାୟୀ କରି ନ ପାରୁଁ ? ଗବର୍ଣ୍ଣମେଣ୍ଟ ଯେବେ ଲୋକଙ୍କ କଥା ଶୁଣି ମର୍ଯ୍ୟାଦା ହାନିର ଆଶଙ୍କା ନ ରଖି ଭ୍ରାନ୍ତ ନୀତି ସକଳ ବଙ୍ଗବିଭାଗକୁ ରଦ କରିଦେଇଥାନ୍ତେ ତାହାହେଲେ ଏ ସବୁ ଘଟି ନ ଥାନ୍ତା । ଯୁବକମାନଙ୍କର ପିତା ମାତା ଅଭିଭାବକ ଅଥବା ବନ୍ଧୁ କେହି ସେମାନଙ୍କୁ କୁପଥରେ ଯିବାକୁ କେବେ ପରାମର୍ଶ ଦେଇ ଥିବାର ଆମ୍ଭେମାନେ ବିଶ୍ୱାସ କରି ନ ପାରୁଁ । ଯୁବକମାନେ ସ୍ୱତଃ ପ୍ରବୃତ୍ତ ହୋଇ କୁମାର୍ଗରେ ଯାଇଥିଲେ ଏବଂ ତହିଁର ସମୁଚିତ ଫଳ ମଧ୍ୟ ପାଇଅଛନ୍ତି । ଫଳତଃ ଲୋ-

ଏକ ପ୍ରତି ପୂର୍ଣ୍ଣ ସନ୍ଧାନଲବ୍ଧ ନ ହେଲେ ହେବେହେଁ ସର୍ବସାଧାରଣର ଆଶା କରାଯାଇ ନ ପାରେ । ଗବର୍ଣ୍ଣମେଣ୍ଟ ପୁଲିଶ ସାହେବମାନଙ୍କ ଉପରେ ହୋଇ ମୋଫସଲ ଗସ୍ତକୁ ଯାଇ ଫେର ନ ଆସି ଧୀରସ୍ଥିରଚିତ୍ତରେ ମୋଫସଲରେ ଭଲ ଲୋକଙ୍କ ସଙ୍ଗେ ମିଶି ସେମାନଙ୍କର ଗୃହ ଭରଣ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ତଥା ଗ୍ରାମର ସବୁଦାର ବ୍ୟକ୍ତିଙ୍କ ସହିତ ପରିଚିତ ହେବା ଓ ଗ୍ରାମ୍ୟ ପୁଲିଶରୁ ହୃଦ୍ୟ ମନରୁ ଚାଣି ରଖିବାର ଯେ ପରାମର୍ଶ ଦେଇଅଛନ୍ତି ତାହା ଉଚିତ ଅଟଇ । ଏତଦ୍ଵାରା ଏକ ପକ୍ଷରେ ଅପରାଧ ନିବାରଣ ଏବଂ ଅନ୍ୟ ପକ୍ଷରେ ଅଧୀନସ୍ଥ କର୍ମଚାରୀମାନଙ୍କ କାର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ସଂରକ୍ଷିତ ହେବ ।

## ବଙ୍ଗୀୟ ପ୍ରାଦେଶିକ ସଭା ।

ଗତ ଜନ୍ମାଷ୍ଟମୀ ଛୁଟିର ସୁଯୋଗରେ ରବିବାର ଓ ସୋମବାର ବଙ୍ଗୀୟ ପ୍ରାଦେଶିକ ସମିତିର ବାର୍ଷିକ ଅଧିବେଶନ ହୁଗୁଳି ଜିଲ୍ଲା ଚୁଞ୍ଚୁଡ଼ା ନଗରରେ ହୋଇଥିଲା । ପ୍ରତିନିଧିମାନେ ନାନା ଜିଲ୍ଲାରୁ ଆସିଥିଲେ ଏବଂ ଦର୍ଶକଗଣ ସହିତ ସହସ୍ରାଧିକ ଲୋକ ହୋଇଥିଲେ । ବର୍ଦ୍ଧମାନର ସୁପରିଚିତ ବାବୁ ବୈକୁଣ୍ଠନାଥ ସେନ ସଭାପତିର ଆସନ ଗ୍ରହଣ କରିଥିଲେ । କଲିକତାର ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜି ଏବଂ ବାବୁ ଅରବିନ୍ଦ ଘୋଷ ଏ ସଭାରେ ଯୋଗ ଦେଇ କାର୍ଯ୍ୟ କରିବାଦ୍ୱାରା ନରମ ଓ ଗରମ ପନ୍ଥୀମାନଙ୍କ ମଧ୍ୟରେ ଏକପ୍ରକାର ମେଳ ହୋଇଥିବାର ଜଣାଗଲା । ଏହା ଅବଶ୍ୟ ଶୁଭ ସମ୍ବାଦ ଅଟେ ଏବଂ ଆମ୍ଭେମାନେ ଏହି ମିଳନର ଦୃଢ଼ କାମନା କରୁଁ । କଂଗ୍ରେସ ଅଧିବେଶନର ଅନୁକରଣରେ ୧ମ ଦିନ ଅଭ୍ୟର୍ଥନା ସମିତିର ସଭାପତି ବାବୁ କପିଳଦ୍ୱାରା ତିନି ପରେ ସମିତିର ସଭାପତି ବାବୁ ବୈକୁଣ୍ଠନାଥ ସେନଙ୍କ ବକ୍ତୃତା ହୋଇ ୨ୟ ଦିନରେ ନିର୍ଦ୍ଧାରଣମାନ ଧାର୍ଯ୍ୟ ହୋଇଥିଲା । ସେ ସମସ୍ତ ମଧ୍ୟରେ ବଙ୍ଗ ବିଭାଗ, ସ୍ୱଦେଶୀ, ବିଦେଶୀ ପଣ୍ୟ ବର୍ଜନ, ଶିଳ୍ପାଦି ଶିକ୍ଷା ସାଧାରଣ ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦି ବିଷୟମାନ ଥିଲା । ସ୍ଥାନୀୟ ଅଭାବର ଆଲୋଚନା ଏଣିକି ସମିତିର କାର୍ଯ୍ୟାବଳିରେ ସ୍ଥାନ ପାଇବା ସୁଖକର ଅଟେ । କେବଳ ରାଜନୀତି ଯେନ ବ୍ୟସ୍ତ ନ ହୋଇ ଲୋକେ ଯେବେ ସ୍ଥାନୀୟ ଅଭାବ ମୋଚନ ବିଷୟରେ ଯତ୍ନବାନ୍ ହେବେ ତେବେ ମଙ୍ଗଳ ହେବ । ଉଭୟ ସଭାପତି ଆପଣା ବକ୍ତୃତାରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ବିଦେଶୀ ପଣ୍ୟବର୍ଜନର ଉଲ୍ଲେଖ କରିଥିଲେହେଁ ଏକ୍ଷଣରେ ବିଦେଶୀ ବର୍ଜନର ପ୍ରାଧାନ୍ୟ ଲକ୍ଷ୍ୟ କରି ସୁବିବେଚନାର ପରିଚୟ ଦେଇଥିଲେ । ଦେଶର ଶିଳ୍ପାଦି ବ୍ୟବସାୟ ରକ୍ଷା ଓ ଉନ୍ନତି ସକାଶେ ସ୍ୱଦେଶୀ ଦ୍ରବ୍ୟ ସାଧ୍ୟମତେ ସମସ୍ତଙ୍କର ବ୍ୟବହାର କରିବା ଉଚିତ ଓ ତହିଁ ସକାଶେ ବସ୍ତୁ ଅଧିକା ଶସ୍ତା ପଡ଼ିଲେ ସୁଦ୍ଧା ସେତିକି ତ୍ୟାଗ ସ୍ୱୀକାର କର୍ତ୍ତବ୍ୟ । ଯେ ଦ୍ରବ୍ୟ ସ୍ୱଦେଶରେ ମିଳଇ ତାହା ଖଣ୍ଡ ଟିକିଏ ଭଲ ବା ଶସ୍ତା ନିମନ୍ତେ ସେହିପ୍ରକାର ବିଦେଶୀ ଦ୍ରବ୍ୟ ବ୍ୟବହାର ଉଚିତ ନୁହେ । ଏତିକି ସୀମା ମଧ୍ୟରେ ବର୍ଜନ ନୀତି ଆବଦ୍ଧ ହେବା ଉଚିତ ଏବଂ ସ୍ୱଦେଶୀ ଅନୁରାଗ ଯେତେ ପ୍ରବଳ ହେବ ବିଦେଶୀ ବର୍ଜନ ଅପେକ୍ଷା ସେହିପରିମାଣରେ ସାଧିତ ହେବ କେବଳ ବର୍ଜନ ନୀତିର କୌଣସି ବସ୍ତୁ ଫଳ ନାହିଁ ସେପରି ଚଳିବାର ଯେଉଁଠାରେ ଅନିଷ୍ଟ ଜନକ ଥିବାର ଦେଖାଯାଉଅଛି ସେସ୍ଥଳେ ତହିଁରେ ମାତିବା ନିତାନ୍ତ ଅନ୍ୟାୟ । ପ୍ରକୃତ ପକ୍ଷରେ ବର୍ଜନ କଥାଟା କହିବା ଯେମନ୍ତ ପାଳିବା ସେମନ୍ତ ସହଜ ନୁହେ ଓ ତହିଁରେ ମଙ୍ଗଳର ସମ୍ଭାବନା ମଧ୍ୟ ନାହିଁ । ସ୍ୱଦେଶର ଉନ୍ନତି ସକାଶେ ଅନେକ ବିଦେଶୀ ଦ୍ରବ୍ୟର ମଧ୍ୟ ଆବଶ୍ୟକ । ପୁଣି ଯେଉଁମାନେ ବର୍ଜନ ନୀତି ଭଲ ହେଉଅଛନ୍ତି ସେମାନେ କାର୍ଯ୍ୟତଃ ଅନେକ ବିଦେଶୀ ଦ୍ରବ୍ୟ ବ୍ୟବହାରଦ୍ୱାରା ଜନପଦରେ ହାସ୍ୟାସ୍ପଦ ହେଉଅଛନ୍ତି ଏହା ଲଜ୍ଜାକର ନୁହେ କି ? ନାୟକମାନେ ବାକ୍ୟରେ ସ୍ୱଦେଶିର ଭକ୍ତ ହୁଅ, ବର୍ଜନ ପାଇଁ ଉନ୍ମତ୍ତ ହେବାରୁ ଉଦ୍ଦେଶ୍ୟର ସହିତ ନାହିଁ । ବରଂ ସ୍ୱଦେଶର ପୁଷ୍ଟି ନିମନ୍ତେ ନାନା ବିଦେଶୀ ଦ୍ରବ୍ୟର ଆଦର ଅନିବାର୍ଯ୍ୟ । ଛାତ୍ରମାନଙ୍କର ରାଜନୀତି ଚର୍ଚ୍ଚା ବିଷୟରେ କପିଳ ବାବୁ ଯାହା କହିଥିଲେ ତାହା ଅତ୍ୟନ୍ତ ମୂଲ୍ୟବାନ୍ । ତେଣୁ ତହିଁର କିଛି ଅଂଶ ଏ ପ୍ରବନ୍ଧ ଶେଷରେ ଦେଲୁଁ । ସେ କହିଲେ ଯେ ଛାତ୍ରମାନଙ୍କର ସ୍କୁଲ ପକ୍ଷରେ ସମସ୍ତ ମନ ପ୍ରାଣ ଢାଳିଦେବା ଉଚିତ । ସେମାନଙ୍କର ଅନ୍ୟ କାର୍ଯ୍ୟରେ ଲିପ୍ତ ହେବା ଉଚିତ ନୁହେ । ରାଜନୈତିକ ବିଷୟର ଆନ୍ଦୋଳନ ପରିଣତ ବୟସ୍କ ଲୋକଙ୍କର କାର୍ଯ୍ୟ । ଅପରିପକ୍ୱମତି ବାଳକର କାର୍ଯ୍ୟ ନୁହେ । ସ୍କୁଲ ପିଲାମାନଙ୍କୁ ତହିଁରୁ ଦୂର କରିବା ସମାଜର କର୍ତ୍ତବ୍ୟ । ମାତ୍ର ଅନ୍ୟ ଦିଗରେ ଛାତ୍ରଙ୍କର ପଢ଼ିବାର ସମ୍ପୂର୍ଣ୍ଣ ସୁବିଧା କରିଦେବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟେ । ବର୍ତ୍ତମାନ ବିଶ୍ୱବିଦ୍ୟାଳୟର କଠିନ ନିୟମ ହେତୁ ଅନେକ ଛାତ୍ର ପଢ଼ିବାର ସୁବିଧା ପାଉନାହାନ୍ତି । ତେଣୁ ବାଧ୍ୟ ହୋଇ ସ୍କୁଲ କଲେଜ ଛାଡ଼ି ଦୁଃଖ ଓ ଅସନ୍ତୋଷରେ କାଳ କଟାଉଅଛନ୍ତି । ଏହା ଅସନ୍ତୋଷ ବୃଦ୍ଧିର ଗୋଟିଏ ପ୍ରଧାନ କାରଣ ଏବଂ ଏଥିପାଇଁ ଯେ ସରକାର ଦାୟୀ ଏକଥା ବୋଲିବା ବାହୁଲ୍ୟ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ସରକାର ଏହି ସ୍କୁଲର ବିଷୟର ସମୁଚିତ ବିଚାର କରି ଛାତ୍ରମାନଙ୍କୁ ପଢ଼ିବାର ସମ୍ପୂର୍ଣ୍ଣ ସୁଯୋଗ ଦେବାର ଶୀଘ୍ର ବ୍ୟବସ୍ଥା କରିବେ ।

---

## ପୁସ୍ତକ ପ୍ରାପ୍ତି ସ୍ୱୀକାର ।

ସହଜ ଶିକ୍ଷା ।— ଧର୍ମକୋଟର ସାମନ୍ତ ଶ୍ରୀ ଦୟାନିଧି ଦାସଙ୍କଦ୍ୱାରା ପ୍ରଣୀତ ଏବଂ କଟକ ମିଶନ ପ୍ରେସରେ ମୁଦ୍ରିତ । ମୂଲ୍ୟ ଦୁଇଅଣା । ନୂତନ ଶିକ୍ଷା ପ୍ରଣାଳୀ ଅନୁସାରେ ଏଥିରେ ବର୍ଣ୍ଣ ଶିକ୍ଷା ଦିଆ ଯିବାର ଚେଷ୍ଟା ଅଛି । ଆମ୍ଭେମାନେ ପୁରୁଣାକାଳର ପାଠୁଆ । ଅକ୍ଷର ଶିଖି ପଢ଼ିବା ନିୟମ ଆମ୍ଭମାନଙ୍କୁ ସହଜ ମାତ୍ର ପାଠ ପଢ଼ି ଅକ୍ଷର ଶିଖିବା ନିୟମ ଅଭୁଆ ଜଣାଯାଏ । କେଉଁ ଅକ୍ଷର ଆଗେ ଧର ଏବଂ କେଉଁ ଅକ୍ଷର ଆଗେ ନ ଥିବାଦ୍ୱାରା ବର୍ଣ୍ଣ ଶିକ୍ଷା କରୁଥିବ ଏବଂ କେତେକାଳେ ହେବ ଆମ୍ଭେମାନେ କହି ନ ପାରୁଁ । ତେବେ ଦକ୍ଷ ଲୋକମାନେ ଏହାକୁ ସହଜ କହି ତହିଁରେ ମାତ୍ର ଥିବା ସ୍କୁଲ ଅଂଶ ହୁଅଇ ଏହାଦ୍ୱାରା କିଛି ସୁବିଧା ହେବ ।

ବାଳଶିକ୍ଷା (ବସ୍ତୁ ପାଠ ବିଷୟକ ପ୍ରଥମଭାଗ) ।— ଶ୍ରୀ ଦୟାନିଧି ଦାସ କର୍ମୀଙ୍କଦ୍ୱାରା ସଙ୍କଳିତ ଓ ପାରଲାଖେମୁଣ୍ଡି ଗଜପତି ପ୍ରେସରେ ମୁଦ୍ରିତ । ଏହା ପିଲାଙ୍କ ପାଠୋପଯୋଗୀ ପୃ ୨୫ ପୃଷ୍ଠା ବ୍ୟାପୀ ଗୋଟିଏ କ୍ଷୁଦ୍ର ପୁସ୍ତକ । ମାତ୍ର ମୂଲ୍ୟ ଛଅଅଣା ଅତ୍ୟନ୍ତ ଅଧିକ ଅଟଇ । ପିଲାଙ୍କ ଜ୍ଞାତବ୍ୟ କେତେକ ବିଷୟର ଶିକ୍ଷା ଦେବାର ପ୍ରଣାଳୀ ଏଥିରେ ଦିଆ ଯାଇଅଛି ।

ଭକ୍ତିକଥାର ।— ଶ୍ରୀ ଘନଶ୍ୟାମ ଦାସଙ୍କଦ୍ୱାରା ବିରଚିତ । ଏଥିରେ ନିମାଇ ଧୋବାର କଲିକତା ସାହେବ ଘରେ ଚାକିରି କରିବାଠାରୁ ମହାଜନ ଧୋବା କ୍ଷେତ୍ର ଭାଗକୁ ବଦଳ ହୋଇ ପରେ ପ୍ଲେଗରୋଗରେ ମରି ଯିବା ଓ ସେ ବାର୍ତ୍ତା ଶୁଣି ତାର ଆତ୍ମହତ୍ୟା କରିଥିବା ବିଷୟ ବର୍ଣ୍ଣିତ ହୋଇଅଛି । ଏହା ସହଜ ଓଡ଼ିଆ ଭାଷାରେ ଲିଖିତ ହୋଇଅଛି ମାତ୍ର "ମାରୁ କରି ଦେଉଅଛି" ଓ "କାସେ" ଦେଖି କେହି ମନେ କରି ପାରନ୍ତି କି ଏହା ବଙ୍ଗଳାରୁ ଅନୁବାଦ ହୋଇଅଛି । ଏପରି ବଙ୍ଗଳା ପଦମାନ ପରିତ୍ୟକ୍ତ ହେବା ବାଞ୍ଛନୀୟ । ଗଳ୍ପଟି ରମଣୀୟ ।

ଚୈତନ୍ୟ ଚେତନ୍ତ୍ର ।— ଶ୍ରୀ ସୋମନାଥ ମହାନ୍ତିଙ୍କଦ୍ୱାରା ପ୍ରଣୀତ ଓ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା ଭୂମିକା ଲେଖିତ ଗଜପତି ପ୍ରେସରେ ମୁଦ୍ରିତ । ଆଜିକାଲି ସ୍ୱଦେଶ ପ୍ରୀତି ପ୍ରତି ଲୋକଙ୍କର ଦୃଷ୍ଟି ଆକର୍ଷିତ ହୋଇଥିବାରେ ସ୍ୱଦେଶ ସଙ୍ଗୀତ ଓ ମନୁଷ୍ୟତା ଇତ୍ୟାଦି ସମ୍ବନ୍ଧୀୟ କେତେ ଗୁଡ଼ିଏ ସୁନ୍ଦର ଉପଦେଶ ପଦ୍ୟାକାରରେ ସରଳ ଓଡ଼ିଆ ଭାଷାରେ ଏଥିରେ ଲିପି-

ବନ୍ଦ ହୋଇଅଛି । ଉଦାହରଣ ଯଥା—ଯାଉଅଛି ଗୁଳ ଆଉ ନାହିଁ ତ ସେ କାଳ । ଏକାଳରେ ଦ ମାରନ୍ତେ ଗୋଟିଏ ମୁଣ୍ଡ ଖାଲି । ଯଢବ ସଦାରେ ଏବେ ଧୋବା ଘରେ ପେଟ । ଉଦ୍ଧରନ୍ତେ ସୁଖ ସଙ୍ଗେ ହେବ ନାହିଁ ଭେଟ ।" ପୁତ୍ର-ହଥ କର ଜଳା ବଦ୍ୟା ପ୍ରତି ଉଦାସୀନ । ଲହନ୍ତେ ଦୁଷ୍ଟ ତାହିଁ ଦେଖନ୍ତୁ ଦୁର୍ଦ୍ଦିନ ।" ଲେଖକ ଶେଷକୁ ଯାହା "ଘଟାଙ୍କ ଗଣ୍ଡାକ ଦେଇ ତାହାଙ୍କୁ ବୁଝାଇ । ନିଜ ଗୋଟିଏ ଓଥ ହୁଅ ନର୍ମଦେଶେ ଯାଇ । ପ ଶିଖିରୁ ଯଦ ମନ ଅଚ୍ଛ ନିର୍ବର । ଚୈତନ୍ୟ ଭେଙ୍ଗୁଣ ବୁଥା ତେଠାରେ ସର୍ବଥା ।" ଲେଖି ଅଛନ୍ତି ତ ହା ଅଶିବ ଯଥାର୍ଥ । ଏଥିର ମୂଲ୍ୟ ଛଅ ପଇସା ଆମ୍ଭେମାନେ ସମସ୍ତଙ୍କୁ ଏଥିରୁ ଖଣ୍ଡେ ଲେଖା କିଣି ପଢ଼ି ସାଧାରଣ ଦର୍ମକ୍ଷେତ୍ରରେ ସ୍ୱଦେଶୋନ୍ନତି ନିମିତ୍ତ ଉପସ୍ଥିତ ହେବା ପାଇଁ ଅନୁରୋଧ କରୁଅଛୁଁ ।

ଭଜନମାଳା ।—ଶ୍ରୀ ନୃସିଂହ ଦାସଙ୍କଦ୍ୱାରା ରଚିତ ଓ କଲିକତା ଗଙ୍ଗାଇଷ୍ଟୋଲିଲ ଛାପା ଖାନାରେ ମୁଦ୍ରିତ । ଏଥିରେ ଜଗନ୍ନାଥ, ଗଣେଶ, ଶ୍ରୀକୃଷ୍ଣ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ଲେଖକଙ୍କ ରଚିତ ଗୋ ୫୮ ଟି ଭଜନ ଦିଆଯାଇଅଛି । ଅଧିକା ଏ ଭଜନରେ ରାଗିଣୀ ଓ ତାଳ ଲେଖା ହୋଇ ନାହିଁ । କେଉଁ କେଉଁ ଠାରେ ଦୂଇଟା ଯାଇ ନାହିଁରେ ଅବା ଗୋଟାଏ ଦିଆଯାଇଅଛି । ଏ ଉଦ୍ଦେଶ୍ୟରେ ଲେଖକ ଏହାକୁ ଛାପା କରିଅଛନ୍ତି କହ ନ ପାରୁ । ବୋଧ ହୁଏ କଲିକତାରେ ଯେଉଁ ଓଡ଼ିଆମାନେ ମୂଳ ଲାଗି ଦନଯାତ କରନ୍ତି ତାଙ୍କର ଶ୍ରମ ଲାଘବ କରିବା ଉଦ୍ଦେଶ୍ୟ ଅଟେ । ଯାହା ହେଉ ଭାଷା ବିଶୁଦ୍ଧ ଏବଂ ସ୍ୱର ତାଳ ଦିଆ ହୋଇ ପ୍ରକାଶିତ ହୋଇଥିଲେ ନିତାନ୍ତ ପକ୍ଷେ ସଙ୍ଗୀତାନୁରୋଧରେ ଆମ୍ଭେମାନେ ସୁଖୀ ହୋଇଥାନ୍ତୁ ।

ସ୍ତବଶୋଡ଼ଶୀ ।—ସୁରଙ୍ଗୀର ଅଧୀଶ୍ୱର ଶ୍ରୀମାନ୍ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବଙ୍କଦ୍ୱାରା ବିରଚିତ ଓ ଶ୍ରୀ ଦାମୋଦର ନନ୍ଦଙ୍କ କର୍ତ୍ତୃକ ଭଞ୍ଜପୁର ଚନ୍ଦ୍ରଚୂଡ଼ାମଣି ପ୍ରେସରେ ମୁଦ୍ରିତ । ଏଥିରେ ପୁରୁଣାକାଳର ଚଉତିଶା ରୀତି ଅନୁସାରେ କେବଳ ସ୍ୱରବର୍ଣ୍ଣର ୧୬ ଅକ୍ଷରର ୧୬ ପଦ ବଶିଷ୍ଟ ଗୋଟିଏ ସ୍ତବରେ ଭଗବାନଙ୍କଠାରେ ଜଣାଣ ହୋଇଅଛି । ରାଜାଙ୍କର ଲେଖିବା ଭଙ୍ଗୀ ଓ କବିତ୍ୱ ଶକ୍ତି ଦେଖି ଆମ୍ଭେମାନେ ଆହ୍ଲାଦିତ ହୋଇଅଛୁଁ ! ମାତ୍ର ପୁରୁଣାକାଳର ରୀତି ଛାଡ଼ି ଉନ୍ନତ ଭାବ ଓ ଛନ୍ଦଃ ମୂର୍ତ୍ତି ଲେଖାରେ ତାହା ନିବଦ୍ଧ ହେଲେ ଆମ୍ଭେମାନେ ଅଧିକତର ପ୍ରୀତ ଏବଂ କୃତଜ୍ଞ ହେଉଁ ।

ଅମୃତବୋଧ ।—ଶଙ୍କରାଚାର୍ଯ୍ୟ ପ୍ରଣୀତ ଏହି ନାମର ସଂସ୍କୃତ ଗ୍ରନ୍ଥ ଭାଷାନୁବାଦ ସହିତ ପଣ୍ଡିତ ଶ୍ରୀ ଧରଣୀଧର ମିଶ୍ର ବାନପ୍ରସ୍ଥଙ୍କଦ୍ୱାରା ପ୍ରକାଶିତ ଓ ସମ୍ବଲପୁର ପ୍ୟୁଜର ପ୍ରେସରେ ମୁଦ୍ରିତ । ବେଦାନ୍ତ ପ୍ରିୟ ପାଠକମାନଙ୍କର ଏହା ଆଦରଣୀୟ ହେବ ସନ୍ଦେହ ନାହିଁ । ମୂଲ୍ୟ ଛଅପଇସା ।

ତତ୍ତ୍ୱବୋଧ ।—ଏହା ମଧ୍ୟ ଶଙ୍କରାଚାର୍ଯ୍ୟ ପ୍ରଣୀତ ଏହି ନାମର ସଂସ୍କୃତ ଗ୍ରନ୍ଥ ଭାଷାନୁବାଦ ସହିତ ପଣ୍ଡିତ ଶ୍ରୀ ଧରଣୀଧର ମିଶ୍ର ବାନପ୍ରସ୍ଥଙ୍କଦ୍ୱାରା ପ୍ରକାଶିତ । ବେଦାନ୍ତ ପ୍ରିୟ ପାଠକମାନଙ୍କର ଏହା ବ୍ୟବହାରରେ ଲାଗିବ । ମୂଲ୍ୟ ଛଅପଇସା ।

ଭାରତ ପରିକ୍ରମା ।—ଶ୍ରୀ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀଙ୍କଦ୍ୱାରା ଅନୁବାଦିତ ଓ ଓଡ଼ିଶା ପେଟ୍ରିୟଟ ପ୍ରେସରୁ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ପୁସ୍ତକ ଖଣ୍ଡି ରଏଲ ଆଠପେଜି ୨୨୮ ପୃଷ୍ଠା ଅଧିକାର କରିଅଛି ଏବଂ ମୂଲ୍ୟ ଦେଢ଼ଟଙ୍କା । ଗାନ୍ଧିକମତ ପ୍ରାଦୁର୍ଭାବ ଲାଭ କରିଥିବା ସମୟରେ ବୈଷ୍ଣବାବ ଭକ୍ତମାନେ ଯେଉଁ ବ୍ୟାସ ପୀଠାଦିର ଅବତାରଣା କରିଥିଲେ ତତ୍ସମ୍ବନ୍ଧୀୟ ଏହି ଭାରତ ପରିକ୍ରମା ନାମକ ବୈଷ୍ଣବମାନଙ୍କର ଧର୍ମଗ୍ରନ୍ଥ ଉତ୍କଳ ଭାଷାରେ ଅନୁବାଦିତ କରିବା କାରଣ ଅନୁବାଦକ ମହାଶୟ ଯେ ବହୁ ପରିଶ୍ରମ ସ୍ୱୀକାର କରିଅଛନ୍ତି ସନ୍ଦେହ ନାହିଁ । କାର୍ତ୍ତିକ ବାବୁ ଦାକ୍ଷିଣ୍ୟ ଗୁଣରେ ବୟସ କଟାଇ ଏବେ ସାହିତ୍ୟ ସେବାରେ ନିଯୁକ୍ତ ହେବାର ଦେଖି ବଡ଼ ଆନନ୍ଦିତ ହେଲୁଁ ପୁଣି ବର୍ତ୍ତମାନ ଯେଉଁ ପୁସ୍ତକ ଯେବେ ଉତ୍କଳର ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି ତହିଁର ଭାଷା ବିଶୁଦ୍ଧ ଓ ସରଳ । ବୟସ ଓ ରୁଚି ଅନୁରୋଧରେ ଏତଦପେକ୍ଷା ଆମ୍ଭେମାନେ ଅଧିକ କିଛି ତାଙ୍କଠାରୁ ଆଶା କରୁ ନ ଥିଲେ ସତ୍ୟ ସମୟୋଚିତ ଜ୍ଞାନ ଉଦ୍ଦୀପକ ଧର୍ମଶିକ୍ଷା ପଦ କାବ୍ୟ ପାଇଥିଲେ ବିଶେଷ ସୁଖୀ ହୋଇ ଥାନ୍ତୁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱରର ଦ୍ୱିତୀୟ ଶ୍ରେଣୀର ଡେପୁଟିମାଜିଷ୍ଟ୍ରେଟ ବାବୁ ହରେନ୍ଦ୍ରନାଥ ବ୍ୟାନାର୍ଜ୍ଜୀ ଅସ୍ଥାୟୀ ଯାଜପୁର ତହସିଲଦାର ଓ ସେହି ତହସିଲର ପ୍ରଥମଶ୍ରେଣୀର ଓଭରସିୟର ବାବୁ ମନ୍ମଥନାଥ ଚକ୍ରବର୍ତ୍ତୀ ଦ୍ୱିତୀୟ ଶ୍ରେଣୀର ଓଭରସିୟର ନିଯୁକ୍ତ ହେଲେ ।

କଟକର ସବ ଡେ: ମାଜିଷ୍ଟ୍ରେଟ ବାବୁ କୃଷ୍ଣଚନ୍ଦ୍ର ଘୋଷ ଓ ଯାଜପୁରର ସବ ଡେ: ମାଜିଷ୍ଟ୍ରେଟ ମୌଲବୀ ସୈୟଦ ମହମ୍ମଦ ଅକବର ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ଯାଜପୁରର ସବଡ଼ିଭିଜନାଲ ଅଫିସର ସବ ଡେପୁଟି ମୌଲବୀ ବାହାଦୁର ସେଠା ଲୋକାଲବୋର୍ଡର ଚେୟାରମାନ ନିଯୁକ୍ତ ହେଲେ । ବାବୁ ମୋହନଚରଣ ମିତ୍ର ଜଜପୁର ସଦର ଲୋକାଲ ବୋର୍ଡର ଚେୟାରମାନ ନିଯୁକ୍ତ ହେଲେ ।

ଗତ ତା ୧୩ ରେ ଶେଷହେବା ସପ୍ତାହରେ କଟକରେ ୧.୧୩, ବାଲେଶ୍ୱରରେ ୧.୨୦, ଅନୁଗୁଳରେ ୦.୧୬ ପୁରୀରେ ୨.୪୬ ଓ ସମ୍ବଲପୁରରେ ୦.୨୨ ଇଞ୍ଚ ବର୍ଷା ହୋଇଥିଲା ।

ଗତ ତା ୧୩ ଇଖ ଶେଷ ହେବା ସପ୍ତାହରେ ଚାଉଳର ଦର ଥିଲା କଟକରେ ସେ ୧୧୩/, ବାଲେଶ୍ୱର ଓ ସମ୍ବଲପୁରରେ ସେ ୧୩ ଅନୁଗୁଳରେ ସେ.୧୫୩ ଓ ପୁରୀରେ ୧୮

---

## ସ୍ଥାନୀୟ ସମ୍ବାଦ ।

ଏ ନଗରର ହାଜିବଜାରର ଗୋଟିଏ ପୁଷ୍କରିଣୀରେ ଗୋଟିଏ ମୃତ ଶିଶୁର ମସ୍ତକ ଭାସୁଥିଲା । ଡାକ୍ତର ମାଇନାରେ କେହି ତାହା ମାରି ପକାଇଦେଇ ଥିବାର ପ୍ରକାଶ ପାଇବାରୁ ପୁଲିସ ତଦନ୍ତ କରୁଅଛି ।

ନସ୍ୱାମତାଙ୍କ ମାଇନ ତୃସାହିର ବେଠଥର ମେସ ହେବାରୁ ଏଠାର ଲକ୍ଷା ନୀଳ ବେହେରା ପ୍ରତି ପୁଲିସ ସନ୍ଦେହ କରି ତଦନ୍ତ କରୁଥିଲା ଦ ୧୦୯ ଧାରା ମତେ ଗ୍ରେପ୍ତାର ହୋଇ ଅଦ୍ୟାପି ହାଜତରେ ଅଛି ।

ଶ୍ରୀଯୁତ ଜଜ ସାହେବ ଆସନ୍ତା ରବିବାର ଦଉରା ନିମନ୍ତେ ସକାଳେ ବାଲେଶ୍ୱର ଯାତ୍ରା କରିବେ ।

ଶ୍ରୀଯୁତ କମିଶନର ସାହେବ ଗତ ବୁଧବାର ସମ୍ବଲପୁର ଗମନ କଲେ ।

ଗତ ରବିବାରଠାରୁ ବୁଧବାରଯାଏ ଦ ୪ ନ ଝଡ଼ ହୋଇଥିଲା ସେ ରାତ୍ରିମଧ୍ୟରେ ସୋମବାର ସକାଳେ ଲଗ ଟାଣବର୍ଷା ହୋଇଥିଲା । ତହିଁ ଉତ୍ତାରୁ ଟାଣଖରା ଓ ଶୀଘ୍ର ହୋଇଅଛି ।

ଗତ ଝଡ଼ ଓଡ଼ିଶାର ସର୍ବତ୍ର ହୋଇଥିଲେହେଁ ଉପକୂଳରେ ବିଶେଷ ବର୍ଷା ହୋଇଥିଲା । ସମ୍ବଲପୁର ଓ ଗଡ଼ଜାତରେ ଅତି ସାମାନ୍ୟ ଜଳ ହେଲା ନଦୀବଢ଼ିର ଭୟ ନାହିଁ । ଫସଲର ଅବସ୍ଥା ଓଡ଼ିଶାର ସର୍ବତ୍ର ଆଶାପ୍ରଦ ଏବଂ ଗୃହଜ ଦ୍ରବ୍ୟ ମୂଲ୍ୟ ହୋଇଅଛି ।

କେନ୍ଦ୍ରାପଡ଼ା ଇଲାକା ଗଡ଼ଧାର ମିରକାସ ଓ ସାମ ମିରଜାଙ୍କ ନିଶାଳ ପେଦା ଡ଼ିଜୁଲର କେଡେଟେକ୍ଷ୍ଟ ଟିକା ଦେଇ ପଇସା ଠକି ନେଇଥିବା ଅପରାଧରେ ହାଜତରେ ଥାଇ ମକଦ୍ଦମା ବିଗୁଡ଼ ହେଉଅଛି ।

ତମଲୁକର ବିଖ୍ୟାତ ଉକିଲ ବାବୁ କ୍ଷୀରୋଦନାଥ ଜିତ ଶାସ୍ତ୍ରୀଙ୍କର ଦ୍ୱିତୀୟ ପୁତ୍ର ଶ୍ରୀମାନ ଅନ୍ନଦାଘୋଷ ସିଦ୍ଧାମ ଏଲ ଏମ ଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଲାଭ ଅଧ୍ୟୟନାର୍ଥେ ବିଲାତ ଯାତ୍ରା କରୁଅଛନ୍ତି ।—ମେ: ବା:

ଶୀଳାବତୀ ନଦୀ ବୃଦ୍ଧିରେ ମେଦିନୀପୁର ଘାଟାଲ ସବଡ଼ିଭିଜନ ଜଳପ୍ଲାବିତ ହୋଇଅଛି ଓ ଅନେକ ପ୍ରକାର କ୍ଷତି ହୋଇଅଛି । କେତେବର୍ଷ ହେଲା ସେ ଅଞ୍ଚଳରେ ବଢ଼ିର ଉପଦ୍ରବ ନ ଥିଲା ।—ମେ: ବା:

ଗତବର୍ଷ ଏକା ବଙ୍ଗଦେଶକୁ ଲୁଗା, ଲୁଣ, ଲୁହାବାସନ, ଲଣ୍ଠନ, ଛୁରୀ, ଛତା, ଡାଏଣ, କୁମ, ଘଡ଼ି, ଔଷଧ ପ୍ରଭୃତି ୬୨ କୋଟି ଟଙ୍କାର ପଣ୍ୟ ଆମଦାନୀ ହୋଇଥିଲା । ହିଂସା ଓ ଅବିଶ୍ୱାସ ତ୍ୟାଗକରି ଏକଯୋଗରେ ସ୍ୱଦେଶୀ ବ୍ୟବସାୟ କରିବାକୁ ଦୃଢ଼ ତତ୍ପର ନ ହେଲେ କେବଳ ହୋହୋହାର କରି ଫଳ ନାହିଁ ।—ଉ: ବା:

ଉତ୍କଳରେ ସମାଜସଂସ୍କାର ପ୍ରସଙ୍ଗ ଅନେକ ଶୁଣାଯାଏ ମାତ୍ର ପ୍ରକୃତ କାର୍ଯ୍ୟରେ ଦେଖା ଯାଏ ନାହିଁ । ଓଡ଼ିଶାର ବ୍ରାହ୍ମଣସମିତିମାନ ଏଥିର ପୁନଃ ଆଲୋଚନା କରି ତତ୍ପର କାର୍ଯ୍ୟ ଦେଖାଇଲେ ଭଲ ହେବ ।—ଗା: ବା:

Split by PDF Splitter



ଅନ୍ନକୁ ଗଣ୍ଡନ ଏବ ପାଚନ ଶକ୍ତିର ଊଣତା ହେତୁ ସାଧାରଣରେ ହାଡ଼ ନରମ ସ୍ୱଭାବ ହୋଇ କ୍ଷୟସ୍ଥାନରେ ପକ୍ଷା-ଘାତ ସ୍ୱଭାବତଃ ଓ ଅନ୍ୟାନ୍ୟ ରୋଗ ଦ ୩।୪ ଜଣେ ଅପେକ୍ଷା ହେବ ।—ଶ୍ରୀ ସ୍ୱା ତଃ

ଗତ ୬।୭ ବର୍ଷ ଯାଏ ଦୁର୍ଭିକ୍ଷ ପ୍ରଜାମାନେ ଖଜଣା ଅଦାୟ କର ନ ପାରିବାରୁ ଦେଖି ପଞ୍ଚାୟତ ସ୍ଥଳ ୩୦ ଟଙ୍କା ପର୍ଯ୍ୟନ୍ତ ଖଜଣା ଛାଡ଼ ଦେଇଥିବାରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଏଠାରେ ବିଷମ ଜ୍ୱର ହେଉଛି । ଲୋକ ଅଧିକାଂଶ ରୋଗଗ୍ରସ୍ତ ହୋଇ ସାର ଓ ଲୋକ ୨ଣ ହୋଇଯାଇଅଛନ୍ତି ମାନ ହୁଣା ପଡ଼େ । ଚାଷ ବନ୍ଧ ହେବାରୁ ବହୁସଂଖ୍ୟ ଗଛ ନଷ୍ଟ ହୋଇ ଯାଇଅଛି ।

ବର୍ତ୍ତମାନ ହାଟ ବଜାରରେ ନୂଆ ଚାଉଳ ସେ ୧୧ ର ଓ ଧାନ ସେ ୩୦।୩୨ ର ଦରରେ ମିଳୁଅଛି ।

ଗତ ଶନିବାରଠାରୁ ଲୁଧବାର ପୂର୍ବା ଏଠାରେ ଖୁବ୍ ବୃଷ୍ଟି ହୋଇଅଛି । ଖାଲ ବିଲ ସବୁ ଜଳରେ ପୂର୍ଣ୍ଣ ଏବ ସବୁ ନଦୀ ବଢ଼ିଅଛି ।

ଆମ୍ଭେମାନେ ଅବଗତ ହେଲୁ ଡାକ୍ତର ବାବୁ (ସିଭିଲ ହସ୍‌ପିଟାଲ ଆସିଷ୍ଟାଣ୍ଟ Civil Hospita Assistant.) ଶ୍ରୀ ଯୁକ୍ତ ବାବୁ ଉପେନ୍ଦ୍ର ଦେଶଠାରୁ ଏକ ଅଦ୍ଭୁତ ପ୍ରସବ ଘଟନା ଅବଗତ ହୋଇ ବିସ୍ମିତ ହେଲୁଁ । ନୂଆ ଶାସନ ଗ୍ରାମରେ ଏକ ମାସର ଏକ ଗର୍ଭିଣୀ ହଠାତ୍ ଏକ ଦିନ ପଡ଼ିଯିବାରୁ ତାହାର ଗର୍ଭ ଫଳର ପୃଷ୍ଠଦେଶରେ ଅସହ୍ୟ ବେଦନା ଅନୁଭବ ହୋଇ କ୍ରମେ ପ୍ରସବଦ୍ୱାର ଦେଇ ଜଳ ସ୍ରାବ ହେଲା । ଉକ୍ତ ସ୍ରାବ ତିନ ଘଣ୍ଟେ ଜଳସ୍ରାବ ଏକେବାରେ ବନ୍ଦ ହୋଇ ଜାଉର ୧୫ ଣ ପ୍ରସବ ଏକ ବୃହତ୍ ଗୋଟିକ ବାହାର ପଡ଼ିଲା । ତହିଁ ଦିବସ ପର ସେହି ଗୋଟିକା ହଠାତ୍ ଫାଟିଯାଇ ସେଥିରୁ ପଥ ଦେଇ ଭ୍ରୂଣ ଏକବାର ବାହାରି ପଡ଼ିଲା । ଏଥିପର ଅଛି ଦିବସ ଗତ ହୋଇଗଲା ପର ଗର୍ଭିଣୀର ଯେଉଁ ଅବସ୍ଥା ହେଲା ଡାକ୍ତର ବାବୁଙ୍କୁ ଜଣାଇଲେ । ଉକ୍ତ ମହାଶୟ ଗର୍ଭିଣୀର ନିତାନ୍ତ ମୁମୂର୍ଷ ଅବସ୍ଥା ଦେଖି ଅତି ସାବଧାନତା ଓ କ୍ଷିପ୍ର ହସ୍ତତା ସହିତ ନାଡ଼ି ପର୍ଯ୍ୟନ୍ତ ଯୋଗାଡ଼ ଦ୍ୱାରା ଜନ୍ତୁ ବୃଦ୍ଧି କରି ଦେଇ ଦେଖିଲେ ଯେ ଶିଶୁଟି ମୃତ । ତହିଁ ଶିଶୁର ଶରୀର ଉଦ୍ଧାର କଲେ ଏବ ଅତି ଭଲ ପରିଷ୍କାର କର ପଟି ବାନ୍ଧିଦେଲେ । ସେହି ଗର୍ଭିଣୀ ଏବେ ବେଶ୍ ସୁସ୍ଥ ହୋଇଅଛି ଯେ ଗର୍ଭ ମଧ୍ୟରେ ସମସ୍ତ ଶାସ୍ତ୍ରୀୟ ଅସ୍ତ୍ରାଦି ସମସ୍ତେ ସୁସ୍ଥ ଦେଖି ପାରୁଥିଲେ ଯାହା କେବଳ ସୁଖର ବିଷୟ ଯେ ଈଶ୍ୱର-ଙ୍କ ଅଶେଷ କୃପାରୁ ପ୍ରସୂତିର ପ୍ରାଣ ରକ୍ଷା ହୋଇ ଡାକ୍ତର ବାବୁଙ୍କ କର୍ମ ପ୍ରଶଂସା ଲାଭ କରୁଅଛି ।

ଅନେକ ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଶ୍ରୀ ପାଠକ ବୃତ୍ତି କାର୍ଯ୍ୟାନ୍ତରେ ଗମନ କରିବାରୁ ତାଙ୍କ ବଦାନ୍ୟୋପଲକ୍ଷେ ସ୍କୁଲର ଛାତ୍ରମାନେ ଗତ ପୂର୍ବ ରବିବାର ଏକ ସଭା ଆହ୍ୱାନ କରିଥିଲେ ସଭାରେ ସମସ୍ତ ଛାତ୍ର, ଶିକ୍ଷକ ଓ କେତେକ ଭଦ୍ର ବ୍ୟକ୍ତି ଯୋଗ ଦେଇଥିଲେ । ସଭାରେ ଗୁରୁଙ୍କ ଗୁଣାବଳୀ ବର୍ଣ୍ଣନ ଗଦ୍ୟ ଓ ପଦ୍ୟମୟ ପ୍ରବନ୍ଧ ଇଂରାଜୀ, ବଙ୍ଗଳା ଓଡ଼ିଆ ଓ ପାରସି ଭାଷାରେ ଛାତ୍ରମାନଙ୍କ ଦ୍ୱାରା ପଠିତ ହୋଇଥିଲା ଓ ଛାତ୍ରମାନଙ୍କ ପକ୍ଷରୁ ପାଠକ ବାବୁଙ୍କୁ ଗୋଟିଏ ସ୍ୱର୍ଣ୍ଣପଦକ ( Gold medal ) ଉପହାର ଦିଆଯାଇ ସଭା ଭଙ୍ଗ ହେଲା ।

## ସମ୍ବଲପୁର ସମ୍ବାଦ ।

ମାନ୍ୟବର ଶ୍ରୀଯୁକ୍ତ ଠାକୁର ବାହାଦୂର ବୃନ୍ଦା ଏଠାରୁ ଅଛିଥିଲେ । ଏ ମହାତ୍ମା ଏମ, ଏ ଉପାଧି ଧାରୀ । ତିନିଠାରୁ ଆରମ୍ଭ କରି ତା ୬ ରଖ ପର୍ଯ୍ୟନ୍ତ ବୈଦିକ ଧର୍ମ ବିଷୟରେ ଏଠା ଟାଉନ ହଲରେ ବକ୍ତୃତା ଦେଇଥିଲେ । ଏ ଜଣେ ପ୍ରଧାନ ହିନ୍ଦୁ । ହିନ୍ଦୁ ମୁସଲମାନ ଶ୍ରୀମାନ ବ୍ରାହ୍ମ ସମସ୍ତେ ଅଗଣ୍ୟ ସଂଖ୍ୟାରେ ବକ୍ତୃତା ଶୁଣି ସନ୍ତୁଷ୍ଟ ଥିଲେ ଓ ଟାଉନ ହଲରେ ସ୍ଥାନ ନ ହେବାରୁ ପିଣ୍ଡାରେ ଓ ପିଣ୍ଡାତଳେ ଶ୍ରୋତାମାନେ ଦଣ୍ଡାୟମାନ ହୋଇଥିଲେ ।

ଆମ୍ଭମାନଙ୍କର ନୂତନ ଡାକ୍ତର ସାହେବ ଅତି କାର୍ଯ୍ୟକ୍ଷମ ଲୋକ ଜଣାଯାଉଛନ୍ତି । ସମସ୍ତ ଅଧୀନ ଡାକ୍ତରୀ କାମ ତଦାରଖ କରୁଅଛନ୍ତି । ରୋଗୀମାନେ ବିଶେଷ ସନ୍ତୁଷ୍ଟ ଅଛନ୍ତି ।

ଗତ ମାସ ତା ୧୨ ରଖରେ ଏଠା ଡାକଘରୁ ମୋହନ ମେହେର ରେଜେଷ୍ଟ୍ରି କରିଥିବା ଗୋଟିଏ ଲଫାଫା ଚୋରି ହୋଇଥିଲା । ତହିଁରେ ୫୭୭ ଟଙ୍କାର ନୋଟ ରହିଥିଲା ଗୋଟିଏ । ଉକ୍ତ କଲିକତା ସୁପରିଣ୍ଟେଣ୍ଡେଣ୍ଟ ପୁଲିସ ଇନ୍‌ସ୍‌ପେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ଠାରୁ ୫ ୨୦୦ ଟଙ୍କାର ନୋଟ ବରାମଦ କରି ଦାଗୀ ପୈଠ୍ ମସଲମାନ ଓ କଣ୍ଟାବେଟର ମହମ୍ମଦ ଅବଦୁଲ ଗଫୁର ଚାଲାଣ ଦେଇଥିଲେ । ଦାଗୀ ଜେଲରେ ଫାଶୀ ଲଗାଇ ଆତ୍ମହତ୍ୟା କଲା । ଅନ୍ୟ ମକଦ୍ଦମା ବିଚାରାଧୀନ । ମକଦ୍ଦମା ତଦାରଖ ଏଠାର ଦାରୋଗା ଦ୍ୱାରିକ ବାବୁ ଯୋଗେନ୍ଦ୍ରନାଥ ସେନ ଓ ଏଠାର ଆଉ ଏକ ଦାରୋଗା ନିଯୁକ୍ତ ହୋଇଅଛନ୍ତି ଓ ବହୁତ ସମୟରେ ମିଶିଲେ ବହୁତ ଲୋକ ହେଉଅଛନ୍ତି ।

ଏଠା ପଦ୍ମପୁର ଥାନା ଉଲଡ଼ା ଦେଉଳ ଗ୍ରାମର ନିଶାନ ଦେଲ ତାହାର ସ୍ତ୍ରୀକୁ କୁରାଢ଼ୀରେ ହାଣି ମାରି ପକାଇଥିବାରୁ ଜେଷ୍ଟ୍ରୀ ମାଜିଷ୍ଟ୍ରେଟ ବାବୁ ବଙ୍କବିହାରୀ ଛାଡ଼ି ଅଦାଲତରେ ବିଚାରାଧୀନ ଅଛି ।

ଏଠା ହାଇସ୍କୁଲର ଦ୍ୱିତୀୟ ଶିକ୍ଷକ ବାବୁ ତାଳୁକେଶ୍ୱର ମିଶ୍ର ବି, ଏ ଇଞ୍ଜିନିୟରିଂ ପାସ କରି ଝାରସୁଗୁଡ଼ା କାର୍ଯ୍ୟ ଆରମ୍ଭ କରିଅଛନ୍ତି । ତାହାଙ୍କ ସ୍ଥାନରେ ଏଠାର ନର୍ମାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ର କାର୍ଯ୍ୟ କରୁଅଛନ୍ତି ।

ଏଠା ନୂଆ ସାହେବଙ୍କ ସବୁ ୫ ୧୨୦୦ ଟଙ୍କାର ବହୁମୂଲ୍ୟ ରତ୍ନ ଖଚିତ ଗୌରବ ଚିହ୍ନରେ ଚୋର ଇନ୍‌ସ୍‌ପେକ୍ଟର ବାବୁ ଶ୍ରୀ ଦାମୋଦର ରଥ ଓ ହେଡ ପୁଲିସ ସବଇନ୍‌ସ୍‌ପେକ୍ଟର ପୂର୍ଣ୍ଣ-ଚନ୍ଦ୍ର ଠାକୁର ଉତ୍ତମ କାର୍ଯ୍ୟ କର ଶେଷ ଧରିଥିବାରୁ ଗୋଟିଏ ଗୋଟିଏ ଓ ୨୦ ଟଙ୍କା ପୁରସ୍କାର ପାଇଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ସକାଶେ ଆମ୍ଭେମାନେ ଦାୟୀ ନୋହୁଁ ।

To

The Editor, Utkal Deepika

Sir,

The purpose underlying all legal punishments is either educative, deterrent or vindictive. Law is the other name for morality and when the latter is outraged, the well-being of society cries for justice which does the needful and restores the disturbed equilibrium. The sanction and authority of the State is only a powerful auxiliary to the unwritten code of ethics whereby society is chiefly controlled. It is the sacred and imperative duty of the State to legislate for and penalise wrongful acts on the part of the people entrusted to its care. Whatever tends to retard the progress of society towards perfection or is in any way detrimental to its all-round well-being must be suppressed by the iron-hand of legislature. The Gaekwar of Baroda has successfully stamped out the drink-evil among boys by legislation. He has penalised early marriage, introduced compulsory education among his subjects and eradicated the manifold social evils that were hampering the growth of a robust nationality. The Raja of Sirmur following in the wake of the Gaekwar has issued a regulation which runs as follows:—

"Whoever being under eighteen years of age smokes cigars, cigarettes, uses or smokes tobacco or opium in any manner, or indulges in any intoxicating drug, wine, spirit, or other intoxicates, or any preparation made thereof, except on the prescription of a physician, shall, on conviction by a Magistrate****be punished with either

( a ) fine not exceeding rupees ten.
( b ) simple imprisonment not exceeding fifteen days.
( c ) whipping not exceeding twelve stripes.
( d ) any combination of these offences.
or ( e ) in cases in which fine shall only be imposed, in default of fine, simple imprisonment not exceeding fifteen days.

This movement is not confined to India alone. In Canada a statute has been passed against selling cigarettes to boys. The prohibition has been strictly enforced under an amendment of the Penal Code inflicting heavy fines on tobacconists selling cigarettes to boys, and empowring the police to confiscate any cigarettes found on youths under eighteen years of age.

Evidently parental authority is unable to fight out the ruinous habit of smoking and drunkenness among boys. Fortunately in India, wine is less indulged in than other intoxicates by our boys. The disastrous consequences of smoking tobacco by boys have arrested the attention of eminent men including members of the House of Commons. It is time that the Government should seriously consider the question of legislating for the prevention of this juvenile crime. If any public-spirited member of the Legislative Council takes up this *important question in right earnest, surely* the Government will move in this direction. Following a strict policy of non-interference, for good or evil—the Government have left us severely alone in our social affairs. We cannot expect any Government co-operation in the difficult task of removing the sorroding elements from our social organism. But we are confident, that in this matter wherein is involved the well-being of the future citizens of the empire, the Government will lend the weight of its authority in stumping out this crying nuisance from our society.

Telengabazar } I am, Yours obediently

6—9—08 } *Jyoti Prasad Banerjee B.L*

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

। ପ୍ର । ପଦ୍ମପୁର ବନ୍ଧୁଗ୍ରାମ ମୌଜାରେ ଥିବା ବନ୍ଧୁଗ୍ରାମ ମଧ୍ୟ ଇଂରାଜୀ ସ୍କୁଲଗୃହ ନିର୍ମାଣ ହେବା ନିମନ୍ତେ ଜନ ସାଧାରଣଙ୍କଠାରୁ ସଂଗ୍ରହ ହୋଇଥିବା ନଗଦ ଓ ଦାତାମାନଙ୍କ ନାମ ସୂଚନା ଉକ୍ତ ସ୍କୁଲର ସମ୍ପାଦକ ଆପଣଙ୍କ ପତ୍ରିକାରେ ପ୍ରକାଶ କରିଥିଲେ କିନ୍ତୁ ମାଲ ପଦାର୍ଥ ଦାତାମାନଙ୍କ ନାମ ପଶ୍ଚାତ୍ ପ୍ରକାଶ ହେବ ବୋଲି ତହିଁରେ ଉଲ୍ଲେଖ ନ ଥିବାରୁ ଆଶ୍ଚର୍ଯ୍ୟ ହେଲୁଁ । ନଗଦ ଟଙ୍କା ଏହା ଯେ ଦାନଯୋଗ୍ୟ ଅଟେ ଆଉ ପଦାର୍ଥମାନ ଦାନର ଯୋଗ୍ୟ ନୁହେ ଏହ । ସମ୍ପାଦକ ମହୋଦୟଙ୍କର ଭ୍ରମ ବିଶ୍ୱାସ । ଏହି ଭ୍ରମ ସଂଶୋଧନ କରିବାକୁ ତତ୍ପର ହେବା କାରଣ ସମ୍ପାଦକଙ୍କୁ ଅନୁରୋଧ କରୁଅଛୁଁ ।

ଗୌଧୂଳିବଜାର } ବଶମ୍ବଦ
ରଙ୍ଗଟେ } ଶ୍ରୀ କାମିନୀକିଶୋର ବୋଷ
୯।୯।୦୯ } ଜେ ସି ଅର
ଷ୍ଟେଟ୍ ଓଭରଲୁକର ଜମିଦାର
। ମୁ । ବନ୍ଧୁଗ୍ରାମ

Digitized by srujanika@gmail.com